ରଣଜୀରେ ଗୌରବଙ୍କ
ପ୍ରଥମଶତକ
▶କ୍ରୀଡ଼ା ପୃଷ୍ଠାରେ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 44 •ISSUE-109 •MONDAY •12 OCTOBER 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୧୦୯ •ସୋମବାର •୧୨ ଅକ୍ଟୋବର ୨୦୨୬ •ପୃଷ୍ଠା-୧୨ •ଟ.୭.୦୦

	125	NS 125	N160 S/SS	NS 160	220	NS 400
ଏକ୍ସ-ଶୋରୁମ୍ ମୂଲ୍ୟ	₹95 191/-	₹1 04 082/-	₹1 21 988/-	₹1 27 304/-	₹1 42 166/-	₹1 86 806/-
କ୍ୟାଶ୍ ଅଫର୍	₹2 500/-	₹2 500/-	₹3 000/-	₹3 000/-	₹3 000/-	₹5 000/-
PF ସେଭିଙ୍ଗ + 5 ମାଗଣା ସର୍ଭିସ୍	₹3 500/-	₹3 700/-	₹4 500/-	₹4 500/-	₹4 700/-	₹7 000/-
ମୋଟ ସଞ୍ଚୟ	₹6 000/-	₹6 200/-	₹7 500/-	₹7 500/-	₹7 700/-	₹12 000/-

Flipkart amazon.in ରେ ମଧ୍ୟ ଉପଲବ୍ଧ*

10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE

72198 21111

SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ଆବେଦନ କରନ୍ତୁ । 31 ଅକ୍ଟୋବର 2026 ପର୍ଯ୍ୟନ୍ତ ସଞ୍ଚୟ ପ୍ରଯୁଜ୍ୟ । ଉଲ୍ଲିଖିତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ଅଫର୍, ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (2 ଅତିରିକ୍ତ ମାଗଣା ସର୍ଭିସ୍) ର ସମଷ୍ଟି । ଫାଇନାନ୍‌ସର୍‌ଙ୍କ ଉପରେ ନିର୍ଭର କରି ଅଲଗା ଅଲଗା ଲୋକେସନ୍‌ରେ ଶୂନ୍ୟ ପ୍ରୋସେସିଙ୍ଗ ଫୀ ଅଲଗା ହୋଇପାରେ । ଫାଇନାନ୍‌ସର୍‌ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍‌ସ । ପ୍ରଯୁଜ୍ୟ ଅଫର୍ ମଡେଲ/ଅଞ୍ଚଳ ଅନୁସାରେ ଭିନ୍ନ ହୋଇପାରେ । ଉଦ୍ଧୃତ ଏକ୍ସ-ଶୋରୁମ୍ ମୂଲ୍ୟଗୁଡ଼ିକ ଯଥାଯୋଗ୍ୟ ମଡେଲଙ୍କ ବେସ୍ ଭାରିଆଣ୍ଟ'ର ଅଟେ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା କରାଯାଇଛି, ପ୍ରୋଫେଶନାଲ୍ ସୁପରଭିଜନ୍ ରେ, ଏକ ନିୟନ୍ତ୍ରିତ ଓ ଆବଦ୍ଧ ପରିବେଶରେ, ସର୍ବସାଧାରଣ ବା ସର୍ବସାଧାରଣଙ୍କ ସଡ଼କ ଠାରୁ ଦୂରରେ । ଏସବୁ ଷ୍ଟଣ୍ଟକୁ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ, ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକୁ ପାଳନ କରନ୍ତୁ ।

Authorised Dealers for BAJAJ Auto Ltd.: Jajpur Road PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781,** • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016,** • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

ବିଶେଷ ଟିପ୍ପଣୀ

ମୋଦୀ-ଶାହ ସରକାର ନାଗରିକଙ୍କ ମତଦାନ ଅଧିକାର ପରେ ଏବେ ଅସହମତି ପ୍ରକାଶ କରିବାର ଅଧିକାରକୁ ମଧ ଛଡ଼ାଇ ନେବାକୁ ଉଦ୍ୟମ କରୁଛନ୍ତି ।

– ଗୌରବ ଗୋଗୋଇ (ବରିଷ୍ଠ କଂଗ୍ରେସ ନେତା)

ଦିଲ୍ଲୀରେ ପ୍ରତିବାଦ ସମୟରେ ବିରୋଧୀ ନେତା ଓ ପ୍ରଦର୍ଶନକାରୀଙ୍କୁ ଅଟକ ରଖାଯିବାକୁ ନେଇ ପ୍ରତିବାଦ କରୁଛି । ଦିଲ୍ଲୀରେ ରହି ସୋମବାର ପ୍ରସ୍ତାବିତ ବିରୋଧୀ ମେଣ୍ଟର ଆନ୍ଦୋଳନରେ ନିଶ୍ଚିତ ଭାବେ ଯୋଗଦେବି ।

– ମମତା ବାନାର୍ଜୀ (ଟିଏମ୍‌ସି ସୁପ୍ରିମୋ)

ଜେନ୍ Z

ଦିଲ୍ଲୀରେ ଥିବା ସମସ୍ତ କକ୍ରୋଚ୍ ରହିଯାଆନ୍ତୁ; ପରବର୍ତ୍ତୀ ଆହ୍ୱାନ ଖୁବ୍ ଶୀଘ୍ର ଆସୁଛି । ନେତା ଓ ପ୍ରଦର୍ଶନକାରୀମାନେ ମୁକ୍ତ ହେବା ପରେ ଆନ୍ଦୋଳନ ପୁଣି ଯୋର ଧରିବ ।

–କକ୍ରୋଚ୍ ଜନତା ପାର୍ଟି @Cockroachisback

ଅଶାନ୍ତ ମଣିପୁର; ପୁଣି ଗୋଷ୍ଠୀ ସଂଘର୍ଷରେ ୯ ମୃତ

ଇମ୍ଫାଲ,୧୧ ।୧୦(ଏଜେନ୍ସି): ମଣିପୁରର ପାହାଡ଼ିଆ ଜିଲ୍ଲାଗୁଡ଼ିକରେ ପୁଣି ହିଂସା ଦେଖାଦେଇଛି । ଶୁକ୍ରବାର ଓ ଶନିବାର ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଯୋଗୁଁ ୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଘର ଜାଳିଦିଆଯାଇଛି । ରବିବାର ମଧ କାମଜୋଙ୍ଗ, ଉଖରୁଲ ଓ କାଙ୍ଗପୋକପି ଜିଲ୍ଲାରେ ଉତ୍ତେଜନା ଜାରି ରହିଛି । ପରିସ୍ଥିତି ନିୟନ୍ତ୍ରଣ ପାଇଁ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି । ମୁଖ୍ୟମନ୍ତ୍ରୀ ୱାଇ ଖେମଚାନ୍ଦ ସିଂହ ହିଂସାକୁ ନିନ୍ଦା କରିବା ସହ ସମସ୍ତ ସମ୍ପ୍ରଦାୟକୁ ଶାନ୍ତି ଓ ସଂଯମ ରକ୍ଷା କରିବାକୁ ନିବେଦନ କରିଛନ୍ତି । ଶାନ୍ତି ଫେରାଇ ଆଣିବା ଓ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶୁକ୍ରବାର ରାତିରେ ନାଗା ସଂଖ୍ୟାଗରିଷ୍ଠ କାମଜୋଙ୍ଗ ଜିଲ୍ଲାର କୁକି ଅଧ୍ୟୁଷିତ ଚାସାଦ ଗାଁରେ ଜଣେ ୨୨ ବର୍ଷୀୟା ମହିଳାଙ୍କୁ ଅଜ୍ଞାତ ଆକ୍ରମଣକାରୀ ଗୁଳି କରି ହତ୍ୟା କରିଥିଲେ । ଏହା ପରେ କୁକି ଓ ନାଗା ସଶସ୍ତ୍ର ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ଶନିବାର କାଙ୍ଗପୋକପି ଜିଲ୍ଲାର ଟାପୋନ୍ ଓ ମାକୁଇ ଗାଁରେ ସନ୍ଦିଗ୍ଧ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ଦୁଇ ଗ୍ରାମରକ୍ଷୀଙ୍କ ସମେତ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଥିବା ଅଧିକାରୀମାନେ କହିଛନ୍ତି । କାମଜୋଙ୍ଗର ନିଙ୍ଗଠୌ ଗାଁରେ ଗୁଳିମାଡ଼ରେ ଆଉ ଦୁଇ ଜଣ ପ୍ରାଣ ହରାଇଛନ୍ତି । ଉଖରୁଲରେ ମଧ ଗାଡ଼ିରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଚଳିତ ବର୍ଷ ଫେବ୍ରୁଆରିଠାରୁ କୁକି ଓ ନାଗା ସମ୍ପ୍ରଦାୟ ମଧ୍ୟରେ ହିଂସାରେ ୪୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ କୁହାଯାଇଛି । ଏହା ପୂର୍ବରୁ ମେଇତେଇ ଓ କୁକି ସମ୍ପ୍ରଦାୟ ମଧ୍ୟରେ ହିଂସାରେ ୩୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ।

ୟେମେନ ଯାଉଥିବା ଡଙ୍ଗା ବୁଡ଼ି ୧୦୯ ମୃତ, ୧୧୬ ନିଖୋଜ

ଜେନେଭା,୧୧ ।୧୦(ଏଜେନ୍ସି): ଜିବୁତିରୁ ପ୍ରବାସୀଙ୍କୁ ନେଇ ୟେମେନ ଯାଉଥିବା ଏକ ଡଙ୍ଗା ଭାରସାମ୍ୟ ହରାଇ ବୁଡ଼ିଯାଇଛି । ଅତ୍ୟଧିକ ଯାତ୍ରୀବୋଝ କାରଣରୁ ଏହି ଦୁର୍ଘଟଣା ଘଟିଛି । ଏଥିରେ ଅତି କମ୍‌ରେ ୧୦୯ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୧୫ ଜଣ ଶିଶୁ ଅଛନ୍ତି । ଅନ୍ୟ ୧୧୬ ଜଣ ନିଖୋଜ ଥିବା ଜାତିସଂଘର ଅନ୍ତର୍ଜାତୀୟ ପ୍ରବାସନ ସଂଗଠନ (ଆଇଓଏମ୍) ରବିବାର ସୂଚନା ଦେଇଛି । ଅକ୍ଟୋବର ୮ ଓ ୯ ତାରିଖ ମଧ୍ୟବର୍ତ୍ତୀ ରାତିରେ ଘଟିଥିବା ଏହି ଦୁର୍ଘଟଣା ସମୟରେ ଡଙ୍ଗାରେ ପ୍ରାୟ ୩୫୦ ଜଣ ଯାତ୍ରୀ ଥିଲେ । ଜିବୁତିର ଓବକ୍ ସହରର ଉତ୍ତର ଉପକୂଳ ନିକଟରେ ଡଙ୍ଗାଟି ବୁଡ଼ିଯାଇଥିବା ବଞ୍ଚିଯାଇଥିବା ଯାତ୍ରୀମାନେ କହିଛନ୍ତି । ୮୦ରୁ ଅଧିକ ଲୋକ ଏହି ଦୁର୍ଘଟଣାରୁ ବଞ୍ଚିଯାଇଛନ୍ତି । ସେମାନେ ସମସ୍ତେ ଇଥିଓପିଆର ନାଗରିକ । ଉଦ୍ଧାର ହୋଇଥିବା ମୃତଦେହ ମଧ୍ୟରେ ୫୨ ଜଣ ପୁରୁଷ, ୪୨ ଜଣ ମହିଳା ଓ ୧୫ ଜଣ ଶିଶୁ ଅଛନ୍ତି । ନିଖୋଜଙ୍କ ସନ୍ଧାନରେ ଜିବୁତି କର୍ତ୍ତୃପକ୍ଷ ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି । ଓବକ୍‌ର ଏକ ପ୍ରବାସୀ କେନ୍ଦ୍ରରେ ୬୪ ଜଣ ବଞ୍ଚିଯାଇଥିବା ଯାତ୍ରୀଙ୍କୁ ଆଇଓଏମ୍ ସହାୟତା ଯୋଗାଉଛି । ଦାରିଦ୍ର୍ୟ, ଅସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ଅନେକ ଲୋକ ବିପଜ୍ଜନକ ସମୁଦ୍ରପଥରେ ୟେମେନ ଦେଇ ଉପସାଗରୀୟ ଦେଶଗୁଡ଼ିକୁ ଯିବାକୁ ଉଦ୍ୟମ କରୁଛନ୍ତି ବୋଲି ସଂଗଠନ କହିଛି ।

ରିୟାଦ ବିମାନବନ୍ଦରରେ ହୁତି ଆକ୍ରମଣ: ୧୨ ମୃତ, ୩୦୯ ଆହତ

ରିୟାଦ,୧୧ ।୧୦ (ଏଜେନ୍ସି): ସାଉଦି ଆରବର ରାଜଧାନୀ ରିୟାଦସ୍ଥିତ କିଙ୍ଗ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୁତି ବିଦ୍ରୋହୀଙ୍କ ଆକ୍ରମଣରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୦୯ ଜଣ ଆହତ ହୋଇଛନ୍ତି । ଗୋଟିଏ ସପ୍ତାହ ମଧ୍ୟରେ ବିମାନବନ୍ଦର ଉପରେ ଏହା ତୃତୀୟ ଆକ୍ରମଣ । ଘଟଣା ପରେ ବିମାନ ଚଳାଚଳ ବନ୍ଦ ରଖାଯିବା ସହ ବିମାନଗୁଡ଼ିକର ଗତିପଥ ବଦଳାଯାଇଛି । ସାଉଦି କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ମୃତକଙ୍କ ମଧ୍ୟରେ ସାଉଦି ଆରବର ଚାରି ଜଣ ଏବଂ ବାଂଲାଦେଶର ଦୁଇ ଜଣଙ୍କ ସମେତ ଆମେରିକା, ଜୋର୍ଡାନ, ପାଲେଷ୍ଟାଇନ, ସିରିଆ, ସୁଦାନ ଓ ଇଜିପ୍ଟର ଜଣେ ଲେଖାଏଁ ନାଗରିକ ଅଛନ୍ତି । ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ଥିବା ସୂଚନା ମିଳିଛି । ଆକ୍ରମଣ ପାଇଁ ୟେମେନର ଇରାନ ସମର୍ଥିତ ହୁତି ବିଦ୍‌ରୋହୀମାନେ ନିଜକୁ ଦାୟୀ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣାକୁ 'ଭୟାବହ' ବୋଲି କହିବା ସହ ହୁତି ବିଦ୍‌ରୋହୀଙ୍କ ବିରୋଧରେ ସାଉଦି ଆରବର ସାମରିକ ଅଭିଯାନରେ ଆମେରିକା ସାମିଲ ହେବ କି ନାହିଁ, ତାହା ବିଚାର କରାଯାଉଥିବା କହିଛନ୍ତି । ଏହି ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି । ସାଧାରଣ ନାଗରିକ ଓ ନାଗରିକ ଭିତ୍ତିଭୂମି ଉପରେ ବାରମ୍ବାର ଆକ୍ରମଣ ସମ୍ପୂର୍ଣ୍ଣ ଅଗ୍ରହଣୀୟ ଏବଂ ଏହା ତୁରନ୍ତ ବନ୍ଦ ହେବା ଆବଶ୍ୟକ ବୋଲି ଭାରତ କହିଛି । ବୈଦେଶିକ ମନ୍ତ୍ରଣାଳୟର ବିବୃତି ଅନୁଯାୟୀ, ଅକ୍ଟୋବର ୧୦ର ଆକ୍ରମଣ ସମେତ ବିଗତ କିଛି ଦିନ ଧରି ବିମାନବନ୍ଦର ଉପରେ ହୋଇଥିବା ଆକ୍ରମଣରେ ଜୀବନହାନି ଓ ସମ୍ପତ୍ତି ନଷ୍ଟ ହୋଇଛି । ଘଟଣା ପରେ ବିମାନ ଚଳାଚଳ ସାମୟିକ ଭାବେ ବନ୍ଦ ରଖାଯାଇଥିଲା । ଭାରତ ସାଉଦି ଆରବର ସାର୍ବଭୌମତ୍ୱର ସୁରକ୍ଷା ପ୍ରତି ସମର୍ଥନ ଜଣାଇବା ସହ ଏହି ଅଞ୍ଚଳରେ ଶୀଘ୍ର ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରିବ ବୋଲି ଆଶା ପ୍ରକାଶ କରିଛି ।

ନିନ୍ଦା କଲା ଭାରତ

ଏମର୍ଜେନ୍‌ସି ଭଳି ପରିସ୍ଥିତି କରାଯାଉଛି: ସିଜେପି

ନୂଆଦିଲ୍ଲୀ, ୧୧ ।୧୦ (ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଚାଲିଥିବା ଆନ୍ଦୋଳନ ଦେଶବ୍ୟାପୀ ହେବ ବୋଲି କକ୍ରୋଚ ଜନତା ପାର୍ଟି (ସିଜେପି)ର ନେତାମାନେ ଚେତାବନୀ ଦେଇଛନ୍ତି । ଅଟକରୁ ମୁକ୍ତ ହେବା ପରେ ଦିଲ୍ଲୀରେ ସୌରଭ ଦାସ ଓ ଆଶୁତୋଷ ରାଙ୍କା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ସିଇସି ଇସ୍ତଫା ନଦେବା ପର୍ଯ୍ୟନ୍ତ ଏହି ସଂଗ୍ରାମ ଜାରି ରହିବ । ।ସେମାନେ ଅଭିଯୋଗ କରିଛନ୍ତି ଯେ ପୁଲିସ ସେମାନଙ୍କୁ ବିନା ନୋଟିସରେ ବେଆଇନ ଭାବେ ଅଟକ ରଖିଥିଲା । ସେମାନଙ୍କ ଫୋନ୍ ଜବତ କରାଯାଇଥିଲା ଏବଂ ଆଇନଜୀବୀଙ୍କ ସହ ଯୋଗାଯୋଗ କରିବାକୁ ଦିଆଯାଇ ନଥିଲା । ସେମାନେ ସରକାରଙ୍କ ଏପରି ଆଚରଣକୁ ୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତି ସହ ତୁଳନା କରିଛନ୍ତି । ବର୍ତ୍ତମାନ ସରକାର ଦିଲ୍ଲୀରେ ଏମର୍ଜେନ୍ସି ଭଳି ପରିସ୍ଥିତି ସୃଷ୍ଟି କରିଛନ୍ତି । ଗୋଟିଏ ବର୍ଷ ପର୍ଯ୍ୟନ୍ତ ଶାନ୍ତି ଭଙ୍ଗ ନକରିବା ପାଇଁ ସର୍ତ୍ତ ଏବଂ ୫୦,୦୦୦ ଟଙ୍କାର ମୁଚାଲିକାରେ ସେମାନଙ୍କୁ ମୁକ୍ତ କରାଯାଇଥିଲା । ହେଲେ ସିଜେପି ନେତାମାନେ ସ୍ପଷ୍ଟ କରିଛନ୍ତି ଯେ ସେମାନେ ଏଭଳି କୌଣସି ବଣ୍ଡରେ ଦସ୍ତଖତ କରି ନାହାନ୍ତି । ନିର୍ଦ୍ଧାରିତ ସ୍ଥାନରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା କୌଣସି ଅପରାଧ ନୁହେଁ ଏବଂ ଜନସାଧାରଣଙ୍କ ଭୋଟ୍ ଦେବାର ଅଧିକାର ରକ୍ଷା ପାଇଁ ଆନ୍ଦୋଳନ ଜାରି ରହିବ ।

ସୂଚନାଯୋଗ୍ୟ ଯେ ଅଭିଜିତ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଗତକାଲି ଠାରୁ ପୁଲିସ ଅଟକ ରଖିଥିଲା । ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ଆଜି ସକାଳେ ଦିଲ୍ଲୀର ଜ ।।ଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ପୁଲିସ ପକ୍ଷରୁ ସେମାନଙ୍କୁ ହାଜର କରାଯାଇଥିଲା । ଶାନ୍ତି ବଜାୟ ରଖିବା ଓ ସଦାଚରଣ ପାଇଁ ସେମାନେ ୫୦ ହଜାର ଟଙ୍କାର ମୁଚାଲିକା ଦାଖଲ କରିବା ପରେ ସେମାନଙ୍କୁ ମୁକ୍ତ କରାଯାଇଥିଲା । ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)ର ଧାରା ୧୨୬ ଓ ୧୭୦ ଅନୁଯାୟୀ ପୁଲିସ ସେମାନଙ୍କୁ ପ୍ରତିଷୋଧମୂଳକ ଭାବେ ଅଟକ ରଖିଥିଲା ।

ମୋତେ ଅପହରଣ କରାଯାଇଥିଲା: ଧ୍ରୁବ ରାଠୀ



ନୂଆଦିଲ୍ଲୀ,୧୧ ।୧୦(ଏଜେନ୍ସି): ଦିଲ୍ଲୀ ପୁଲିସ ହେପାଜତରୁ ମୁକ୍ତ ହେବା ପରେ ୟୁଟ୍ୟୁବର୍ ଧ୍ରୁବ ରାଠୀ ନିଜକୁ ଅଟକ ରଖାଯାଇନଥିଲା, ବରଂ ଅପହରଣ କରାଯାଇଥିଲା ବୋଲି ଅଭିଯୋଗ କରିଛନ୍ତି । ଶନିବାର ଗୁରୁଗ୍ରାମର ସେକ୍ଟର-୫୬ସ୍ଥିତ ତାଙ୍କ ବାସଭବନରୁ ପୁଲିସ ତାଙ୍କୁ ନେଇଯାଇଥିବାବେଳେ ବିଳମ୍ବିତ ରାତିରେ ସେ ମୁକ୍ତ ହୋଇଥିଲେ । ମୁକ୍ତି ପରେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ରାଠୀ ଲେଖିଛନ୍ତି, 'ମୋତେ ଗିରଫ କିମ୍ବା ଅଟକ ରଖାଯାଇ ନ ଥିଲା, ମୋତେ ଅପହରଣ କରାଯାଇଥିଲା ।' ଘଟଣା ସମ୍ପର୍କରେ ସେ ବିସ୍ତୃତ ତଥ୍ୟ ଦେବେ ବୋଲି ମଧ କହିଛନ୍ତି । କକ୍ରୋଚ୍ ଜନତା ପାର୍ଟି (ସିଜେପି) ଅଭିଯୋଗ କରିଛି ଯେ ଶନିବାର ସକାଳ ପ୍ରାୟ ୮ଟାରେ ସାଧା ପୋଷାକରେ ଥିବା ପ୍ରାୟ ୫୦ ଜଣ ପୁଲିସ କର୍ମଚାରୀ ରାଠୀଙ୍କ ଘରେ ପହଞ୍ଚି ତାଙ୍କୁ ନେଇଯାଇଥିଲେ । ତେବେ ଏହି ଅଭିଯୋଗ ସମ୍ପର୍କରେ ପୁଲିସର ପକ୍ଷ ରିପୋର୍ଟରେ ସ୍ପଷ୍ଟ ହୋଇନାହିଁ । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଜନ୍ତରମନ୍ତରରେ ପ୍ରସ୍ତାବିତ ପ୍ରତିବାଦକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ଏହି ପ୍ରତିବାଦ ସହ ଜଡ଼ିତ ଘଟଣାରେ ରାଜନେତାଙ୍କ ସମେତ ୩ ହଜାରରୁ ଅଧିକ ଲୋକଙ୍କୁ ଅଟକ ରଖାଯାଇ ପରେ ମୁକ୍ତ କରାଯାଇଥିଲା । ସିଜେପିର ତିନି ନେତା ଅଭିଜିତ ଦୀପକେ, ସୌରଭ ଦାସ ଓ ଆଶୁତୋଷ ରଙ୍କାଙ୍କୁ ମଧ ପ୍ରତିଷେଧମୂଳକ ଭାବେ ଅଟକ ରଖାଯାଇଥିଲା । ପରେ ଜଣେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା ।

ବ୍ୟାରିକେଡ୍ ହଟୁନି, ଦିଲ୍ଲୀରେ କଡ଼ା ସୁରକ୍ଷା ବଳବତ୍ତର

ନୂଆଦିଲ୍ଲୀ, ୧୧ ।୧୦ (ଏଜେନ୍ସି): ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ଆନ୍ଦୋଳନ ଜାରି ରଖିବାକୁ ଘୋଷଣା କରିବା ପରେ ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥା ବଳବତ୍ତର ରହିଛି । ରବିବାର ଲଗାତାର ଦ୍ୱିତୀୟ ଦିନ ପାଇଁ ରାଜଧାନୀରେ ୩୦ ହଜାରରୁ ଅଧିକ ପୁଲିସ ଓ ଅର୍ଦ୍ଧସାମରିକ ବାହିନୀ କର୍ମଚାରୀ ମୁତୟନ ହୋଇଛନ୍ତି । ଶନିବାର ଜନ୍ତରମନ୍ତରରେ ପ୍ରସ୍ତାବିତ ସମାବେଶ ପାଇଁ ଅନୁମତି ମିଳିନଥିବାରୁ ସେଠାକୁ ଯିବାକୁ ଉଦ୍ୟମ କରୁଥିବା ବହୁ ଆନ୍ଦୋଳନକାରୀଙ୍କୁ ପୁଲିସ ଅଟକ ରଖିଥିବା ରିପୋର୍ଟରେ କୁହାଯାଇଛି । ତେବେ ଅଟକ ବ୍ୟକ୍ତିଙ୍କ ସଠିକ୍ ସଂଖ୍ୟା ସମ୍ପର୍କରେ ଏହି ରିପୋର୍ଟରେ ସ୍ପଷ୍ଟ ସୂଚନା ଦିଆଯାଇନାହିଁ । ସୁରକ୍ଷା ପରିଚାଳନାରେ ଦିଲ୍ଲୀ ପୁଲିସକୁ ୧୨୦ରୁ ଅଧିକ କମ୍ପାନି କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ ସହାୟତା କରୁଛି । ନୂଆଦିଲ୍ଲୀ ଜିଲ୍ଲାକୁ ୨୦ଟି ଜୋନ୍‌ରେ ବିଭକ୍ତ କରାଯାଇଛି । ବିଭିନ୍ନ ଜୋନ୍‌ରେ ବରିଷ୍ଠ ପୁଲିସ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି । ରାଜଧାନୀର ସୀମାନ୍ତ ଅଞ୍ଚଳ, ରେଳଷ୍ଟେସନ୍, ବସ୍ ଟର୍ମିନାଲ୍ ଓ ଅନ୍ୟ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ନଜରଦାରି ବଢ଼ାଯାଇଛି । ଯାନବାହନ ଯାଞ୍ଚ ସହ ହୋଟେଲ, ଅତିଥିଶାଳା, ଲଜ୍ ଓ ଧର୍ମଶାଳାରେ ରହୁଥିବା ଲୋକଙ୍କ ପରିଚୟ ଯାଞ୍ଚ କରାଯାଉଛି । ଅନ୍ଦୋଳନ ପାଇଁ ଲୋକଙ୍କୁ ଏକାଠି କରିବାର ସମ୍ଭାବନା ଉପରେ ନଜର ରଖିବାକୁ ସାମାଜିକ ଗଣମାଧ୍ୟମର ଗତିବିଧି ମଧ ଯାଞ୍ଚ କରାଯାଉଛି । ପୁଲିସ ପକ୍ଷରୁ ଲୋକଙ୍କୁ ଶାନ୍ତି ବଜାୟ ରଖିବା ଏବଂ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି । ଯାତ୍ରା କରିବା ପୂର୍ବରୁ ସରକାରୀ ସୂଚନା ଯାଞ୍ଚ କରିବାକୁ ମଧ ପରାମର୍ଶ ଦିଆଯାଇଛି ।

ବାରମ୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇ ନିରାଶ ଲାଗୁଛି: ଶିବଲ

ନୂଆଦିଲ୍ଲୀ,୧୧ ।୧୦(ଏଜେନ୍ସି): ସୁପ୍ରିମକୋର୍ଟ ଉପରେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟସଭା ସାଂସଦ କପିଲ ଶିବଲଙ୍କ ଆସ୍ଥା ପୁନଃସ୍ଥାପନ କରିବାକୁ ଉଦ୍ୟମ କରାଯିବ ବୋଲି ରବିବାର କହିଛନ୍ତି ସୁପ୍ରିମକୋର୍ଟ । ନିର୍ବାଚନୀ ତାଲିକାରେ କଥିତ ଅନିୟମିତତା ସମ୍ପର୍କିତ ମାମଲାରେ ବାରମ୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇ ନିରାଶ ହେଉଥିବା ନେଇ ଶିବଲ ଦିନକ ପୂର୍ବରୁ ଅସନ୍ତୋଷ ପ୍ରକାଶ କରିଥିଲେ । ରବିବାର ଦିଲ୍ଲୀରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ କଟକଣା ଏବଂ କଥିତ ବେଆଇନ ଅଟକକୁ ନେଇ ହୋଇଥିବା ସ୍ୱତନ୍ତ୍ର ଶୁଣାଣି ସମୟରେ ଖଣ୍ଡପୀଠ କହିଥିଲେ, ଏହି ଅନୁଷ୍ଠାନ ଉପରେ ଶିବଲଙ୍କ ଆସ୍ଥା ଫେରାଇ ଆଣିବାକୁ ଆମେ ସଂକଳ୍ପବଦ୍ଧ । ଶିବଲଙ୍କ ଆସ୍ଥାକୁ ନ୍ୟାୟାଳୟର ଏକ ଶକ୍ତି ବୋଲି ମଧ ଖଣ୍ଡପୀଠ ଉଲ୍ଲେଖ କରିଥିଲେ । ଶନିବାର ସାମ୍ବାଦିକ ସମ୍ମିଳନୀରେ ଶିବଲ କହିଥିଲେ, ନିର୍ବାଚନ ପ୍ରକ୍ରିୟା ସମ୍ପର୍କିତ ଅଭିଯୋଗ ନେଇ ବାରମ୍ବାର ସୁପ୍ରିମକୋର୍ଟ ଯିବାକୁ ସେ ଏବେ ଥକି ପଡ଼ିଛନ୍ତି । ଅଦାଲତକୁ ଯାଇ କିଛି ଲାଭ ହେବ କି ନାହିଁ, ତାହା ନେଇ ତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିବା ସେ କହିଥିଲେ । ଏହା ତାଙ୍କର ବ୍ୟକ୍ତିଗତ ମତ ବୋଲି ମଧ ସ୍ପଷ୍ଟ କରିଥିଲେ । ମୁଖ୍ୟ ବିଚାରପତିଙ୍କ ଉପରେ ଅସନ୍ତୁଷ୍ଟ କି ବୋଲି ପ୍ରଶ୍ନରେ ଶିବଲ କହିଥିଲେ, ଏହା ବ୍ୟକ୍ତିଗତ ସନ୍ତୋଷ କିମ୍ବା ଅସନ୍ତୋଷର ପ୍ରସଙ୍ଗ ନୁହେଁ । ଲୋକଙ୍କ ଅଧିକାର ପାଇଁ ଲଢ଼ିବା ଆଇନଜୀବୀଙ୍କ ଦାୟିତ୍ୱ । ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ ନିଷେଧାଦେଶ ଲଗାଇ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ରୋକିବା ନେଇ ସେ ପ୍ରଶ୍ନ ଉଠାଇଥିଲେ । ଟ୍ରେନ୍ କିମ୍ବା ବିମାନରେ ଦିଲ୍ଲୀ ଆସୁଥିବା ଲୋକଙ୍କୁ ପ୍ରତିବାଦସ୍ଥଳରେ ପହଞ୍ଚିବା ପୂର୍ବରୁ ଅଟକ ରଖାଯାଉଥିବା ଅଭିଯୋଗ ମଧ କରିଥିଲେ । ଦିଲ୍ଲୀରେ ବ୍ୟାପକ ବ୍ୟାରିକେଡିଂ ଓ ସୁରକ୍ଷା ବଳ ମୁତୟନକୁ ନେଇ ମଧ ଶିବଲ ପ୍ରଶ୍ନ ଉଠାଇଥିଲେ ।



୨୧୦୦ ସୁଦ୍ଧା ମାନବଜାତିର ଅସ୍ତିତ୍ୱ ପ୍ରତି ବିପଦ!

ଘାତକ ସାଜିବ ପରମାଣୁ ଯୁଦ୍ଧ, ଏଆଇ, ଜୈବ ଅସ୍ତ୍ର

ନୂଆଦିଲ୍ଲୀ, ୧୧ ।୧୦(ଏଜେନ୍ସି): ପରମାଣୁ ଯୁଦ୍ଧ, କୃତ୍ରିମ ବୁଦ୍ଧିମତ୍ତାର ଅପବ୍ୟବହାର ଓ ଜୈବ ଅସ୍ତ୍ର ଆଗାମୀ ଦଶନ୍ଧିଗୁଡ଼ିକରେ ମାନବଜାତିର ଅସ୍ତିତ୍ୱ ପ୍ରତି ଗୁରୁତର ବିପଦ ସୃଷ୍ଟି କରିପାରେ । ଚିକିତ୍ସା ବିଜ୍ଞାନ ସମ୍ପର୍କିତ ପ୍ରତିଷ୍ଠିତ ପତ୍ରିକା 'ଦି ଲାନ୍‌ସେଟ୍'ରେ ପ୍ରକାଶିତ ଏକ ନୂତନ ରିପୋର୍ଟରେ ଏପରି ଚେତାବନୀ ଦିଆଯାଇଛି । ଏହି ବିପଦଗୁଡ଼ିକ ଯୋଗୁଁ ୨୧୦୦ ସୁଦ୍ଧା ମାନବଜାତିର ବିଲୁପ୍ତି ଘଟିବାର ଆଶଙ୍କା ଥିଲେ ମଧ ଏହାର ସମ୍ଭାବନା କମ୍ ବୋଲି ରିପୋର୍ଟରେ କୁହାଯାଇଛି । 'ଲାନ୍‌ସେଟ୍ କମିସନ୍ ଅନ୍ ୨୧ଷ୍ଟ ସେଞ୍ଚୁରି ଗ୍ଲୋବାଲ୍ ଥ୍ରେଟ୍ସ ଟୁ ହେଲ୍ଥ' ଶୀର୍ଷକ ଏହି ରିପୋର୍ଟରେ ଆଗାମୀ ୭୫ ବର୍ଷ ମଧ୍ୟରେ ମାନବ ସ୍ୱାସ୍ଥ୍ୟ ପ୍ରତି ୧୭ଟି ପ୍ରମୁଖ ବିପଦ ଚିହ୍ନଟ କରାଯାଇଛି । ଏଥିରେ ପରମାଣୁ ଯୁଦ୍ଧ, କୃତ୍ରିମ ବୁଦ୍ଧିମତ୍ତାର ଅପବ୍ୟବହାର, ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ, ମହାମାରୀ, ଶିଶୁଙ୍କ ଅପପୁଷ୍ଟି, ମୋଟାପଣ ଓ ଆନ୍ତର୍ଜାତିକ ସହାୟତା ହ୍ରାସ ଆଦି ରହିଛି । ୩୫ ଜଣ ବିଶେଷଜ୍ଞଙ୍କୁ ନେଇ ଗଠିତ ଏହି କମିସନ୍ ଚେତାଇଛି ଯେ, କୃତ୍ରିମ ବୁଦ୍ଧିମତ୍ତାର ଦୁରୁପଯୋଗ କରି ଜୈବ ଅସ୍ତ୍ର ତିଆରି କରାଗଲେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବିପନ୍ନ ହୋଇପାରେ । ସେହିପରି ପରମାଣୁ ଯୁଦ୍ଧ ଯୋଗୁଁ ବାୟୁମଣ୍ଡଳର ଉପରିଭାଗରେ ବିପୁଳ ପରିମାଣର କଣିକା ଜମା ହୋଇ ସୂର୍ଯ୍ୟାଲୋକକୁ ଅବରୋଧ କରିପାରେ । ଏହା କୃଷି ଉତ୍ପାଦନକୁ ହ୍ରାସ କରି ବ୍ୟାପକ ଦୁର୍ଭିକ୍ଷର କାରଣ ହୋଇପାରେ । ରିପୋର୍ଟ ଅନୁଯାୟୀ, ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୮ ଡିଗ୍ରି ସେଲ୍‌ସିୟସ୍‌ରେ ସୀମିତ ରଖାଗଲେ ୪.୪ ଡିଗ୍ରି ବୃଦ୍ଧି ତୁଳନାରେ ୧୮.୯ କୋଟି ସୁସ୍ଥ ଜୀବନବର୍ଷର କ୍ଷତି ରୋକାଯାଇପାରିବ । ଆନ୍ତର୍ଜାତିକ ସ୍ୱାସ୍ଥ୍ୟ ସହାୟତାରେ ବଡ଼ ଧରଣର ହ୍ରାସ ଘଟିଲେ ୨୧୦୦ ସୁଦ୍ଧା ୧୫୦ କୋଟି ସୁସ୍ଥ ଜୀବନବର୍ଷ ନଷ୍ଟ ହୋଇପାରେ । କମିସନ୍‌ର ସହ-ଅଧକ୍ଷ କ୍ରିଷ୍ଟୋଫର ମରେଙ୍କ ମତରେ, ଆଜିର ନେତାମାନଙ୍କ ନିଷ୍ପତ୍ତି ଭବିଷ୍ୟତ ପିଢ଼ିର ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ପ୍ରଭାବିତ କରିବ । ତେଣୁ ସରକାରମାନେ ବିପଦର ପୂର୍ବାନୁମାନ, ପ୍ରତିରୋଧ ଓ ମୁକାବିଲା ପାଇଁ ଏବେଠାରୁ ଯୋଜନା କରିବା ଆବଶ୍ୟକ ।

ଜେଲେଁସ୍କିଙ୍କୁ ହଟାଇବାକୁ ପଡ଼ିବ: ଟ୍ରମ୍ପ

ୱାସିଂଟନ, ୧୧ ।୧୦(ଏଜେନ୍ସି): ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କିଙ୍କୁ ଟାର୍ଗେଟ୍ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ୟୁକ୍ରେନ୍ ରୁଷୀୟ ତୈଳ ବିଶୋଧନାଗାର ଉପରେ ଆକ୍ରମଣ ବନ୍ଦ କରୁ ବୋଲି ଦାବି କରିବା ସହ ଜେଲେଁସ୍କିଙ୍କ ସ୍ଥାନରେ ନୂଆ ନେତୃତ୍ୱ ବାଛିବାକୁ ସେ ପରାମର୍ଶ ଦେଇଛନ୍ତି । ରୁଷ୍‌ଠାରୁ ଡିଜେଲ୍ ରପ୍ତାନି ସମ୍ପର୍କିତ ଆମେରିକାର ନିଷ୍ପତ୍ତିକୁ ନେଇ ଦୁଇ ଦେଶ ମଧ୍ୟରେ ମତଭେଦ ତୀବ୍ର ହୋଇଛି । ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକଙ୍କୁ ଟ୍ରମ୍ପ କହିଛନ୍ତି, ୟୁକ୍ରେନ ରୁଷୀୟ ତୈଳ ବିଶୋଧନାଗାର ଉପରେ ଆକ୍ରମଣ ବନ୍ଦ କରିବା ଉଚିତ । ଏଥିସହ ଚୁକ୍ତି କରିପାରୁଥିବା ଜଣେ ନୂଆ ନେତାଙ୍କୁ ବାଛିବା ପାଇଁ ୟୁକ୍ରେନ୍‌କୁ ସେ ପରାମର୍ଶ ଦେଇଛନ୍ତି । ରୁଷ୍‌ର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଡିଜେଲ୍ ରପ୍ତାନି ସମ୍ପର୍କିତ ବ୍ୟବସ୍ଥା ଆଗକୁ ବଢ଼ାଇବାକୁ ଟ୍ରମ୍ପଙ୍କ ନିଷ୍ପତ୍ତିରେ ୟୁକ୍ରେନ ଅସନ୍ତୋଷ ପ୍ରକାଶ କରିଛି ।

୧୫ ବର୍ଷ ପରେ ଏକାଠି ଆସିବେ
ଶାହାରୁଖ୍-କରିନା
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-109 ◆MONDAY ◆12 OCTOBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୦୯ ◆ସୋମବାର ◆୧୨ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ନେପାଳରେ ଫ୍ଲାଶ୍ ଫ୍ଲଡ୍; ଭାସିଗଲା ୩୫ ଘର

■ କାଠମାଣ୍ଡୁ,୧୧।୧୦(ଏଜେନ୍ସି): ନେପାଳରେ ପୁଣି ଆକସ୍ମିକ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ରବିବାର ଗୋରଖା ଜିଲ୍ଲାର ଚୁମନୁବ୍ରି ଗ୍ରାମାଞ୍ଚଳରେ ବୁଢ଼ୀ ଗଣ୍ଡକୀ ନଦୀର ଜଳସ୍ତର ହଠାତ୍ ବୃଦ୍ଧି ପାଇବାରୁ ୩୫ରୁ ଅଧିକ ଘର ଓ ସେତୁ ଭାସିଯାଇଛି। ଏକ ଜଳବିଦ୍ୟୁତ୍ ପ୍ରକଳ୍ପ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ଏହି ଘଟଣାରେ ଏପର୍ଯ୍ୟନ୍ତ କାହାରି ମୃତାହତ ହେବାର ଖବର ମିଳିନାହିଁ ବୋଲି ଜଣେ ଅଧିକାରୀ କହିଛନ୍ତି। ଆଜି ସକାଳ ୬ଟା ୩୦ରେ ନଦୀର ଜଳସ୍ତର ୩.୬୬ ମିଟର ଥିବାବେଳେ ସକାଳ ୮ଟା ୪୦ ସୁଦ୍ଧା ଏହା ୮.୪୩ ମିଟରରେ ପହଞ୍ଚିଥିଲା। ନଦୀର ବିପଦସଙ୍କେତ



୫ ମିଟର ଥିବାରୁ ପରିସ୍ଥିତି ଚିନ୍ତାଜନକ ହୋଇପଡ଼ିଥିଲା। ସକାଳ ୮ଟା ୩୦ରୁ ୮ଟା ୪୦ ମଧ୍ୟରେ ମାତ୍ର ୧୦ ମିନିଟ୍‌ରେ ଜଳସ୍ତର ୨ ମିଟରରୁ ଅଧିକ ବଢ଼ିଥିଲା।

କର୍ତ୍ତୃପକ୍ଷଙ୍କ ପ୍ରାରମ୍ଭିକ ଆକଳନ ଅନୁଯାୟୀ, ବର୍ଷା ଏହି ବନ୍ୟାର କାରଣ ନୁହେଁ। ନଦୀର ପ୍ରବାହ କୌଣସି କାରଣରୁ ଅବରୋଧ ହୋଇ ପରେ ହଠାତ୍ ମୁକ୍ତ ହୋଇଥିବାରୁ ବନ୍ୟା ଆସିଥାଇପାରେ ବୋଲି ଆଶଙ୍କା କରାଯାଉଛି। ତେବେ ପ୍ରକୃତ କାରଣ ଜାଣିବା ପାଇଁ ବୈଷୟିକ ଯାଞ୍ଚ ଚାଲିଛି। ବନ୍ୟାରେ ମାପ କେନ୍ଦ୍ର ଓ ସେତୁ ଭାସିଯାଇଥିବାରୁ ଅଧିକ ତଥ୍ୟ ସଂଗ୍ରହରେ ବାଧା ସୃଷ୍ଟି ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ▶ପୃଷ୍ଠା-୭

ଏଆଇ ଚଷମାରେ ହେବ ୟୁପିଆଇ ପେମେଣ୍ଟ

■ ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଏଣିକି ଅନ୍ଲାଇନ୍ ବା ୟୁପିଆଇ ପେମେଣ୍ଟ ପାଇଁ ଦରକାର ପଡିବନି ମୋବାଇଲ ହ୍ୟାଣ୍ଡସେଟ୍। ମୋବାଇଲ୍ ପକେଟ୍ରେ ରହିଥିବ ଏବଂ ସାମ୍ନାରେ ଥିବା କ୍ୟୁଆର କୋଡ୍ରେ ହୋଇଯିବ ପେମେଣ୍ଟ। ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମସି) ୨୦୨୬ରେ ଜିଓ ଆଣିଛି ଏଭଳି ଏକ ଅତ୍ୟାଧୁନିକ ଡିଭାଇସ୍। ପ୍ରଦର୍ଶନୀରେ କମ୍ପାନୀ ଏକ 'ସ୍କାନ୍ ଆଣ୍ଡ ପେ' ଡିଭାଇସ୍ ଆଣିଛି। ଏଥିରେ କ୍ୟାମେରା ଗ୍ଲାସ୍ ବା ଚଷମା ୟୁପିଆଇ କ୍ୟୁଆର କୋଡ୍କୁ ସ୍କାନ୍

କରିବ। ଏହାପରେ ବ୍ୟବହାରକାରୀ ଭଏସ୍ କମାଣ୍ଡ ଦେବେ ଏବଂ ନିଶ୍ଚିତକରଣ ପରେ ପେମେଣ୍ଟ ସମ୍ପନ୍ନ ହେବ। ଏଥିରେ ୟୁପିଆଇ ମାଧ୍ୟମରେ ଗୋଟିଏ ଥରରେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଅର୍ଥ ପେମେଣ୍ଟ କରାଯାଇପାରିବ। ଏହାର ମାସିକ ପେମେଣ୍ଟ ସୀମା ୧୫,୦୦୦ ଟଙ୍କା। ଏହି ନୂଆ ଡିଭାଇସ୍ ବ୍ୟବହାର ଦ୍ୱାରା ଦୋକାନରେ ପେମେଣ୍ଟ କରିବା ସମୟରେ ମୋବାଇଲ୍ ବାହାର କରିବା, ଅନଲକ୍ କରିବା, ଆପ୍ ଖୋଲିବା ଏବଂ କ୍ୟୁଆର କୋଡ୍ ସ୍କାନ୍ କରିବା ଭଳି ▶ପୃଷ୍ଠା-୭

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବି ଫୁଁ'

ଜ୍ଞାନେଶ ବିରୋଧୀଙ୍କୁ ରାସ୍ତାରୁ ବଳପୂର୍ବକ ଉଠାଇନେଲା ପୁଲିସ

■ ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକୁ ବି ଖାତିର କରୁନାହିଁ ଦିଲ୍ଲୀ ପୁଲିସ। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଦାବିରେ ଆନ୍ଦୋଳନ

୧୦୦ରୁ ଅଧିକ ଅଟକ, ମୁଖ୍ୟ ରାସ୍ତାରୁ ହଟୁନି ବାରିକେଡ୍; ଜନତା ହନ୍ତସନ୍ତ

ଗଣତାନ୍ତ୍ରିକ ଦେଶର ନାଗରିକଙ୍କ ସହ ଯୁଦ୍ଧ କରୁଛନ୍ତି ସରକାର: ସିଜେପି

ଦମନ ଲାଗି ପୂର୍ବପରି କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଶତାଧିକ ଆନ୍ଦୋଳନକାରୀଙ୍କୁ ଅଟକ ରଖିଛି। ରେଳ ଚଳାଚଳ ସ୍ୱାଭାବିକ କରିବା ସହିତ ମେଟ୍ରୋ ଷ୍ଟେସନ ଖୋଲିବା ସତ୍ତ୍ୱେ ରାଜଧାନୀର ସାଧାରଣ ଜୀବନ ସ୍ୱାଭାବିକ ହୋଇନାହିଁ। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବାରିକେଡ୍ ହଟାଯାଉନାହିଁ। ସାରା ରାଜଧାନୀରେ ୩୦ ହଜାର ପୁଲିସ ମୁତୟନ ଥିବା ବେଳେ ପରିସ୍ଥିତି ଅଶାନ୍ତ ରହିଛି। ପୁଲିସ ଦମନଲୀଳାରୁ ସାଂସଦ, ସାମ୍ବାଦିକ ଏବଂ ଆଇନଜୀବୀ ମଧ୍ୟ ବର୍ତ୍ତିପାରି ନାହାନ୍ତି।

ବ୍ୟାପକ ପୁଲିସ ବ୍ୟବସ୍ଥା ଏବଂ ଦମନଲୀଳା ସତ୍ତ୍ୱେ କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଆନ୍ଦୋଳନ ଆଜି ଦ୍ୱିତୀୟ ଦିନ ମଧ୍ୟ ଜାରି ରହିଛି। ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ଚଳାଇଥିବା ସିଜେପିକୁ ସମର୍ଥନ ଜଣାଇ ବିଭିନ୍ନ ସଂଗଠନର କର୍ମୀ ଆଜି ଯନ୍ତରମନ୍ତର ଆଡ଼କୁ ଅଗ୍ରସର ହେଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇବା ସହିତ ପୁଲିସ ବସ୍ ଭିତରକୁ ଟାଣିନେଇଥିଲା। ଷ୍ଟୁଡେଣ୍ଟ୍ସ ଫେଡେରେସନ ଅଫ୍ ଇଣ୍ଡିଆ ଏବଂ କ୍ରାନ୍ତିକାରୀ ଯୁବ ସଂଗଠନର ▶ପୃଷ୍ଠା-୭

'ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କୁ ବେଆଇନ ଅଟକ ରଖିହେବନି'

■ ନୂଆଦିଲ୍ଲୀ, ୧୧।୧୦ (ଏଜେନ୍ସି): ଶାନ୍ତିପୂର୍ଣ୍ଣ ଭାବେ ଏକାଠି ହେଉଥିବା ଲୋକଙ୍କୁ ବେଆଇନ ଭାବେ ଅଟକ ରଖାଯାଇପାରିବ ନାହିଁ। ଦିଲ୍ଲୀରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ହୋଇଥିବା ଆନ୍ଦୋଳନ ସମୟରେ ପୁଲିସର କାର୍ଯ୍ୟାନୁଷ୍ଠାନ ଓ ବେଆଇନ ଅଟକ ନେଇ ଆସିଥିବା ଅଭିଯୋଗର ଶୁଣାଣି କରି ସୁପ୍ରିମ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀରୁ ଅନାବଶ୍ୟକ ବାରିକେଡ୍ ହଟାଇବା ସହିତ ପୁଲିସର ବଳପ୍ରୟୋଗ, ବେଆଇନ ଅଟକ ଅଭିଯୋଗ ଉପରେ ଜବାବ ମାଗିଛନ୍ତି କୋର୍ଟ।



ରବିବାର ଦିନ ସାଢ଼େ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି ମୋହନାଙ୍କ ଖଣ୍ଡପୀଠ ମାମଲାର ସ୍ୱତନ୍ତ୍ର ଶୁଣାଣି କରିଥିଲେ। କୋର୍ଟ କହିଲେ ଯେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଅନୁଯାୟୀ ▶ପୃଷ୍ଠା-୭

ଇଣ୍ଡିଆ ମେଣ୍ଟର 'ସୁପ୍ରିମ' ମାର୍ଚ୍ଚ ଆଜି

■ ନୂଆଦିଲ୍ଲୀ,୧୧।୧୦(ଏଜେନ୍ସି): ଦେଶର ନିର୍ବାଚନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଭୂମିକାକୁ ନେଇ କେନ୍ଦ୍ର ସରକାର ଓ ନିର୍ବାଚନ ଆୟୋଗ ବିରୋଧରେ ଆନ୍ଦୋଳନ ଜୋରଦାର କରିଛି ବିରୋଧୀ ଇଣ୍ଡିଆ ମେଣ୍ଟ। ଭୋଟ୍ ଚୋରି ବନ୍ଦ କରିବା, ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ସ୍ଥଗିତ ରଖିବା ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳଗୁଡ଼ିକ ଆସନ୍ତାକାଲି ଇଣ୍ଡିଆ ଗେଟ୍‌ରୁ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଏକ ବିଶାଳ ପ୍ରତିବାଦ ପଦଯାତ୍ରା କରିବାକୁ ଆହ୍ୱାନ ଦେଇଛନ୍ତି। ସୋମବାର ଅପରାହ୍ଣ ୪ଟା ପରେ ବିରୋଧୀ ନେତାଙ୍କ ଏକ ପ୍ରତିନିଧି ଦଳ ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିବେ। ଏହି ଶୋଭାଯାତ୍ରାରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କ ସମେତ ଇଣ୍ଡିଆ ମେଣ୍ଟର ବହୁ ସାଂସଦ ଓ ବରିଷ୍ଠ ନେତା ସାମିଲ ହେବେ। ଏହି ଉପଲକ୍ଷେ ରାହୁଲ ଗାନ୍ଧୀଙ୍କ 'ଡରୋ ମତ୍' ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଲେଖିଛନ୍ତି ଯେ, ଏହି ଶୋଭାଯାତ୍ରାରେ ଦେଶର ଯୁବବର୍ଗ, ସିଭିଲ ସୋସାଇଟି ଏବଂ ଗଣତନ୍ତ୍ର ତଥା ସମ୍ବିଧାନକୁ ବିଶ୍ୱାସ କରୁଥିବା ନାଗରିକମାନେ ଦଳ, ଜାତି, ଧର୍ମ, ଲିଙ୍ଗ ଓ ରାଜ୍ୟ ନିର୍ବିଶେଷରେ ସାମିଲ ହେବେ। ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ▶ପୃଷ୍ଠା-୭

ଓଲଟ ପାଲଟ

ଦିଲ୍ଲୀର ଯନ୍ତରମନ୍ତରଠାରେ
କକ୍ରୋଚ ଜନତା ଦଳ,
ଜ୍ଞାନେଶ କୁମାର ହଟାଇବା ପାଇଁ
ପୁଣି ହେଲେ ଏକ ମେଳ।
କେନ୍ଦ୍ର ସର୍କାରକୁ କାଳ,
ହୁହୁ ହୋଇ ମାଡି ଆସୁଛନ୍ତି
ଅବସ୍ଥାଟି ଅସମ୍ଭାଳ।
'ସୁପ୍ରିମ' କହିଲେ ମାଛି ମାରିବାକୁ
ଲଗାନା ହାତୁଡ଼ି ବଳ,
ବେହାଲ ଶାସନ କଳ॥
- ଯାଯାବର

ସୃଷ୍ଟି ହେଲା ଘୂର୍ଣ୍ଣିବଳୟ, ୧୩ରେ ଲଘୁଚାପ

■ ଭୁବନେଶ୍ୱର, ୧୧।୧୦ (ସମିସ): ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ଅକ୍ଟୋବର ୧୩ରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ଘନୀଭୂତ ହେବାର ଆଶଙ୍କା ରହିଥିଲେ ମଧ୍ୟ ବିଶେଷ ଶକ୍ତିଶାଳୀ ହେବାର ସମ୍ଭାବନା କମ୍ ରହିଛି। ତଥାପି ଓଡ଼ିଶା ଉପରେ ପ୍ରଭାବ କ'ଣ ରହିବ ତାହା ମଧ୍ୟ ଏବେ ବି ଅସ୍ପଷ୍ଟ ରହିଛି। ଅନ୍ୟପଟେ ଏହି ଲଘୁଚାପ ୧୬-୧୮ ବେଳକୁ ଉପକୂଳ ନିକଟବର୍ତ୍ତୀ ହେବାକୁ ଥିବାରୁ ରାଜ୍ୟର କେତେ ସ୍ଥାନରେ ଏହି ସମୟରେ ବର୍ଷା ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ରର ବୁଲେଟିନ୍ ଅନୁଯାୟୀ ରାଜ୍ୟରେ ୧୬ରୁ ୧୮ ତାରିଖ ମଧ୍ୟରେ ଉପକୂଳ ଓ ସଂଲଗ୍ନ ଆଭ୍ୟନ୍ତରୀଣ ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ମୌସୁମୀ ଅପସାରଣ ପ୍ରକ୍ରିୟା ଓ ଉତ୍ତର-ପୂର୍ବ ମୌସୁମୀର ସକ୍ରିୟତା ମଧ୍ୟରେ ଏହି ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ସାମୁଦ୍ରିକ ସ୍ଥିତି ଓ ବାୟୁ ମଣ୍ଡଳୀୟ ପରିସ୍ଥିତି ଅଧିକ ଅନୁକୂଳ ନ ଥିବାରୁ ଏହା ଲଘୁଚାପ କିମ୍ବା ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ମଧ୍ୟରେ ସୀମିତ ରହିପାରେ ବୋଲି ଆଶଙ୍କା କରାଯାଉଛି।

ଓଡ଼ିଶା ଉପରେ ପ୍ରଭାବ ଏବେ ବି ଅସ୍ପଷ୍ଟ

୧୬ ତାରିଖରୁ ରାଜ୍ୟରେ ବର୍ଷା ସମ୍ଭାବନା



ଜାତୀୟ ବିଜେପି ନେତାଙ୍କୁ ଓଡ଼ିଶା ଚିନ୍ତା

ବହୁ ବିଭାଜିତ ସଂଗଠନ ସଜାଡ଼ିବେ ସହ-ମହାମନ୍ତ୍ରୀ ସୌଦାନ!

■ ଭୁବନେଶ୍ୱର, ୧୧।୧୦ (ସମିସ): ଓଡ଼ିଶା ବିଜେପିରେ ସବୁକିଛି ଠିକ୍ ନାହିଁ। ନେତାଙ୍କ ମଧ୍ୟରେ ମନାନ୍ତର, ସରକାର ଓ ସଂଗଠନ ମଧ୍ୟରେ ସମନ୍ୱୟ ଅଭାବ; ସର୍ବୋପରି ଛାମୁଆଁ ନେତାଙ୍କ ମଧ୍ୟରେ ପରସ୍ପର ପ୍ରତି ସନ୍ଦେହ ଓ ଅବିଶ୍ୱାସ କାହାକୁ ଅଛପା ନାହିଁ। ସ୍ୱତନ୍ତ୍ର ସୂତ୍ରରୁ ଶୀର୍ଷ ନେତୃତ୍ୱଙ୍କ ନିକଟରେ ଦାଖଲ ୨୦ ପୃଷ୍ଠିଆ ରିପୋର୍ଟ ରାଜ୍ୟରେ ଦଳର ସ୍ଥିତି, ଦଳୀୟ ନେତାମାନଙ୍କ କାର୍ଯ୍ୟକଳାପକୁ ଏବେ ଦଳୀୟ ନେତାଙ୍କୁ ଚିନ୍ତାଗ୍ରସ୍ତ କରିଛି। ଏହି ସମୟରେ ଗତ ଦୁଇ ସପ୍ତାହ ମଧ୍ୟରେ ତିନି ଚାରିଟି ଘଟଣା ପରେ ଜାତୀୟ ନେତୃତ୍ୱ ଓଡ଼ିଶାକୁ ନେଇ ବେଶ ସମ୍ବେଦନଶୀଳ ହୋଇଥିବା ମନେ ହେଉଛି। ରାଜ୍ୟରେ ବିଜେପି ପ୍ରଭାରୀ ଓ ସହ ପ୍ରଭାରୀ ପରିବର୍ତ୍ତନ, ଅପ୍ରତ୍ୟାଶିତ ଭାବରେ ଛାତ୍ର ସଂସଦ ନିର୍ବାଚନ ଘୋଷଣା, ରାଜ୍ୟପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟ ଓ ରାଷ୍ଟ୍ରୀୟ ସହ ମହାମନ୍ତ୍ରୀ ତଥା ୪ ରାଜ୍ୟର ପ୍ରାନ୍ତୀୟ ପ୍ରଭାରୀ ସୌଦାନ ସିଂହଙ୍କ ଗସ୍ତ ଓଡ଼ିଶା ସଂଗଠନ ବହୁ ଦିଗକୁ ଇଙ୍ଗିତ କରିଛି।

ତିନିଦିନିଆ ଓଡ଼ିଶା ଗସ୍ତର ପ୍ରଥମ ଦିନରେ ଦଳର ଶୀର୍ଷ ନେତୃତ୍ୱଙ୍କ ସହ ବୈଠକ କରିଛନ୍ତି

ପ୍ରଥମ ଦିନରେ ରାଜ୍ୟ ବିଜେପି ନେତୃତ୍ୱଙ୍କ ସହ ଘଣ୍ଟିକିଆ ବୈଠକ

ରାଷ୍ଟ୍ରୀୟ ସହ ସଙ୍ଗଠନ ମହାମନ୍ତ୍ରୀ ଶ୍ରୀ ସିଂହ। ପରବର୍ତ୍ତୀ ଦୁଇଦିନରେ ମଧ୍ୟ ସେ ଦଳର ଅନ୍ୟ ନେତାମାନଙ୍କ ସହ ଭିନ୍ନଭିନ୍ନ ବୈଠକ କରିବେ ବୋଲି ସୂଚନା ମିଳିଛି। ବହୁ ବିଭାଜିତ ବିଜେପି ସଂଗଠନକୁ ସୌଦାନ କିପରି ପରଖୁଛନ୍ତି ଏବଂ ଏହାର ପ୍ରତିକାର କରୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି। ରବିବାର ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀ ସିଂ ବିମାନ ବନ୍ଦରରୁ ସିଧାସଳଖ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇ ବିଜେପି ଶୀର୍ଷ ନେତୃତ୍ୱଙ୍କ ସହ ବୈଠକ କରିଛନ୍ତି। ବୈଠକରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ସାଧାରଣ ସମ୍ପାଦକ ଶାରଦା ଶତପଥୀଙ୍କ ସହ ଅନ୍ୟ କେତେକ ଶୀର୍ଷ ନେତୃତ୍ୱ ଉପସ୍ଥିତ ଥିଲେ। ପ୍ରାୟ ଏକ ଘଣ୍ଟା କାଳ ଧରି ଚାଲିଥିବା ବୈଠକରେ କ'ଣ ଆଲୋଚନା ହୋଇଛି, ସେ ସମ୍ପର୍କରେ ଦଳ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ତେବେ ଦଳ ଓ ସଂଗଠନ ସହ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା କୁହାଯାଉଛି। ସୋମବାର ଓ ମଙ୍ଗଳବାର ସୌଦାନ ଓଡ଼ିଶାରେ ରହିବାକୁ ଥିବାବେଳେ ସେ ଏକାଧିକ ବୈଠକ ସହ ଅନ୍ୟାନ୍ୟ ସାଂଗଠନିକ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ସୂଚନା ମିଳିଛି। ▶ପୃଷ୍ଠା-୭

ଛାତ୍ର ସଂସଦ ନିର୍ବାଚନ: ହିଂସା ଅଣାୟତ୍ତ; କଲେଜ ଅଶାନ୍ତ

■ ଭୁବନେଶ୍ୱର, ୧୧।୧୦ (ସମିସ): ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜ୍ୟର କଲେଜ କ୍ୟାମ୍ପସ୍ ଏବେ ଅଶାନ୍ତ। କେଉଁଠି ବୋମାମାଡ଼ ତ ଆଉ କେଉଁଠି ପ୍ରାର୍ଥୀଙ୍କ ଉପରେ ମରଣାନ୍ତକ ଆକ୍ରମଣ। ଅନ୍ୟ କେଉଁଠି ନାମାଙ୍କନପତ୍ର ଖାରଜକୁ ନେଇ ଛାତ୍ର ଅସନ୍ତୋଷ ଉଗ୍ରରୂପ ନେଉଛି। ଏପରିକି କଲେଜ ଫାଟକ ଭାଙ୍ଗି ଅନୁପ୍ରବେଶ ଓ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଭଳି ଘଟଣା ଶିକ୍ଷାନୁଷ୍ଠାନର ଶାନ୍ତ ପରିବେଶକୁ ଅଶାନ୍ତ କରିଦେଇଛି। ହିଂସା ଓ ଉତ୍ତେଜନା ଯୋଗୁଁ ବିଭିନ୍ନ କଲେଜରେ ନିର୍ବାଚନ ବାତିଲ୍ କିମ୍ବା ସ୍ଥଗିତ ରଖାଯିବା ସହ ସାଇନ୍-ଏ-ଡାଏ ଘୋଷଣା କରାଯାଇଛି। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିର୍ବାଚନକୁ ନେଇ ଉତ୍ସାହ ବଦଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

- ମରଣାନ୍ତକ ଆକ୍ରମଣରେ ବିଜେବି ସଭାପତି ପ୍ରାର୍ଥୀ ଗୁରୁତର
- ପିପିଲି ପଦା ପଡ଼ିଆରେ ଛାତ୍ରଛାତ୍ରୀଙ୍କ ଭୋଜିବେଳେ ଆକ୍ରମଣ
- ବିଜେପି କର୍ମୀ ଭାଙ୍ଗିଲେ ନୟାଗଡ଼ ମହିଳା କଲେଜ ଫାଟକ
- ଯାଜପୁର, ଗଞ୍ଜାମ, ଜଗତସିଂହପୁର, ଭଦ୍ରକରେ ସ୍ଥିତି ଅଣାୟତ୍ତ
- ବିଭିନ୍ନ ଜିଲ୍ଲାରେ ଅଧିକାଂଶ କଲେଜ ସାଇନ୍ ଡ଼ାଏ ଘୋଷଣା

ରବିବାର ଭୁବନେଶ୍ୱରର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାପତି ପ୍ରାର୍ଥୀ ଆର୍ଯ୍ୟନ ମହାପାତ୍ରଙ୍କ ଉପରେ ପିପିଲିର ପଦା ପଡ଼ିଆରେ ଆକ୍ରମଣ ହୋଇଛି। ସମର୍ଥକଙ୍କ ସହ ଭୋଜି କରୁଥିବାବେଳେ ପ୍ରତିପକ୍ଷ ଗୋଷ୍ଠୀର ଆକ୍ରମଣରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ପ୍ରଥମେ ପିପିଲି ହସ୍ପିଟାଲ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ତାଙ୍କୁ ଚିକିତ୍ସା କରାଯାଇଛି। ନୟାଗଡ଼ ମହିଳା ମହାବିଦ୍ୟାଳୟରେ ଯୁବ ବିଜେପି କର୍ମୀ ଫାଟକ ଭାଙ୍ଗି ପ୍ରବେଶ ଘଟଣା ଏବେ ବି ପରିବେଶକୁ ଅଶାନ୍ତ କରି ରଖିଛି। ଏହାପରେ ନିର୍ବାଚନକୁ ବାତିଲ କରାଯାଇଥିବାବେଳେ ପ୍ରଜାମଣ୍ଡଳ ▶ପୃଷ୍ଠା-୭

ଗ୍ୟାସ୍ ସିଲିଣ୍ଡର ଫାଟି ଅଗ୍ନିକାଣ୍ଡ

୪ ବର୍ଷର ଶିଶୁକନ୍ୟା ମୃତ

■ ଧର୍ମଶାଳା, ୧୧।୧୦ (ସମିସ): ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅରାବଳ ପଞ୍ଚାୟତ ଅରାବଳ ଗ୍ରାମରେ ରୋଷେଇ ଗ୍ୟାସର ପାଇପ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟି ୪

ବଡ଼ବାପା, ବାପାମାଆ ଗୁରୁତର

ବର୍ଷର ଶିଶୁ କନ୍ୟାର ମୃତ୍ୟୁ ହୋଇଥିବା ବେଳେ ବାପା, ବଡ଼ ବାପା ଓ ମା' ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ଆଜି ସକାଳେ ଅଭିରାମ ମଲିକଙ୍କ ପତ୍ନୀ ତିଳୋତ୍ତମା ମଲିକ ରୋଷେଇ କରୁଥିବା ବେଳେ ହଠାତ ଗ୍ୟାସ୍ ପାଇପ ଫାଟି ନିଆଁ

ଲାଗିଯାଇଥିଲା। ସେହି ଘରେ ୪ ବର୍ଷର ଶିଶୁ କନ୍ୟା ପାପାଲି ମଲିକ ଖେଳୁଥିବା ବେଳେ ନିଆଁର ପ୍ରକୋପରେ ଆସି ସମ୍ପୂର୍ଣ୍ଣ ଜଳିଯାଇ ମୃତ୍ୟୁବରଣ ▶ପୃଷ୍ଠା-୭

ଜପକୁଦରେ ୭ ଆହତ

■ ସାଲେପୁର,୧୧।୧୦ (ସମିସ): ସାଲେପୁର ବ୍ଲକ୍ ଅନ୍ତର୍ଗତ ଜପକୁଦ ବଜାରରେ ଆଜି ଅପରାହ୍ନରେ ଗ୍ୟାସ୍ ଲିକ୍‌ରୁ ବିସ୍ଫୋରଣ ଘଟି ତିନି ଜଣ ମହିଳା, ତିନି ଜଣ ପୁରୁଷ ଓ ଜଣେ ଶିଶୁଙ୍କ ସମେତ ଏକାଧିକ ବ୍ୟକ୍ତି ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୀନବନ୍ଧୁ ସାହୁଙ୍କ ଦୋକାନ ଖୋଲିବା ସମୟରେ ଗ୍ୟାସ୍ ଲିକ୍ ହୋଇଥିଲା। ଏହାର ପ୍ରଭାବରେ ଦୋକାନ ▶ପୃଷ୍ଠା-୭

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

ବାରାଣସୀ ଓ ଅଯୋଧ୍ୟା ବାହାରିଲେ ୧୪୦ ବରିଷ୍ଠ ନାଗରିକ

କେନ୍ଦୁଝର, ୧୧।୧୦(ସମିସ)

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ କେନ୍ଦୁଝର ଜିଲ୍ଲାରୁ ମୋଟ୍ ୧୪୦ ଜଣ ବରିଷ୍ଠ ନାଗରିକ ବାରାଣସୀ ଏବଂ ଅଯୋଧ୍ୟା ଅଭିମୁଖେ ଏକ ଆଧ୍ୟାତ୍ମିକ ତୀର୍ଥଯାତ୍ରାରେ ବାହାରିଛନ୍ତି। ଏହି ତୀର୍ଥଯାତ୍ରା ଭ୍ରମଣ ୨୦୨୬ ଅକ୍ଟୋବର ୧୧ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। କେନ୍ଦୁଝରଗଡ଼ ପୌରପାଳିକାର କଲ୍ୟାଣ ମଣ୍ଡପଠାରେ ଅପରାହ୍ନ ୨:୪୫ ମିନିଟରେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ ଏହି ତୀର୍ଥଯାତ୍ରୀ ବସ୍‌କୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ପ୍ରଧାନ, ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ରମେଶଚନ୍ଦ୍ର ନାୟକ ଏବଂ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁଶ୍ରୀ ବିନତି ମାଝୀ ଉପସ୍ଥିତ ଥିଲେ। ଅପାର ଧାର୍ମିକ ତଥା ସାଂସ୍କୃତିକ ଗୁରୁତ୍ୱ ପାଇଁ ଜଣାଶୁଣା ପବିତ୍ର ସହର ବାରାଣସୀ ଏବଂ ଅଯୋଧ୍ୟା ପରିଦର୍ଶନ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଅଂଶଗ୍ରହଣ କରିଥିବା ବରିଷ୍ଠ ନାଗରିକମାନେ ଖୁସି ଓ ଉତ୍ସାହ ପ୍ରକାଶ କରିଥିଲେ। ଏହି ଯୋଜନା ବୟସ୍କ ନାଗରିକମାନଙ୍କୁ ଏକ ଆଧ୍ୟାତ୍ମିକ ଯାତ୍ରା

କରିବା ଏବଂ ଦେଶର ପ୍ରମୁଖ ତୀର୍ଥସ୍ଥଳଗୁଡ଼ିକୁ ଅନୁଭବ କରିବାର ଏକ ସୁଯୋଗ ପ୍ରଦାନ କରିଥାଏ। ତୀର୍ଥଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଓ ଯାତ୍ରାକୁ ସହଜ କରିବା ତଥା ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ଏସକର୍ଟ ଅଫିସର (ସହଯୋଗୀ ଅଧିକାରୀ) ମାନେ ସମ୍ପୂର୍ଣ୍ଣ ଯାତ୍ରା ସମୟରେ ଏହି ଦଳ ସହିତ ରହିଛନ୍ତି। ଏହି ପଦକ୍ଷେପ ବରିଷ୍ଠ ନାଗରିକମାନଙ୍କ ପାଇଁ ତୀର୍ଥଯାତ୍ରାର ସୁଯୋଗ ସୃଷ୍ଟି କରିବା ଏବଂ ସେମାନଙ୍କ ପାଇଁ ଏକ ସୁରକ୍ଷିତ, ଆରାମଦାୟକ ତଥା ସ୍ମରଣୀୟ ଆଧ୍ୟାତ୍ମିକ ଅନୁଭୂତି ସୁନିଶ୍ଚିତ କରୁଛି।

ବରଗୋଠରୁ ଦୁଇ ଗିରଫ; ବନ୍ଧୁକ ସହ ବିସ୍ଫୋରକ ଜବତ

ଆନନ୍ଦପୁର, ୧୧।୧୦ (ସମିସ): ଆନନ୍ଦପୁର ଥାନା ଅନ୍ତର୍ଗତ ବରଗୋଠ ଗ୍ରାମରୁ ପୁଲିସ ଦୁଇ ସନ୍ଦିଗ୍ଧଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ମାରଣାସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରିଥିବା ଜଣାଯାଇଛି। ଆନନ୍ଦପୁର ପୁଲିସ ପାଟ୍ରୋଲିଙ୍ଗ କରୁଥିବା ବେଳେ ବରଗୋଠ ଗ୍ରାମର ନଣ୍ଡା ହୋ ଓ ଚକରା ହୋଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ୨୯ଟି ଗୁଳି, ଗନ ପାଉଡର ଓ କେତେକ ମାରଣାସ୍ତ୍ର ଜବତ କରାଯାଇଛି। ଥାନାରେ ପଚରାଉଚରା ପରେ ଏକ ମୋକଦମା ରୁଜୁ କରି ଆନନ୍ଦପୁର କୋର୍ଟକୁ ଚାଲାଣ କରିଥିବା ଜଣାଯାଇଛି।

ଦେଓଗାଁ ବନାଞ୍ଚଳରେ ଶିଆଳ ଆକ୍ରମଣ; ୫ରୁ ଅଧିକ ଆହତ

ଆନନ୍ଦପୁର, ୧୧।୧୦ (ସମିସ): ଘସିପୁରା ବ୍ଲକର ତରିମୂଳ ଗ୍ରାମ, କଣ୍ଟାରୋହି ଗ୍ରାମ, ନରସିଂହପୁର ଗ୍ରାମ, କୋଚିଆନାଣ୍ଡି ଗ୍ରାମ ସମେତ ଆଖପାଖର କିଛି ଗ୍ରାମରେ ପାଗଳ ଶିଆଳଙ୍କର ଆତଙ୍କ ଦେଖିବାକୁ ମିଳିଛି। ଗତକାଲି ସନ୍ଧ୍ୟା ସମୟରେ ତରିମୂଳ ଗ୍ରାମର ସନାତନ ରାଉତ (ଜନ)ଙ୍କୁ ତାଙ୍କ ଘର ଆଗରେ ଏକ ପାଗଳ ଶିଆଳ ହଠାତ୍ ଆକ୍ରମଣ କରି ଦେହସାରା କାମୁଡ଼ିବା ସହ ରକ୍ତାକ୍ତ କରିଦେଇଛି। ଘଟଣାସ୍ଥଳରେ ନିଜକୁ ବଞ୍ଚାଇବାକୁ ଯାଇ ସେହି ଶିଆଳଟିକୁ ପିଟି ପିଟି ହତ୍ୟା କରିଦେଇଛନ୍ତି। ଆଖପାଖ ଗ୍ରାମରେ ରାତି ହେଲେ ଭୟର ବାତାବରଣ ଦେଖିବାକୁ ମିଳିଛି। ଏହିଭଳି ୧୦ରୁ ୧୫ ଜଣ ଲୋକଙ୍କୁ ଆକ୍ରମଣ କରି କ୍ଷତ କରିସାରିଲାଣି। ଲୋକମାନଙ୍କ କହିବା ଅନୁଯାୟୀ ଆହୁରି ୨୦ରୁ ୩୦ ପାଗଳ ଶିଆଳ ଆଖପାଖ ଗ୍ରାମ ଭିତରକୁ ରାତି ହେଲେ ଆସୁଛନ୍ତି ଏବଂ ଆକ୍ରମଣ କରୁଛନ୍ତି। ଦେଓଗାଁ ବନ ବିଭାଗ ପକ୍ଷରୁ ଶିଆଳର ଗତିବିଧି ଉପରେ ନଜର ରଖି ରାତ୍ରି ସମୟରେ କେହି ଏକା ବାହାରକୁ ଯାଆନ୍ତୁ ନାହିଁ ଯଦି କିଛି ଜରୁରୀ କାମ ପାଇଁ ଯାଉଛନ୍ତି ସାଥୀରେ ଟର୍ଚ୍ଚ ଏବଂ ଠେଙ୍ଗା ଧରି ଯାଆନ୍ତୁ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଗାଁକୁ ବ୍ୟାପିଲାଣି କ୍ୟାମ୍ପସ ରାଜନୀତି

ଘର ଘର ବୁଲି ପ୍ରଚାର କଲେ ଜ୍ୟୋତ୍ସ୍ନାରାଣୀ

ଆନନ୍ଦପୁର, ୧୧।୧୦ (ସମିସ): ଛାତ୍ର ସଂସଦ ନିର୍ବାଚନ ପାଇଁ ଗାଁ ଗାଁରେ ପ୍ରଚାର ଆରମ୍ଭ ହୋଇଗଲାଣି। କ୍ୟାମ୍ପସ ପଲିଟିକ୍ସ ଗାଁକୁ ବ୍ୟାପିଗଲାଣି। ଆଜି ରବିବାର ଥିବାରୁ କ୍ୟାମ୍ପସ ବନ୍ଦ। ସେଥିପାଇଁ ଗାଁ ମୁହାଁ ହୋଇଛନ୍ତି ପ୍ରାର୍ଥୀ। କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ସଭାନେତ୍ରୀ ପ୍ରାର୍ଥୀନୀ ଜ୍ୟୋତ୍ସ୍ନାରାଣୀ ଭୂତିଆ ପ୍ରଚାରରେ ଆଗୁଆ ରହିଛନ୍ତି। ସେ ଆଜି ୧୫ରୁ ଅଧିକ ଗାଁକୁ ଗସ୍ତ କରି ନିଜ ସପକ୍ଷରେ ଛାତ୍ରୀ ମାନଙ୍କୁ ମନାଇବାରେ ସଫଳ ହେଉଥିବା ଦେଖିବାକୁ ମିଳିଛି। ଆନନ୍ଦପୁର ପୌରାଞ୍ଚଳ ସମେତ ଘଷିପୁରା ବ୍ଲକ୍, ଆନନ୍ଦପୁର ବ୍ଲକ୍ ବିଭିନ୍ନ ଗ୍ରାମରେ ସେ ପ୍ରଚାର ଚଳାଇଛନ୍ତି। ତାଙ୍କ ସହ ଉପସଭାନେତ୍ରୀ ପ୍ରାର୍ଥିନୀ ମୋନାଲିସା ସାହୁ, ସହ ସମ୍ପାଦକ ପ୍ରାର୍ଥୀନୀ କାଜଲ ପାତ୍ର ଓ କ୍ରୀଡ଼ା ସମ୍ପାଦକ ପ୍ରାର୍ଥୀ ବର୍ଷାରାଣୀ ସାହୁ ପ୍ରଚାରରେ ସାମିଲ ହୋଇଛନ୍ତି। ସମସ୍ତେ ନିଜ ନିଜ ପାଇଁ ପ୍ରଚାର ଜୋରଦାର କରିଛନ୍ତି। ସେହିପରି ଆନନ୍ଦପୁର ମହାବିଦ୍ୟାଳୟର ପ୍ରାର୍ଥୀମାନେ ନିଜ ପ୍ରଚାରକୁ ଗତି ଦେଇଛନ୍ତି। ଜ୍ୟୋତ୍ସ୍ନାରାଣୀଙ୍କ ସହ ଲିପ୍ସାରାଣୀ ସାହୁ, ସୁଚିସ୍ମିତା ଜେନା, ନିବେଦିତା ସାହୁ, କିରଣ ମନୀଷା ପଣ୍ଡିତ, ମିତାଞ୍ଜଳି ଖଟୁଆ ପ୍ରମୁଖ ବିଭିନ୍ନ ଗ୍ରାମରେ ପ୍ରଚାରରେ ସାମିଲ ଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଛାତ୍ରୀମାନଙ୍କର ପ୍ରଚାର ଜୋରସୋର ଚାଲିଛି।

▶▶ ସଂରକ୍ଷିତ ଜଙ୍ଗଲରେ ମଦ ଦୋକାନ

୩ ଦିନରେ ସ୍ଥାନାନ୍ତର ନୋଟିସ

ତୁରୁମୁଙ୍ଗା, ୧୧।୧୦(ସମିସ): ସଂରକ୍ଷିତ ଜଙ୍ଗଲ ପରିସରରେ ଖୋଲାଯାଇଥିବା ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବନ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ବାଉଁଶୁଳି ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଏହି ମଦ ଦୋକାନକୁ ଆସନ୍ତା ୩ ଦିନ ମଧ୍ୟରେ ମଦ ବିକ୍ରୟ ପାଇଁ ଅନୁମତିପ୍ରାପ୍ତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ନୋଟିସରେ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶକୁ ଅବହେଳା କଲେ ଜଙ୍ଗଲ ଆଇନ ଅନୁଯାୟୀ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି। ସୂଚନା ଅନୁଯାୟୀ, ଉକ୍ତ ମଦ ଦୋକାନଟି ସରକାରଙ୍କ ପକ୍ଷରୁ 'ରେଙ୍ଗାଲବେଡ଼ା ମଦ ଦୋକାନ' ନାମରେ ଲାଇସେନ୍ସ ପାଇଥିବା ବେଳେ ବାଉଁଶୁଳି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏକ କ୍ୟାବିନ୍ କଣ୍ଟେନର ସ୍ଥାପନ କରି ଏହା ଖୋଲାଯାଇଛି। ସଂରକ୍ଷିତ ଜଙ୍ଗଲ ପରିସରରେ ମଦ ଦୋକାନ ଚାଲୁଥିବା ଘଟଣାକୁ ନେଇ ବନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ରବିବାର ସନ୍ଧ୍ୟାରେ ବନ ବିଭାଗ ପକ୍ଷରୁ ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତଙ୍କ ସହ ବନରକ୍ଷୀ ତଲିରାଣୀ ସାହୁ, ଦେବଜାନୀ ମହାନ୍ତ, ସୁଜାତା ସାହୁ ଓ ଅନନ୍ୟା ପ୍ରିୟଦର୍ଶିନୀ ନାଏକ ପ୍ରମୁଖ ଯାଇ ମଦ ଦୋକାନରେ ଏହି ନୋଟିସ ଜାରି କରିଛନ୍ତି।

ଟେଲିଫୋନ ଏକ୍ସଚେଞ୍ଜ କାଳୀପୂଜା କମିଟିର ପ୍ରସ୍ତୁତି ବୈଠକ

ଆକର୍ଷଣରେ ପୂଜା, ମେଳା, ମୀନାବଜାର ଓ ଫୁଡ ଫେଷ୍ଟିଭାଲ୍

କେନ୍ଦୁଝର,୧୧।୧୦(ସମିସ): ଗତ ୫୭ବର୍ଷ ଧରି କେନ୍ଦୁଝର ସହରର ମଧ୍ୟଭାଗରେ ଥିବା ଟେଲିଫୋନ ଏକ୍ସଚେଞ୍ଜ ସମ୍ମୁଖରେ କାଳୀପୂଜା ଅନୁଷ୍ଠିତ ହେଉଥିବାବେଳେ ଚଳିତ ବର୍ଷ ୫୮ତମ କାଳୀପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଟେଲିଫୋନ ଏକ୍ସଚେଞ୍ଜ କାଳୀପୂଜା କମିଟି ପରିସରରେ ଶନିବାର ସଂଧ୍ୟାରେ ପବିତ୍ର ମହାଳୟା ଅମାବାସ୍ୟା ଅବସରରେ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ତଥା ବରିଷ୍ଠ ଆଇନଜିବୀ ଜ୍ଞାନେନ୍ଦ୍ରନାଥ ଜେନାଙ୍କ ସଭାପତିତ୍ୱରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ପ୍ରମୋଦ କୁମାର ନନ୍ଦଙ୍କ ଶାରୀରିକ ଅସୁସ୍ଥତା କାରଣରୁ ଅନୁଷ୍ଠାନର ସଂଗଠନ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ପଣ୍ଡା ପ୍ରସ୍ତୁତି ବୈଠକକୁ ପରିଚାଳନା କରି ଅନୁଷ୍ଠିତ ହେବାକୁ ଥିବା ମା କାଳୀଙ୍କ ପୂଜାକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ। ନଭେମ୍ବର ୮ତାରିଖ ମା କାଳୀଙ୍କ ପୂଜା ଅନୁଷ୍ଠିତ ହେବାକୁ ଥିବାବେଳେ କେବଳ ଶୁଭେଚ୍ଛୁ ଓ ବନ୍ଧୁମାନଙ୍କୁ ନେଇ ଏକ ଲଟେରୀ କାର୍ଯ୍ୟକ୍ରମ ହେବ। ପୂର୍ବବର୍ଷ ଅନୁଯାୟୀ ବେଦଜ୍ଞ ବ୍ରାହ୍ମଣଙ୍କୁ ନେଇ ପୂଜା ଅନୁଷ୍ଠିତ ହେବ। ଏହାସହିତ ମେଳା, ମୀନାବଜାର, ଖାଦ୍ୟମେଳା ବା ଫୁଡ ଫେଷ୍ଟିଭାଲ ଅନୁଷ୍ଠିତ ହେବ। ୧୧ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜାକାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ବିଭିନ୍ନ କମିଟିମାନ ଗଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ଆଶିଷ ଚକ୍ରବର୍ତ୍ତୀ, ଦେବାଶିଷ ମିଶ୍ର, ସାମ୍ବାଦିକ ପ୍ରଦୀପ ମହାନ୍ତି ବିଭିନ୍ନ ସୂଚନା ଦେଇଥିବାବେଳେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସୁରେଶ ରାଉତ, ସତ୍ୟନାରାୟଣ ସାହୁ, ତପନ ଘୋଷ, ପ୍ରତାପ ପାତ୍ର, ଶଙ୍କର୍ଷଣ ବେହେରା, ମନୋଜ ବାରିକ, ରାଜା ଦାସ, ଅନୁପ ସାହୁ, ଯତିନ୍ଦ୍ର ଜେନା, ଗିରିଧାରୀ ସାହୁଙ୍କ ସମେତ ୭୦ରୁ ଉର୍ଦ୍ଧ ସଦସ୍ୟ ଆଲୋଚନାରେ ଭାଗ ନେଇଥିଲେ। ବରିଷ୍ଠ ସଦସ୍ୟ ଚନ୍ଦ୍ରଶେଖର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରାଣୀସମ୍ପଦ ଅନୁଧ୍ୟାନକାରୀଙ୍କ ଗୋପାଳପୁର କୁକୁଡ଼ାଫାର୍ମ ପରିଦର୍ଶନ

ଆନନ୍ଦପୁର, ୧୧।୧୦ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ଖାଳିଆମେଣ୍ଟା ପଞ୍ଚାୟତ ଗୋପାଳପୁରଠାରେ ଓଡ଼ିଶା ସରକାରଙ୍କ ଅନୁମୋଦନକ୍ରମେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରତିଷ୍ଠା ହୋଇଥିବା ବେଳେ ଅତ୍ୟାଧୁନିକ ପରିବେଶ ନିୟନ୍ତ୍ରିତ କୁକୁଡା ଫାର୍ମରୁ ଦୁର୍ଗନ୍ଧ ବାହାରୁଥିବା ଅଭିଯୋଗର ତଦନ୍ତ ହୋଇଛି। ସରକାରଙ୍କ ଆତ୍ମନିଯୁକ୍ତି ଯୋଜନାରେ ମହାରଣା ପଲ୍ଟ୍ରି ଫାର୍ମ ଅତ୍ୟାଧୁନିକ, ବିଜ୍ଞାନ କୌଶଳ ପ୍ରଯୁକ୍ତି ବିଦ୍ୟା ଓ ପରିବେଶ ନିୟନ୍ତ୍ରିତ କୁକୁଡ଼ା ଚାଷ ହୋଇ ଆସୁଛି। ଫାର୍ମ ସନ୍ନିକଟ ଗ୍ରାମରୁ ୮ଟି ପରିବାର କର୍ମନିଯୁକ୍ତିର ସୁଯୋଗ ପାଇଛନ୍ତି। ଏହା ଗ୍ରାମୀଣ ଉଦ୍ୟୋଗର ବିକାଶ ଏବଂ ବୈଜ୍ଞାନିକ ପଦ୍ଧତିରେ କୁକୁଡା ଚାଷର ପ୍ରସାର ଏବଂ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କ କର୍ମନିଯୁକ୍ତି ସୃଷ୍ଟି କରିବା ଫାର୍ମର ପ୍ରୟାସ ମାତ୍ର। ଅନ୍ୟପକ୍ଷରେ ଫାର୍ମର ଚତୁଃପାର୍ଶ୍ୱରେ ନାନାଦି ବୃକ୍ଷ ରୋପଣ ସହିତ ପନିପରିବା ଚାଷ କରାଯାଇ ସବୁଜ ବଳୟ ସୃଷ୍ଟି କରାଯାଇଛି। ପରିବେଶକୁ ବିଶୁଦ୍ଧ ଓ ସଫା ରଖିବା ଉଦ୍ଦେଶ୍ୟରେ ବ୍ଲିଚିଙ୍ଗ, ଚୁନ ଓ ଅନ୍ୟାନ୍ୟ ଜୀବାଣୁ ନାଶକ ପଦାର୍ଥ ପ୍ରୟୋଗ କରାଯାଉଛି। ଯାହାକି ଆଇବି କୁକୁଡ଼ା କଂପାନୀର ବାରମ୍ବାର ତଦନ୍ତ ପ୍ରକ୍ରିୟାରୁ ଜଣାପଡିଛି। ଫାର୍ମର ଭିତର ଓ ବାହାର ସଦାସର୍ବଦା ପରିଷ୍କାର ପରିଚ୍ଛନ୍ନ ରହିଥିବା ତଦନ୍ତ ରେ ଜଣାଯାଇଛି। ଆଇବି କୁକୁଡା କଂପାନୀର କଟକ ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟର ପରିଚାଳକ ବିଚିତ୍ରାନନ୍ଦ ବେହେରା ଏବଂ କେନ୍ଦୁଝର ଶାଖା ପରିଚାଳକ ମନୋରଞ୍ଜନ ପଟ୍ଟନାୟକ ଆଜି ଉକ୍ତ ଫାର୍ମକୁ ଗସ୍ତକରି ଫାର୍ମରୁ ଦୁର୍ଗନ୍ଧ ବାହାରି ବ୍ୟାପିବାର କୌଣସି ସମ୍ଭାବନା ନାହିଁ ବୋଲି ପ୍ରକାଶ କରିଥିଲେ। ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ମୃତ କୁକୁଡା ମାଟିରେ ଗାତ ଖୋଳି ପୋତାଯାଉଛି। ବର୍ଜ୍ୟବସ୍ତୁ ଟାଙ୍କିରେ ଆବଶ୍ୟକ ଜୈବ ଅବକ୍ଷୟଶିଳ ରାସାୟନିକ ପଦାର୍ଥ ପ୍ରୟୋଗ ଦ୍ୱାରା ବିଶୋଧନ କରାଯାଇ ଟାଙ୍କିକୁ ଢାଙ୍କୁଣୀ ଦ୍ୱାରା ଘୋଡ଼ାଇ ରଖାଯାଏ। କେନ୍ଦୁଝର ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ମୁଖ୍ୟ ଅଧିକାରୀଙ୍କ ନେତୃତ୍ୱରେ କେନ୍ଦୁଝର ଏସଡିଭିଓ, ଆନନ୍ଦପୁର ଏସଡିଭିଓ, ଆନନ୍ଦପୁର ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀଙ୍କୁ ନେଇ ଏକ ତଦନ୍ତକାରୀ ଦଳ ଫାର୍ମକୁ ଯାଞ୍ଚ କରିଥିଲେ। ଫାର୍ମ ପରିସରକୁ ଲାଗି ରହିଥିବା ଜାଗାରେ ଗାଇଗୋରୁଙ୍କ ମଢ ପକାଇବା ଓ ଲୋକମାନେ ମଳ ତ୍ୟାଗ କରି ପରିବେଶକୁ ଦୂଷିତ କରାଯାଉଥିବା ଅଭିଯୋଗ ଫାର୍ମ ପକ୍ଷରୁ ହୋଇଛି। ସମଗ୍ର କେନ୍ଦୁଝର ଜିଲ୍ଲାରେ ଉକ୍ତ ଫାର୍ମଟି ଅଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ତଥା ଆନନ୍ଦପୁର ଉପଖଣ୍ଡରେ ଅନୁଷ୍ଠିତ କୃଷିମେଳାରେ ପୁରସ୍କୃତ ହୋଇଥିବା ପ୍ରମାଣପତ୍ରରୁ ସ୍ପଷ୍ଟ ହୋଇଛି।

ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ବୈଠକ

କେନ୍ଦୁଝର, ୧୧।୧୦(ସମିସ): ରବିବାର କେନ୍ଦୁଝରଗଡ଼ ମୁଖ୍ୟ ଡାକଘର ପ୍ରାଙ୍ଗଣରେ ଆମ କେନ୍ଦୁଝର ଶାଖା ସଙ୍ଘର କାର୍ଯ୍ୟକାରିଣୀ ସଦସ୍ୟଙ୍କର ବୈଠକ ସଭାପତିଙ୍କ ଅନୁପସ୍ଥିତିରେ ଉପସଭାପତି ଦିନମଣି ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସରୋଜ କୁମ୍ଭସର ନାୟକ ଓ ଜୟରାମ ମୁଣ୍ଡା ସମ୍ପାଦକ ଖଗେଶ୍ୱର ମହାନ୍ତ, ସହସମ୍ପାଦକ ଶରତଚନ୍ଦ୍ର ପାତ୍ର, ନବକିଶୋର ସିଂ, ଭଗବାନ ନାଏକ ଓ ରଙ୍ଗାଧର ନାଏକ, ଉପଦେଷ୍ଟା ଭାସ୍କରଚନ୍ଦ୍ର ମିଶ୍ର, ଶଙ୍କର୍ଷଣ ମହାପାତ୍ର, କୀର୍ତ୍ତୀଚନ୍ଦ୍ର ଦାସ, ରମେଶଚନ୍ଦ୍ର ସେଠୀ ଓ ରବୀନ୍ଦ୍ରନାଥ ନାଏକ ଏବଂ ସଦସ୍ୟ ମାତାରାମ ମୁଣ୍ଡା, ଧନେଶ୍ୱର ମହାନ୍ତ, ଭଗବାନ ସାହୁ, ବୈଷ୍ଣବ ଚରଣ ମହାନ୍ତ, ମୁକୁନ୍ଦଚନ୍ଦ୍ର ମହାନ୍ତ , ମନମୋହନ ନାଏକ, ରତ୍ନାକର ମହାପାତ୍ର, ଲମ୍ବୋଦର ମହାନ୍ତ, ଯୁଗୁ ମୁଣ୍ଡା, ରଘୁନାଥ ଟୁଡୁ, କ୍ଷେତ୍ରବାସୀ ନାଏକ, କାହ୍ନୁଚରଣ ନାଏକ, ବଳରାମ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ୮୦ ବର୍ଷରୁ ଅଧିକ ବୟସର ୬ ଜଣ ସଦସ୍ୟଙ୍କର ଜୀବନ ପ୍ରମାଣପତ୍ର ଜେନେରେଟ କରାଯାଇଥିଲା।

ପାଟଣାରୁ ଚମ୍ପୁଆ; ହାତୀପଲର ଉପଦ୍ରବ ଜାରି

ତୁରୁମୁଙ୍ଗା, ୧୧।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଛାଡି ରବିବାର ସକାଳୁ ସକାଳୁ ଚମ୍ପୁଆ ରେଞ୍ଜକୁ ୨୬ ଟିକିଆ ହାତୀପଲ ପ୍ରବେଶ କରିଛନ୍ତି। ବିଳମ୍ବିତ ରାତିରେ ହାତୀପଲ ତୁରୁମୁଙ୍ଗା ନିକଟରେ ୪୯ ନମ୍ବର ଜାତୀୟ ରାଜପଥ ଅତିକ୍ରମ କରି ଚମ୍ପୁଆ ରେଞ୍ଜରେ ପ୍ରବେଶ କରିଛନ୍ତି। ଆସିବା ବାଟରେ ହାତୀପଲ ପାଟଣା ରେଞ୍ଜର ବୁଢୀକାପୁଡି, ତେନ୍ତଳା, ନେଉଳିପଶି ଅଞ୍ଚଳରେ ଏକର ଏକର ଧାନ ଫସଲ ନଷ୍ଟ କରିବା ସହ ତେନ୍ତଳା ଗ୍ରାମର ଅଙ୍ଗନବାଡ଼ି କେନ୍ଦ୍ରକୁ ଭାଙ୍ଗିଦେଇଛନ୍ତି। ଏଥିସହ ଚମ୍ପୁଆ ରେଞ୍ଜର ନୂଆଗାଁ କଙ୍କଡା,

ଅଙ୍ଗନବାଡ଼ିରେ ଭଙ୍ଗାରୁଜା

ବାଉଟିଆପଦା ଆଦି ଅଞ୍ଚଳରେ ଏକର ଏକର ଧାନ ଫସଲକୁ ପାଦରେ ଦଳି ନଷ୍ଟ କରିଛନ୍ତି। ସଂଧ୍ୟା ସୁଦ୍ଧା ହାତୀପଲ ଝଲିଆବେଡ଼ା ଗାଁ ନିକଟସ୍ଥ ଜଙ୍ଗଲରେ ଡେରା ପକାଇଥିବା ବେଳେ ଆଖପାଖ ଅଞ୍ଚଳର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହି ହାତୀପଲରେ ୪ଟି ଦନ୍ତା, ୧୨ଟି ମାଈ ହାତୀ ଏବଂ ୧୦ଟି ଛୁଆ ହାତୀ ରହିଛନ୍ତି। ବନ ବିଭାଗ ହାତୀପଲଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି।

ବାଲ୍ୟ ବିବାହ ରୋକିବାକୁ ସଚେତନତା ପଦଯାତ୍ରା

ଚମ୍ପୁଆ, ୧୧।୧୦(ସମିସ): ଶିଶୁ କନ୍ୟାଙ୍କ ଅଧିକାରର ସୁରକ୍ଷା, ବାଳିକା ଶିକ୍ଷାର ପ୍ରସାର ଓ ବାଲ୍ୟ ବିବାହ ରୋକିବା ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ଅବସରରେ ଚମ୍ପୁଆରେ ଏକ ସଚେତନତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ୟୁନିସେଫ୍‌ର ସହଯୋଗରେ ଚମ୍ପୁଆ ପୁଲିସ ପକ୍ଷରୁ ଆୟୋଜିତ ଏହି ପଦଯାତ୍ରାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପୁଲିସ କର୍ମଚାରୀ ଓ ସମାଜସେବୀ ସାମିଲ ହୋଇଥିଲେ। ଚମ୍ପୁଆ ଥାନା ଆଇଆଇସି ସ୍ୱରୂପ ରଞ୍ଜନ ନାଏକ ଓ ଏଏସ୍ଆଇ ରେବତୀ ବୁଡ଼ଙ୍କ ସମେତ ପୁଲିସ କର୍ମଚାରୀମାନେ ଏହି ପଦଯାତ୍ରାରେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ବାଲ୍ୟ ବିବାହ ବିରୋଧରେ ସ୍ଲୋଗାନ ଦେବା ସହ ଶିଶୁ କନ୍ୟାଙ୍କୁ ଶିକ୍ଷା, ସୁରକ୍ଷା ଓ ସମାନ ଅଧିକାର ପ୍ରଦାନ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଗତକାଲି ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ ନେଇ 'ଜୁଭେଣ୍ଟିକା ଆଉଟ୍‌ରିଚ୍' କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଚମ୍ପୁଆ ଉପଖଣ୍ଡ ପୁଲିସ ଅଧିକାରୀ ରଶ୍ମିରଞ୍ଜନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶିଶୁ କନ୍ୟାଙ୍କ ପ୍ରତି ଭେଦଭାବ ଦୂର କରିବା, ବାଲ୍ୟ ବିବାହ ରୋକିବା ଓ ବାଳିକା ଶିକ୍ଷାକୁ ପ୍ରୋତ୍ସାହନ ଦେବାରେ ପରିବାର, ସମାଜ ଓ ପ୍ରଶାସନର ମିଳିତ ଦାୟିତ୍ୱ ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଚମ୍ପୁଆ ତହସିଲଦାର ସତ୍ୟବ୍ରତ ସାହୁ, ଆଇସିଡିଏସ୍ ପର୍ଯ୍ୟବେକ୍ଷିକା ସୁମତି ମହାନ୍ତ, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ସ୍ୱାଧୀନତା ପାତ୍ର ଓ ଡାକ୍ତର ବେଞ୍ଜାମିନ୍ ସିର୍କା, ଅଙ୍ଗନବାଡ଼ି କର୍ମୀ, ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

ସଦର ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ

କେନ୍ଦୁଝର, ୧୧।୧୦(ସମିସ): ଓଡିଶା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ସଦର ବ୍ଲକର ଏକ ବୈଠକ ମହାଲକ୍ଷ୍ମୀ ସରକାରୀ ଉଚ୍ଚ ବିଦ୍ୟାଳୟ, ପଦ୍ମପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ସଂଗଠନର ଜିଲ୍ଲା ଶାଖା ସଭାପତି ସଂଜୟ ବସନ୍ତ ଚକ୍ର, ସଂପାଦକ ରବୀନ୍ଦ୍ର ପଣ୍ଡା,ସଂଯୋଜକ କ୍ଷୀରୋଦ କୁମାର ରାଉତ ଓ ରାଜ୍ୟ ସଂପାଦକ ଭିକାରୀ ଚରଣ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆଖଣ୍ଡଳମଣି ବାରିକ, ଘାସିରାମ ପ୍ରଧାନ,ଜଳଧର ସାହୁ, ରମାକାନ୍ତ ପ୍ରଧାନ ଉପସ୍ଥିତ ସଦସ୍ୟ, ସଦସ୍ୟାମାନଙ୍କୁ ସଂଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଗାମୀ କାର୍ଯ୍ୟକ୍ରମ ଆଦି ବିଷୟରେ ବକ୍ତବ୍ୟ ରଖିଥିଲେ। କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅହେତୁକ ଭାବେ ଅନେକ ପେନସନ ପେପର ଚୂଡାନ୍ତ ହେଉନଥିବା କଥା ଉପସ୍ଥିତ ସଦସ୍ୟମାନେ ଆଲୋଚନା ରଖିଥିଲେ। ଏହି ସଭାରେ ମହାବିଦ୍ୟାଳୟ, ମାଧ୍ୟମିକ, ପ୍ରାଥମିକ ସ୍ତରରୁ ପ୍ରାୟ ଶତାଧିକ ସଦସ୍ୟ/ସଦସ୍ୟା ଅଂଶଗ୍ରହଣ କରିଥିଲେ। ପରେ ସଦର ବ୍ଲକ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ ଭିତ୍ତିରେ କରାଯାଇଥିଲା। ଉପଦେଷ୍ଟା ଭାବେ ଶରତଚନ୍ଦ୍ର ମିଶ୍ର, ଘାସିରାମ ପ୍ରଧାନ, ବାମଦେବ ଦାସ, ବେଣୁଧର ସାହୁ, ସହଦେବ କୁଅଁର,ଶିଶିର କୁମାର ରାୟ, ସ୍ୱପ୍ନେଶ୍ୱର ସାହୁ, ଜଳଧର ସାହୁ, ବିଦ୍ୟାଧର ପ୍ରଧାନ, ପ୍ରଦୀପ ପରିଡା, ଚନ୍ଦ୍ରମୋହନ ମହାନ୍ତ ମନୋନୀତ ହୋଇଛନ୍ତି। ସଭାପତି ଭାବେ ରାଧାକାନ୍ତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାବେ ଆଖଣ୍ଡଳମଣି ବାରିକ, ଉପସଭାପତି ଭାବେ ବଂଶୀଧର ସାହୁ ଓ ମୁରଲୀଧର କୁଅଁର, ସଂପାଦକ ଭାବେ ତ୍ରୈଲୋଚନ ସାହୁ, ସହସଂପାଦକ ଭାବେ ସୁରେନ୍ଦ୍ରନାଥ ସାହୁ ଓ ଦୀନବନ୍ଧୁ ସାହୁ, କୋଷାଧ୍ୟକ୍ଷ ଭାବେ ମହେନ୍ଦ୍ର ସାହୁ, କାର୍ଯ୍ୟକାରୀ ସମିତି ସଦସ୍ୟ ଭାବେ ଦ୍ୱିତୀକୃଷ୍ଣ ବେହେରା, ମୁକୁନ୍ଦ ଚରଣ ପରିଡା, ଯଦୁମଣି ରାଉତ, ନିରଞ୍ଜନ ସାହୁ ଓ କେଶବଚନ୍ଦ୍ର ମହାରଣା ଏବଂ ବ୍ଲକ ସଂଯୋଜକ ଭାବେ ଦିଗମ୍ବର ଗିରି ମନୋନୀତ ହୋଇଛନ୍ତି।

ପ୍ରକୃତିର ଦୁର୍ଲଭ ଦାନ 'ନାଡ଼ି ଛତୁ'

ବଢୁଛି ଚାହିଦା; କିଲୋ ୪୦୦ ଟଙ୍କା

ଆନନ୍ଦପୁର, ୧୧।୧୦(ସମିସ)

ବର୍ଷା ଋତୁ ଆସିଲେ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ପ୍ରକୃତିର କୋଳରୁ ମିଳିଥାଏ ବିଭିନ୍ନ ପ୍ରକାରର ବନ୍ୟ ଛତୁ। ସେଥିମଧ୍ୟରୁ 'ନାଡ଼ି ଛତୁ'ର ଚାହିଦା ସ୍ୱତନ୍ତ୍ର। ବର୍ଷକୁ ମାତ୍ର ଥରେ ମିଳୁଥିବା ଏହି ଛତୁ ଏବେ ଘସିପୁରା ଓ ଆନନ୍ଦପୁର ବଜାରରେ ଗ୍ରାହକଙ୍କ ଆକର୍ଷଣର କେନ୍ଦ୍ର ପାଲଟିଛି। ଏପରିକି ଏହି ଛତୁ ବଜାରକୁ ଆସିଲେ ନେବାପାଇଁ ଗ୍ରାହକଙ୍କ ବିଶେଷ ଆଗ୍ରହ ପରିଲକ୍ଷିତ ହୋଇଛି।

ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଅଞ୍ଚଳରୁ ସଂଗୃହୀତ ନାଡ଼ି ଛତୁ ଏବେ ଆନନ୍ଦପୁର ଓ ଘସିପୁରା ବଜାରରେ ବିକ୍ରି ହେଉଛି। ଗତ ୩ ଦିନ ହେଲା ବଜାରରେ ଏହା ଉପଲବ୍ଧ ହେବା ପରେ ଗ୍ରାହକଙ୍କ ଭିଡ଼ ଓ ଆଗ୍ରହ ବଢ଼ିଛି। ବର୍ତ୍ତମାନ ଏହାର ଦର କିଲୋପ୍ରତି ପ୍ରାୟ ୪୦୦ ଟଙ୍କା ରହିଥିଲେ ମଧ୍ୟ ଦରକୁ ଖାତିର ନକରି ଅନେକ ଲୋକ ଏହାକୁ କିଣୁଛନ୍ତି। ନାଡ଼ି ଛତୁର ନିଆରା ସ୍ୱାଦ ସହିତ ଏହାର ସୀମିତ ଉପଲବ୍ଧତା ହିଁ ଚାହିଦାର ପ୍ରମୁଖ କାରଣ ବୋଲି ଗ୍ରାହକ ଘସିପୁରାର ଶ୍ରୀକାନ୍ତ ସାହୁ କହିଛନ୍ତି। ବର୍ଷକୁ ମାତ୍ର ଥରେ ମିଳୁଥିବାରୁ ଏହି ଛତୁକୁ ଖାଇବା ପାଇଁ ଲୋକଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସୁକତା ରହିଥାଏ। କରଞ୍ଜିଆ ଅଞ୍ଚଳରୁ ଆଦିବାସୀଙ୍କଠାରୁ

ଛତୁ ସଂଗ୍ରହ କରି ସେ ପ୍ରତିଦିନ ଘସିପୁରା ବଜାରରେ ଏହାକୁ ବିକ୍ରି କରୁଛନ୍ତି ବୋଲି ସ୍ଥାନୀୟ ପଦ୍ମପୁରର ହରିହର ସାହୁ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ନାଡ଼ି ଛତୁକୁ ନେଇ ଏକ ପୁରୁଣା ବିଶ୍ୱାସ ମଧ୍ୟ ରହିଛି। ବର୍ଷାଦିନେ ବିଜୁଳି ଚମକିବା ଓ ଘଡ଼ଘଡ଼ି ହେବା ପରେ ଏହି ଛତୁ ଫୁଟିଥାଏ ବୋଲି ଲୋକମୁଖରେ ପ୍ରଚଳିତ। ବର୍ଷା, ମାଟିର ଆର୍ଦ୍ରତା ଓ ପାଗର ପରିବର୍ତ୍ତନ ସହ ଏହାର ଆଗମନକୁ ସ୍ଥାନୀୟ ପୁରୁଖା ଲୋକେ ଯୋଡ଼ି ଦେଖନ୍ତି। ତେବେ ବିଜୁଳି ଓ ଘଡ଼ଘଡ଼ି ଯୋଗୁଁ ହିଁ ଜଙ୍ଗଲ ତଥା ସ୍ଥାନୀୟ ବାଡ଼ି ବଗିଚାରେ ନାଡ଼ି ଛତୁ ଫୁଟେ ବୋଲି ବୈଜ୍ଞାନିକ ଭାବେ ନିଶ୍ଚିତ କୁହାଯାଇପାରେ ନାହିଁ। ଘଡଘଡି ପ୍ରଭାବରେ ଏହା ଫୁଟୁଥିବାରୁ ଲୋକମାନେ ଏହାକୁ ଗର୍ଜନ ଛତୁ ବୋଲି କହିଥାନ୍ତି।

ଛାତ୍ର କଂଗ୍ରେସର ବିଜୟ ଉତ୍ସବ

ବାଲେଶ୍ୱର,୧୧।୧୦(ସମିସ): ଗତ ୯ ତାରିଖରେ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀ ପତ୍ର ଦାଖଲ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହେବା ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏନ ଏସ ୟୁ ଆଇ ର ତିନି ଜଣ ପ୍ରାର୍ଥୀ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ତିନି ପ୍ରାର୍ଥୀ ନିଦ୍ୱର୍ନ୍ଦ୍ୱରେ ଜିତିଥିବା ପରିପ୍ରେକ୍ଷୀରେ ସ୍ଥାନୀୟ କଂଗ୍ରେସ ଭବନରେ ବିଜୟ ଉତ୍ସବ ପାଳନ କରାଯାଇଥିଲା। ସୁନୀତା ଜେନା, ଧରିତ୍ରୀ ଜେନା, ସସ୍ମିତା ମେହେର ପ୍ରମୁଖ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ଜିଲ୍ଲା କଲେଜ ନିର୍ବାଚନ ପରିଚାଳନା ସଂଯୋଜକ ଗୌତମ ସାହୁଙ୍କ ପୌରହିତ୍ୟରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲା ଯୁବ କଂଗ୍ରେସର ସଭାପତି ରଞ୍ଜନ ଦାସ, ଛାତ୍ର ନେତା ମିନାଜ ମଲ୍ଲିକ, ସଦର ଯୁବ କଂଗ୍ରେସ ସଭାପତି ଜୀବନ ମହାପାତ୍ର, ହର୍ଷ ଖଣ୍ଡେଲୱାଲ, ସିଦ୍ଧାର୍ଥ ବାଗ, ରାକେଶ ଦାସ, ସୁଶାନ୍ତ ମହାନ୍ତି, ତନୁଶ୍ରୀ ଗିରି, ଫକୀର ମୋହନ କଲେଜ ସଭାପତି ପ୍ରାର୍ଥୀ ସତ୍ୟଜିତ ଓଝା, ସଧାରଣ ସମ୍ପାଦକ ପ୍ରାର୍ଥୀ ମନୋରଂଜନ ପଣ୍ଡା, ଉପ ସଭାପତି ପ୍ରାର୍ଥୀ ଆୟୁଷ ମହାନ୍ତି, ସହ ସମ୍ପାଦକ ପ୍ରାର୍ଥୀ ପ୍ରମୋଦ ପରମାଣିକ ପ୍ରମୁଖ ଉପସ୍ଥିତ ଥିଲେ।

୨୦୨୭ ପୌର ଓ ପଞ୍ଚାୟତ ନିର୍ବାଚନ ପାଇଁ ବାଲେଶ୍ୱରରେ ପ୍ରସ୍ତୁତି ଆରମ୍ଭ

ଭୋଟର ତାଲିକା ସଂଶୋଧନ ପାଇଁ ଘରକୁ ଘର ସର୍ବେକ୍ଷଣ

ବାଲେଶ୍ୱର, ୧୧।୧୦ (ସମିସ)

ଆସନ୍ତା ୨୦୨୭ ମସିହାରେ ହେବାକୁ ଥିବା ପୌର ଓ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ୱଚ୍ଛ, ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ପାଇଁ ବାଲେଶ୍ୱର ଜିଲ୍ଲାରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିନିମନ୍ତେ ଘରକୁ ଘର ଯାଇ ଭୋଟର ତାଲିକା ପ୍ରସ୍ତୁତି ଓ ସର୍ବେକ୍ଷଣ କାର୍ଯ୍ୟ ସମ୍ପର୍କରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପୌରାଞ୍ଚଳର ଅଧିକାରୀମାନେ ଯୋଗଦେଇଥିଲେ। ଏଥିରେ ବାଲେଶ୍ୱରର ଡେପୁଟି କଲେକ୍ଟର ଡ. ପ୍ରବୋଧ କୁମାର ମଲ୍ଲିକ ଏବଂ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭ୍ର ସିରିୟଲ ପଟେଲ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଦେବାନନ୍ଦ ବେହେରା, ନୀଳଗିରି ବ୍ଲକ୍ ଉନ୍ନୟନ ଅଧିକାରୀ ବିକ୍ରମ କିଶୋର ପରିଡ଼ା, ଖଇରା ବ୍ଲକ୍ ଉନ୍ନୟନ ଅଧିକାରୀ ନାରାୟଣ ସାହୁଙ୍କ ସମେତ ସମସ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ, ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଘରକୁ ଘର ସର୍ବେକ୍ଷଣ ମାଧ୍ୟମରେ ଭୋଟର ତାଲିକାକୁ କିପରି ଅଧିକ ସଠିକ୍, ସ୍ୱଚ୍ଛ କରାଯାଇପାରିବ, ସେଥିପାଇଁ ଆବଶ୍ୟକ ପ୍ରସ୍ତୁତି ଓ କାର୍ଯ୍ୟପ୍ରଣାଳୀ ଉପରେ ଗୁରୁତ୍ୱ ଦିଆଯାଇଛି। ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ରହିଥିବା ତଥ୍ୟର ସଠିକତା ନିଶ୍ଚିତ କରିବା ସହ ଏକ ନାଗରିକକୈନ୍ଦ୍ରିକ ତାଲିକା ପ୍ରସ୍ତୁତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ପ୍ରଶାସନ ପକ୍ଷରୁ ଧାର୍ଯ୍ୟ ସୂଚୀ ଅନୁଯାୟୀ, ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ବ୍ଲକ୍‌ସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିବ। ଏହାପରେ ଅକ୍ଟୋବର ୨୪ରୁ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ସର୍ବେକ୍ଷଣ କରିବେ। ଏହି ସମୟରେ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କିତ ଆବଶ୍ୟକ ତଥ୍ୟ ସଂଗ୍ରହ କରାଯାଇ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ପୂର୍ବରୁ ତାଲିକାକୁ ନିର୍ଭୁଲ କରିବା ଦିଗରେ ପଦକ୍ଷେପ ନିଆଯିବ। ଏକ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ନିର୍ଭୁଲ ଭୋଟର ତାଲିକାର ଗୁରୁତ୍ୱ ରହିଛି। ତେଣୁ ସର୍ବେକ୍ଷଣ ସମୟରେ ଅଧିକାରୀମାନେ ଠିକ୍ ତଥ୍ୟ ସଂଗ୍ରହ କରିବା ସହ ତାଲିକା ପ୍ରସ୍ତୁତି ପ୍ରକ୍ରିୟାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ପଞ୍ଚାୟତ ଅଧିକାରୀ ଦେବାନନ୍ଦ ବେହେରା ପରିଚାଳନା କରିଥିବା ବେଳେ ବାଲେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭ୍ର ସିରିୟଲ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

ଅକ୍ଟୋବର ୨୪ରୁ ନଭେମ୍ବର ୭ ଯାଏଁ ଚାଲିବ ଅଭିଯାନ

'ଆଜିକାଲି'ର ୪୦ ତମ ପ୍ରତିଷ୍ଠା ଦିବସ

ବାଲେଶ୍ୱର,୧୧।୧୦(ସମିସ): ଦୈନିକ ସମ୍ବାଦପତ୍ର 'ଆଜିକାଲି'ର ୪୦ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ସିମୁଳିଆ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ସଭାପତି ପଦ୍ମଲୋଚନ ପଣ୍ଡା, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, 'ପ୍ରବାସୀ ବିଶ୍ୱ ଓଡ଼ିଆ ସଂଗଠନ'ର ସଭାପତି କିଶୋର କୁମାର ଦ୍ୱିବେଦୀ, ବାଲେଶ୍ୱର ମ୍ୟୁନିସିପାଲିଟି ଚେୟାରମ୍ୟାନ୍ ସବିତା ସାହୁ, ରେମୁଣା ବ୍ଲକ ଚେୟାରମ୍ୟାନ୍ ରାଜେନ୍ଦ୍ର ରାଉତ୍ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। "ଆଜିକାଲି'ର ପ୍ରକାଶକ କିଶୋର ଦାସ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ପରିଚାଳନା ସମ୍ପାଦକ ଡ. ଲକ୍ଷ୍ମୀନାରାୟଣ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ଇଂ ନିର୍ମାଲ୍ୟ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। "ଆଜିକାଲି'ର ତତ୍ତ୍ୱାବଧାରକ ରାଜେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ତତ୍ତ୍ୱାବଧାରିକା ଡ. ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ଆଜିକାଲି ନ୍ୟୁଜ୍ ଚ୍ୟାନେଲର ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ମହାନ୍ତି ଓ ଜ୍ୟୋତିରାଦିତ୍ୟ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

ପଣ୍ଡିତ ଗୋପବନ୍ଧୁଙ୍କ ଜୟନ୍ତୀ

ରେମୁଣା, ୧୧।୧୦ (ସମିସ): ରେମୁଣା 'ପୂଜ୍ୟ ପୂଜାସଂସଦ' ଆନୁକୂଲ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ ତମ ଜୟନ୍ତୀ ଉତ୍ସବ ସ୍ଥାନୀୟ ଗୌରୀ ଶଙ୍କର ମଣ୍ଡପରେ ସଂସଦର ସଭାପତି ଡ. ନରୋତ୍ତମ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ରଘୁନାଥ ମହାନ୍ତି, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଡ. ଜଗନ୍ନାଥ ଖଟୁଆ, ସମ୍ମାନିତ ଅତିଥି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସମ୍ମାନିତ ବକ୍ତା ଡ. ମହେଶ୍ୱର ମହାପାତ୍ର, ଅନ୍ୟତମ ଅତିଥି ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ନାଟ୍ୟକାର ପ୍ରଦୀପ୍ତ ମିଶ୍ର ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷକ ହରିନାରାୟଣ ପତି ଶାନ୍ତି ପାଠ କରିଥିଲେ। ସଂସଦର ସମ୍ପାଦକ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବରାଳ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଶିକ୍ଷକ ଯୋଗେଶ ଚନ୍ଦ୍ର ବେହେରା ବଂଶୀ ବାଦନ କରି ଗୋପବନ୍ଧୁଙ୍କୁ ସମ୍ମାନ ଜଣେଇଥିଲେ। ସ୍ଥାନୀୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ପ୍ରଦୀପ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନ ଦର୍ଶନ ଉପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏହି ଅସରରେ ବାସନ୍ତୀ ଦାସ, ମୁକ୍ତିଲତା ଆଇଚ, ମିତା ପଟ୍ଟନାୟକ, ଡ. ଜଗବନ୍ଧୁ ମହାପାତ୍ର, ରମେଶ ଚନ୍ଦ୍ର ମହାରଣା, ଗୌରାଙ୍ଗ ପଡ଼ିଆରୀ, ପ୍ରଦୀପ ମିଶ୍ର ପ୍ରମୁଖଙ୍କ ସଂଯୋଜନାରେ ୩୦ରୁ ଉର୍ଦ୍ଧ କବି, କବୟିତ୍ରୀ ମାନେ କବିତା ପାଠ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ସଂସଦର ସଦସ୍ୟ ଭାବେ ରୁକ୍ମଣୀ ନାୟକ, କୃଷ୍ଣ ମୋହନ ମହାରଣା, ରାମନାରାୟଣ ବେହେରା, ରବିନାରାୟଣ ବେହେରା, ସନ୍ତୋଷ ବେହେରା, ବିଚିତ୍ରା ନନ୍ଦ ଗିରି, ଗୌରାଙ୍ଗ ଚରଣ ଦାସ, ଦୀନବନ୍ଧୁ ଦାସ, ଜୟନ୍ତ ବରାଳ ପ୍ରମୁଖ ସହାୟତା କରିଥିଲେ।

ବେଆଇନ କାଠ ବୋଝେଇ ପିକ୍‌ଅପ୍ ଜବତ; ଜଣେ ଗିରଫ

ଔପଦା, ୧୧।୧୦(ସମିସ) : ଔପଦା ବ୍ଲକ ଅଞ୍ଚଳରେ ବେଆଇନ କାଠ ଚାଲାଣ ବିରୋଧରେ ବନ ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୋର ରେଞ୍ଜ ଅନ୍ତର୍ଗତ ଔପଦା ସେକ୍ସନ ଖୁଣ୍ଟାପାଟଣା ବିଟ୍ ଅଧୀନ ମଙ୍ଗଳପୁର ଯୋକା ଛକ ନିକଟରୁ ଏକ କାଠ ବୋଝେଇ ପିକଅପ୍ ଭ୍ୟାନ୍ ସହିତ ଜଣେ ଯୁବକଙ୍କୁ ବନ ବିଭାଗ ଗିରଫ କରିଥିବା ଜଣାଯାଇଛି। ଗତକାଲି ସନ୍ଧ୍ୟାରେ ସୋର ରେଞ୍ଜର ଭାଗ୍ୟଶ୍ରୀ ଦାସଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିଥିଲା। ଫରେଷ୍ଟର ମିନତୀ ମାଝୀ ଏବଂ ଫରେଷ୍ଟ ଗାର୍ଡ ପ୍ରମିଳା ସେଣ ପ୍ରମୁଖ ଏହି ଚଢ଼ଉରେ ସାମିଲ ରହି ମଙ୍ଗଳପୁର ଯୋକା ଛକ ନିକଟରୁ ବେଆଇନ ଭାବେ କାଠ ବୋଝେଇ କରି ଯାଉଥିବା ଏକ ପିକଅପ୍ ଭ୍ୟାନ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ କାବୁ କରିଥିଲେ। ଗିରଫ ହୋଇଥିବା ଡ୍ରାଇଭର ଜଣକ ହେଲେ ଅମୂଲ୍ୟ ପ୍ରସାଦ ଦେ (୪୦)। ବନ ବିଭାଗ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଅଞ୍ଚଳରେ ବେଆଇନ କାଠ ଚାଲାଣ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଜଣାପଡିଛି।

ଅଖଣ୍ଡ ଭାରତ ହିନ୍ଦୁ ମହାସଭାର ପ୍ରସ୍ତୁତି ବୈଠକ

ଚନ୍ଦନେଶ୍ୱର, ୧୧।୧୦(ସମିସ) : ପବିତ୍ର ବିଜୟା ଦଶମୀ ଉପଲକ୍ଷେ ବାଲେଶ୍ୱର ଜିଲ୍ଲାର ଉପାନ୍ତ ଅଞ୍ଚଳ ସମଗ୍ର ଭୋଗରାଇରେ ବାଇକ ରାଲି ଯୋଗେ ହିନ୍ଦୁତ୍ୱର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଅଖଣ୍ଡ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଭୋଗରାଇ ବ୍ଲକ ଅଧିନ ଜଳ ସୋହରିଆ ଗାଁରେ ଚିରଞ୍ଜୀବ ସାମଲଙ୍କ ବାସ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ଅଖଣ୍ଡ ଭାରତ ହିନ୍ଦୁ ମହାସଭାର ପଞ୍ଚାୟତ ସଭାପତି ଚିରଞ୍ଜୀବ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉକ୍ତ ମହାସଭାର ବରିଷ୍ଠ ସଦସ୍ୟ ତାପସ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ଅଖଣ୍ଡ ଭାରତ ହିନ୍ଦୁ ମହାସଭାର ଓଡ଼ିଶା ପ୍ରଦେଶ ସଭାପତି କୌଶିକ ଚାନ୍ଦ, ଜିଲ୍ଲା ସଭାପତି ସୁବୋଧ ପଣ୍ଡା, କଖଡ଼ା ମଣ୍ଡଳ ସଭାପତି ଭଗବାନ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଅଖଣ୍ଡ ଭାରତ ହିନ୍ଦୁ ମହାସଭା ସଂଗଠନର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ସଂକଳ୍ପବଦ୍ଧ ହୋଇ ହିନ୍ଦୁତ୍ୱର ବାର୍ତ୍ତା ଜନ ମାନସରେ ସଞ୍ଚାର କରିବା ପାଇଁ ଆସନ୍ତା ଦୁର୍ଗାପୂଜାର ନବମୀରେ କୁଆଁରୀ ପୂଜନ ଓ ବିଜୟା ଦଶମୀରେ ବାଇକ ରାଲି ଯୋଗେ ସମଗ୍ର ଭୋଗରାଇରେ ଏକ ରଥରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କୁ ନେଇ ପରିକ୍ରମା କରି ହିନ୍ଦୁ ରାଷ୍ଟ୍ରର ଜାଗ୍ରତ ନେଇ ଭୋଗରାଇ ଅଞ୍ଚଳରୁ ସମଗ୍ର ଭାରତ ବର୍ଷକୁ ବାର୍ତ୍ତା ବାହାରିବ ବୋଲି ବୈଠକରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ସଂଗଠନର ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ହରେନ୍ଦ୍ର ମହାନ୍ତି, ଦେବାଶିଷ ଚନ୍ଦ, ହରିଶ୍ଚନ୍ଦ୍ର ଧଡ଼ା, ଅନୀଲ ଗିରି, ମନ୍ମଥ ମଣ୍ଡଳ, ପଦ୍ମଲୋଚନ ପାତ୍ର, ଧନଞ୍ଜୟ ଗିରି ଉପସ୍ଥିତ ଥିଲେ।

ନାଳ ସଫାକଲେ ଗ୍ରାମବାସୀ

ସୋର,୧୧।୧୦(ସମିସ): ସୋର ବ୍ଲକ କେଦାରପୁର ପଞ୍ଚାୟତ ୧ନମ୍ବର ୱାର୍ଡର ବାରିକ ସାହିରୁ ଶିଆଳ ସାହି ପର୍ଯ୍ୟନ୍ତ ଯାଇଥିବା ରାସ୍ତା ପାଶ୍ୱର୍ ନାଳ ଦୀର୍ଘଦିନ ଧରି ସଫା ନ ହେବାରୁ ପାଣି ଜମିବା ସହ ଦୁର୍ଗନ୍ଧ ହେଉଥିଲା। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଗତକାଲି ଗ୍ରାମବାସୀ ଚାନ୍ଦା କରିବା ସହିତ ନିଜେ ଶ୍ରମଦାନ କରି ୩ଶହ ଫୁଟର ଏକ ନାଳ ସଫା କରିଛନ୍ତି। ଏ ବାବଦକୁ ଗ୍ରାମବାସୀମାନେ ଚାନ୍ଦା କରି ୫ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବା କହିଛନ୍ତି। ଗ୍ରାମବାସୀଙ୍କ ଏପରି କାମକୁ ସାଧାରଣରେ ପ୍ରଶଂସା କରାଯାଇଛି।

ଓଡ଼ିଶା ଏଡେଡ କଲେଜ ମ୍ୟାନେଜମେଣ୍ଟ ପେଡ୍‌ଷ୍ଟାଫ ଆସୋସିଏସନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ସୋର,୧୧।୧୦(ସମିସ): ଓଡ଼ିଶା ଏଡେଡ୍ କଲେଜ ମ୍ୟାନେଜମେଣ୍ଟ ପେଡ ଆସୋସିଏସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସୋର ଉପେନ୍ଦ୍ରନାଥ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି।ଏଥିରେ ସଂଗଠନର ସଭାପତି ଭାଗିରଥୀ ଘଡେଇଙ୍କ ସମେତ ସଂଗଠନର ସମ୍ପାଦକ ବିଜୟ କୁମାର ନାୟକ, ଉପସଭାପତି ସୂର୍ଯ୍ୟକୁମାର ଦାସ, ଅନ୍ନପୂର୍ଣ୍ଣା ରଣା, ଆବାହକ ଅରୁଣ କୁମାର ରାମ ଓ ସଙ୍ଗଠକ କ୍ଷୀତିଶ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଅନୁଦାନପ୍ରାପ୍ତ କଲେଜର ପରିଚାଳନା ସମିତି ଦ୍ୱାରା ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ତୁରନ୍ତ ସରକାରୀ ବ୍ୟବସ୍ଥାରେ ସାମିଲ କରିବା, ଚାକିରିର ସୁରକ୍ଷା ପ୍ରଦାନ କରିବା, ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ବଦଳରେ ଯେଉଁମାନେ କାର୍ଯ୍ୟରତ ଅଛନ୍ତି ସେମାନଙ୍କୁ ନିୟମିତ କରାଯିବା ଓ ପୂର୍ବରୁ ଥିବା ବିଭାଗୀୟ ପଦବୀକୁ ବାତିଲ ନକରି ତାହାକୁ ନିୟମିତ କରିବା ଆଦି ଦାବି କରାଯାଇଥିଲା। ସରକାର ଏହି ଦାବିକୁ ତୁରନ୍ତ ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ସଭାପତି ଶ୍ରୀ ଘଡେଇ କହିଛନ୍ତି।

ଆଦର୍ଶ ବିଦ୍ୟାଳୟରେ ବାର୍ଷିକ ଚିତ୍ରକଳା, ହସ୍ତଶିଳ୍ପ ଓ ବିଜ୍ଞାନମେଳା

ନୀଳଗିରି, ୧୧।୧୦ (ସମିସ): ନୀଳଗିରି ଉପଖଣ୍ଡ ଅନ୍ତର୍ଗତ ବାଉଁଶବଣିଆ ଗ୍ରାମପଞ୍ଚାୟତ ଦକ୍ଷିଣ କୁଅଁର ପୁର ଗ୍ରାମରେ ଥିବା ସାଇ ଗୌରାଙ୍ଗ ଆଦର୍ଶ ବିଦ୍ୟାଳୟ ପରିସରରେ ବାର୍ଷିକ ଚିତ୍ରକଳା, ହସ୍ତଶିଳ୍ପ ଓ ବିଜ୍ଞାନମେଳା ୨୦୨୬ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ୍ ବିଭିନ୍ନ ଉଦାହରଣ ମାଧ୍ୟମରେ ପିଲାମାନଙ୍କୁ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା କବି, ସାହିତ୍ୟିକ ତଥା ସ୍ତମ୍ଭକାର ଇଂ. ସୁରେଶ ଚନ୍ଦ୍ର ବେହେରା, ଉତ୍ତମ ଚିନ୍ତାଧାରା ହିଁ ଜଣେ ପିଲାକୁ ବୈଜ୍ଞାନିକ ସୃଷ୍ଟି କରେ। ସେ ବିଷୟରେ ସେ ବିଭିନ୍ନ ବୈଜ୍ଞାନିକ ମାନଙ୍କ ସଂପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରସାଲପୁର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶୁଭସ୍ମିତା ଦାସ, ଶିକ୍ଷାବିତ ଶନୈଶ୍ଚ ରଞ୍ଜନ ବେହେରା, ସନ୍ତରାଗଡିଆ ହାଇସ୍କୁଲର ସହକାରୀ ଶିକ୍ଷକ ସଞ୍ଜୟ କୁମାର ବାରିକ ନିଜନିଜର ଅଭିଭାଷଣ ରଖିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଭବେଶ କୁମାର ପ୍ରଧାନ ବିଜ୍ଞାନ ମେଳାର ଆଭିମୁଖ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସଭାରେ ଓଡ଼ିଶା ଷ୍ଟେଟ ବିଗ୍ରେଡ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି, ବିଦ୍ୟାଳୟର ସଂପାଦିକା ଜ୍ୟୋତ୍ସ୍ନା ରାଣୀ ବେହେରା ମତ ବ୍ୟକ୍ତ କରିଥିଲେ। କୃତକାର୍ଯ୍ୟ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞାପାରମିତା ବାରିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ବିଜ୍ଞାନ ମେଳାରେ ଚିତ୍ରକଳାରେ ୩୧ଟି ପ୍ରକଳ୍ପ, ହସ୍ତଶିଳ୍ପରେ ୪୬ଟି ପ୍ରକଳ୍ପ ଓ ବିଜ୍ଞାନରେ ୩୭ ଟି ପ୍ରକଳ୍ପ ସହ ସର୍ବମୋଟ ୧୧୬ଟି ପ୍ରକଳ୍ପରେ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଓମ ପ୍ରକାଶ ବେହେରା, ଶିକ୍ଷୟିତ୍ରୀ ସ୍ୱାପ୍ନାଲି ଦାସ, ସବିତା ବିଶ୍ୱାଳ, ଦମୟନ୍ତୀ ସେଠୀ, ସୁରଭି ମଲିକ, ମୀନାକ୍ଷୀ ମଣ୍ଡଳ, ବୈଶାଖୀ ଜେନା, ରୁପାଲି ଶରିତା ମଲିକ, ରିମାରାଣୀ ଦାସଙ୍କ ଦ୍ୱାରା କାର୍ଯ୍ୟକ୍ରମ ସରସ ସୁନ୍ଦର ହୋଇପାରିଥିଲା।

ଜଳେଶ୍ୱର ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା

ଜଳେଶ୍ୱର,୧୦।୧୦(ସମିସ): ପବିତ୍ର ଗାନ୍ଧୀ ଜୟନ୍ତୀଠାରୁ ଭୋଟରଙ୍କୁ ଯୋଡିବା ଲକ୍ଷ୍ୟରେ ସାରା ରାଜ୍ୟରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ରବିବାର ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତଠାରୁ ବହୁ ବିଜେଡ଼ି କାର୍ଯ୍ୟକର୍ତ୍ତା ସମର୍ଥକଙ୍କ ସହିତ ଜଗନ୍ନାଥ ମନ୍ଦିରଠାରୁ ଏକ ବିଶାଳ ପଦଯାତ୍ରାରେ ପଦିନା, ଦୁର୍ଗା ମନ୍ଦିରସ୍ଥିତ ସଭା ସ୍ଥଳରେ ପହଞ୍ଚିଥିଲେ। ଅନୁଷ୍ଠିତ ସଭାରେ ବ୍ଲକ ବିଜେଡି ସଭାପତି ଦିଲ୍ଲୀପ କୁମାର ସାମଲ ଅଧ୍ୟକ୍ଷତା କରି ଡବଲ ଇଞ୍ଜିନ ସରକାରର ଅପାରଗତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମଞ୍ଚାସୀନ ନେତୃତ୍ୱ ମଧ୍ୟରେ ଦଳୀୟ ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତ ସିଂହାର, ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବରିଷ୍ଠ ବିଜେଡି ନେତା ରଘୁନାଥ ମହାନ୍ତି, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜିଲ୍ଲା ପରିଷଦ ଉପ ସଭାପତି ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଜଳେଶ୍ୱର ମ୍ୟୁନିସିପାଲିଟି ଅଧ୍ୟକ୍ଷ ପ୍ରତିପ୍ କୁମାର ପ୍ରଧାନ, ସଂଖ୍ୟାଲଘୁ ସେଲର ରାଜ୍ୟ ସମ୍ପାଦକ ଶେକ୍ ଅବଦୁଲ ରହିମ, ବରିଷ୍ଠ ବିଜେଡି ନେତା ମଧୁସୂଦନ ସେନାପତି, ନାରୀ ନେତ୍ରୀ ସରପଞ୍ଚ ସୁବିନିତା ଦତ୍ତ, ବିଜୟ କାମିଲା, ଯୁବନେତା ସରପଞ୍ଚ ଧ୍ରୁବଜ୍ୟୋତି ଗିରି, ଆନନ୍ଦ କର, ଗୌତମ ପାତ୍ର, ସଞ୍ଜୟ ମହାନ୍ତି, ସରପଞ୍ଚ ବିଷ୍ଣୁପଦ ମହାନ୍ତି, ମୂରଲୀ ମୋହନ ପ୍ରଧାନ, ସମିତି ସଭ୍ୟା ସସ୍ମିତା ପରିଡ଼ା, ଯାମିନୀକାନ୍ତ ଦତ୍ତ, ସମିତି ସଭ୍ୟା ଅନିତା ମହାନ୍ତି, ପଞ୍ଚାୟତ ସଭାପତି ବ୍ରଜ ଗୋପାଳ ଦାସ ପ୍ରମୁଖ ବିଶାଳ ଜନତାଙ୍କୁ ଉଦବୋଧନ ଦେଇଥିଲେ। ସମାବେଶର ବହୁ ପଞ୍ଚାୟତ ସଭାପତି, ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, କର୍ମୀ ପ୍ରମୁଖ ଦଳ ପ୍ରତି ଆନୁଗତ୍ୟ ଦେଖାଇଥିବା ବେଳେ ସ୍ଥାନୀୟ ନେତା ସୁଶିଲ କୁମାର ପରିଡ଼ା ବିଶାଳ ଜନ ସମର୍ଥନକୁ କୃତଜ୍ଞତା ଜଣାଇ ଧନ୍ୟବାଦ ଅର୍ପଣ କରିଥିଲେ।

ପଞ୍ଚାୟତ ଅଫିସ୍‌ରୁ ରିଲିଫ୍ ଚାଉଳ ହଡ଼ପ ପର୍ଦ୍ଦାଫାସ !

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୧୧।୧୦(ସମିସ) : ରବିବାର ଛୁଟି ଦିନରେ ସରପଂଚ ଙ୍କ ସ୍ୱାମୀ ସମସ୍ତଙ୍କ ଅଗୋଚରରେ ପଞ୍ଚାୟତ ଅଫିସ୍ ଭିତରେ ଏକାକୀ ରିଲିଫ୍ ଚାଉଳ ହଡ଼ପ ମସୁଧା ଚଳାଇଥିବା ଗ୍ରାମବାସୀ ପର୍ଦ୍ଦାଫାସ କରିଛନ୍ତି। ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ଅଫିସରେ ପିଇଓ ଙ୍କ ଅଧିନରେ ଚାଉଳ ବଣ୍ଟନ ପାଇଁ ଗଚ୍ଛିତ ରହିଥିଲା। ରବିବାର ଛୁଟି ଦିନରେ କୃଷି ବିଭାଗରେ ଚାକିରି କରୁଥିବା ସରପଞ୍ଚ ଜୟନ୍ତୀ ପରିଡ଼ା ଙ୍କ ସ୍ୱାମୀ ଅରୁଣ ପରିଡ଼ା ଅଫିସ୍ ଭିତରେ ଚାଉଳ ଅଖା ଖୋଲି ଅନ୍ୟ ଅଖାରେ ଭର୍ତ୍ତି କରୁଥିବା ଦେଖାଯାଇଥିଲା। ୱାର୍ଡ ସଭ୍ୟ ସୁବ୍ରତ କୁମାର ଜେନା, ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପଡିଥିବା ଦେଖି ଗୃହ ମଧ୍ୟରେ ଶବ୍ଦ ଶୁଣି ପଛ ପଟ ଝରକା ପେଟ ରିଲିଫ୍ ଚାଉଳ ଅଖା ପରିବର୍ତ୍ତନର ଭିଡ଼ିଓ ଉତ୍ତୋଳନ କରିଥିଲେ। ଘଟଣା ପ୍ରଘଟ ହେଲା ପରେ ଗ୍ରାମବାସୀ ରୁଣ୍ଡ ହୋଇ ହୋଇ ହଲ୍ଲା କରିବା ସହିତ ସରପଞ୍ଚଙ୍କ ସ୍ୱାମୀଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ଏତିକି ବେଳେ ଅଫିସ୍ ସମ୍ମୁଖରେ ଛିଡା ହୋଇଥିବା ଏକ ଅଜଣା ଟେମ୍ପୋ ଦ୍ରୁତ ଗତିରେ ଛୁ ମାରିଥିଲା। ସରକାରୀ ଅଧିକାରୀଙ୍କ ନିକଟରେ ଚାବି ରହିଥିବା ବେଳେ ୱାର୍ଡ ସଭ୍ୟଙ୍କ ଅନୁପସ୍ଥିତିରେ ସମସ୍ତଙ୍କ ଅଗୋଚରରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଚାଉଳ ଢଳା ହୋଇଥିବା ଏବଂ ପ୍ଲାଷ୍ଟିକ ଅଖା ବଦଳା ହୋଇଥିବା ସମ୍ପର୍କରେ ଲୋକେ ପ୍ରଶ୍ନ ଉଠାଇଥିଲେ। ଜଳେଶ୍ୱର ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଧିରୀ କୁମାର ସାହୁ ଏବଂ ଖାଦ୍ୟ ସୁରକ୍ଷା ଅଧିକାରିଣି ଅବନ୍ତିକା ସାହୁ ଘଟଣା ସ୍ଥଳରେ ପହଞ୍ଚି ସରପଞ୍ଚଙ୍କୁ ଡକାଇ ଗୋଦାମ ଯାଞ୍ଚ କରିବା ସହିତ ପ୍ରତ୍ୟକ୍ଷ ଦର୍ଶୀ ଙ୍କ ଅଭିଯୋଗ ଶୁଣୁଥିଲେ। ସରପଞ୍ଚଙ୍କ ସ୍ୱାମୀ ଘଟଣା ସ୍ଥଳରେ ପହଞ୍ଚି ସାମ୍ବାଦିକ ମାନଙ୍କର ପ୍ରଶ୍ନର ଉତ୍ତର ଦେଇନପାରି ଉତକ୍ଷିପ୍ତ ହୋଇ ଅଭିଯୋଗକୁ ଏଡ଼ାଇ ଯାଇଥିଲେ। ସରପଞ୍ଚଙ୍କ ସମର୍ଥକ ଘଟଣା ସ୍ଥଳରେ ପହଞ୍ଚିବା ପରେ ଅଫିସ୍ ପରିସରରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଥିଲା। ଚାଉଳ ବୁରା ମୂଷା କାଟୁଛି ଏବଂ ପିଇଓଙ୍କ ନିର୍ଦ୍ଦେଶରେ ତାଙ୍କ ସ୍ୱାମୀ କାର୍ଯ୍ୟ କରୁଥିଲେ ବୋଲି ସରପଞ୍ଚ ସଫେଇ ଦେଇଛନ୍ତି। ହଠାତ୍ ସରପଂଚଙ୍କ ଶରୀର ଅସୁସ୍ଥ ହେବାରୁ ରେଜିଷ୍ଟାର ଖାତା ଜବତ୍ କରିବା ସହିତ ଗୋଦାମ ଗୃହକୁ ସିଲ୍ କରି ଅଧିକ ତଦନ୍ତ ହେଉଥିବା ବ୍ଲକ ପ୍ରଶାସନ ସୂଚନା ଦେଇଛନ୍ତି।

ବିମଳା ମାଉସୀଙ୍କ ନିଆରା ଉଦ୍ୟମ

ମାଟିର ଶଙ୍ଖରେ ଫୁଙ୍କୁଛନ୍ତି ଜୀବନର ସ୍ୱର

ବାଲେଶ୍ୱର ସଦର,୧୧।୧୦(ହରିଶଙ୍କର ପାଣି)

ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଦୁର୍ଗାଦେବୀ ପଞ୍ଚାୟତର ଛୋଟ ଗାଁ କୁଡ଼ିଆ। ଏଇ ଗାଁର ଗୋଟିଏ ମାଟି ଘର ଭିତରୁ ସକାଳ ହେଲେ ଶୁଭୁଛି ମାଟି ପିଟା ଶବ୍ଦ। ବାହାରେ ଧାଡି ଧାଡି ହୋଇ ସଜା ହୋଇଛି ଧଳା ଧବଧବ ଶଙ୍ଖ। ପାଖକୁ ଗଲେ ଜାଣିବେ ଏ ଶଙ୍ଖ ସମୁଦ୍ରର ନୁହେଁ, ମାଟିର। ହାତରେ ଧରିଲେ ବି ବୁଝି ହେଉନି ଏହା ଅସଲ ଶଙ୍ଖ ନା ମାଟିର ଶଙ୍ଖ। ଏମିତି ଅଦ୍ଭୁତ କଳାର କାରିଗର ହେଉଛନ୍ତି ୬୮ ବର୍ଷୀୟା ବିମଳା ରଥ। ଗାଁର ସମସ୍ତେ ତାଙ୍କୁ ଆଦରରେ ଡାକନ୍ତି ବିମଳା ମାଉସୀ।

ଦିନ ଥିଲା, ବିମଳା ଛୋଟ ଝିଅ ଥିଲେ। ଅନ୍ୟ ପିଲାମାନେ ପୁତୁଳ ଖେଳ ଖେଳୁଥିବା ବେଳେ ସେ ନଦୀ ପଠାରୁ ଆଠୁଳିଆ ମାଟି ଆଣି ଛୋଟ ଛୋଟ ମୂର୍ତ୍ତି ଗଢୁଥିଲେ। ମାଟି ସହ ତାଙ୍କର ସମ୍ପର୍କ ସେବେଠୁ। ବିବାହ ପରେ ସଂସାର ବୋଝ, ଅଭାବ, ଦାରିଦ୍ର୍ୟ ଭିତରେ ସେ କଳା କେଉଁଠି ହଜି ଯାଇଥିଲା। କିନ୍ତୁ ମାଟି ତ ମା'। ମା' ପିଲାକୁ ଛାଡେ ନାହିଁ। ୨୦ ବର୍ଷ ତଳେ ପୁଣି ଥରେ ସେ ମାଟିକୁ ହାତରେ ଧରିଲେ। ପ୍ରଥମେ ସରାଗାତ, ଫୁଲଦାନୀ, ହାତୀ, ଘୋଡା, କଇଁଛ। ହଠାତ୍ ଦିନେ ମନକୁ ଆସିଲା ଶଙ୍ଖ କାହିଁକି କରିବିନି? ସେହିଠୁ ଆରମ୍ଭ ହେଲା ତପସ୍ୟା। ରାତି

ପାହି ସକାଳ ହେଲେ ଚୁଲି ଜଳିବା ଆଗରୁ ବିମଳା ମାଉସୀ ମାଟି ଦଳିବା ଆରମ୍ଭ କରନ୍ତି। ଶଙ୍ଖର ପେଟ୍, ଶଙ୍ଖର ମୁହଁ, ଶଙ୍ଖର ଚିକ୍କଣତା - ସବୁ ଆଙ୍ଗୁଠିରେ ମାପି ମାପି ଗଢନ୍ତି। ଶଙ୍ଖ ଗଢା ସରିଲା ପରେ ଭାଟିରେ ପୋଡନ୍ତି, ତା'ପରେ ଧଳା ରଙ୍ଗ ଦିଅନ୍ତି। ଦୂରରୁ ଦେଖିଲେ ଲାଗେ ଯେମିତି ସତ ସତିକା ଶଙ୍ଖ ସମୁଦ୍ରରୁ ଆସି ଧାଡି ହୋଇ ବସିଛି। ଏବେ ସେ ଖାଲି ଶଙ୍ଖ ନୁହେଁ, ଗଣେଶ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଲକ୍ଷ୍ମୀ, ସରସ୍ୱତୀ, ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ବି ତିଆରି କରୁଛନ୍ତି। ତାଙ୍କ ହାତର ଯାଦୁ ଦେଖିଲେ ଆଖି ଫେରାଇ ହେବ ନାହିଁ।

ନିଜେ ବଞ୍ଚିବା ସହ ଅନ୍ୟଙ୍କୁ ବଞ୍ଚାଇବା ଏ କଳା ଏବେ ତାଙ୍କୁ ରୋଜଗାରକ୍ଷମ କରିଛି। ବାଲେଶ୍ୱରର ବଜାର, ରେମୁଣାର ମେଳା, ଯାନି ଯାତ୍ରା, ପଲ୍ଲୀଶ୍ରୀ ମେଳାରେ ବିମଳା ମାଉସୀଙ୍କ ମାଟି ଶଙ୍ଖର ବହୁ ଚାହିଦା। ଗୋଟେ ଶଙ୍ଖ ୫୦ ଟଙ୍କାରୁ ୩୦୦ ଟଙ୍କା ଯାଏଁ ବିକ୍ରି ହୁଏ। ବାହାଘର, ପୂଜା, ଗୃହ ପ୍ରବେଶ ପାଇଁ ଲୋକେ ଏବେ ସମୁଦ୍ର ଶଙ୍ଖ ବଦଳରେ ମାଟି ଶଙ୍ଖକୁ ପସନ୍ଦ କରୁଛନ୍ତି - କାରଣ ଏହା ପରିବେଶ ଅନୁକୂଳ ଓ ଶସ୍ତା। ସବୁଠୁ ବଡ କଥା ହେଲା, ବିମଳା ମାଉସୀ ନିଜେ ବଞ୍ଚିବା ସହ ଅନ୍ୟ ମହିଳାଙ୍କୁ ବଞ୍ଚିବାର ରାହା ଦେଖାଇଛନ୍ତି। ସେ ନାରାୟଣୀ ମାଟି ଶଙ୍ଖ ଟ୍ରେନିଂ ସେଣ୍ଟର ନାଁରେ ଗୋଟେ ସଂସ୍ଥା ଖୋଲିଛନ୍ତି। ଗାଁର ୨୦ ରୁ ଅଧିକ ମହିଳା, ବିଧବା, ଗରିବ ପରିବାରର ଝିଅ ବୋହୂ ତାଙ୍କ ଠାରୁ ମାଗଣାରେ ତାଲିମ ନେଉଛନ୍ତି। ସେମାନେ ଏବେ ନିଜେ କାରିଗର ହୋଇ ମାସକୁ ୪-୫ ହଜାର ରୋଜଗାର କରୁଛନ୍ତି। ୬୮ ବର୍ଷ ବୟସରେ ଯେତେବେଳେ ଅନ୍ୟମାନେ ବିଶ୍ରାମ ଖୋଜନ୍ତି, ବିମଳା ମାଉସୀ ସକାଳ ୫ଟାରୁ ମାଟିକୁ ଜୀବନ ଦେଉଛନ୍ତି। ତାଙ୍କ କହିବା କଥା ମାଟି କେବେ ବି ବେଇମାନି କରେନା। ତାକୁ ଯେତେ ଭଲ ପାଇବ, ସେ ସେତେ ଫେରାଇ ଦେବ। ଖେଳ ଖେଳରୁ ମାଟିରେ କଣ୍ଢେଇ ଗଢୁଥିବା ସେ ଛୋଟ ଝିଅ ଆଜି କୁଡ଼ିଆ ଗାଁର ଗର୍ବ। ସରକାର ଯଦି ତାଙ୍କ ପରି କାରିଗରଙ୍କୁ ଟିକେ ସହାୟତା ଦିଅନ୍ତେ, ତାଙ୍କ ମାଟି ଶଙ୍ଖ ବାଲେଶ୍ୱରରୁ ବାହାରି ସାରା ବିଶ୍ୱରେ ବାଜି ପାରନ୍ତା।

ସକାଳ
THE SAKALA

ସମ୍ପାଦକୀୟ

ଯଦି ଶୀଘ୍ର ଚାଲିବାକୁ ଚାହୁଁଛ ତେବେ ଏକୁଟିଆ ଚାଲ; ଯଦି ବହୁଦୂର ବାଟ ଯିବାର ଅଛି ତେବେ ସାଥୀମାନଙ୍କୁ ସାଙ୍ଗରେ ନେଇ ଚାଲ।
-ରତନ ଟାଟା

ଚାପରେ ଚିଠି!

ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ରାଜଧାନୀ ଦିଲ୍ଲୀରେ ବିରୋଧୀ ରାଜନୈତିକ ଦଳ ସମେତ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ମୁମ୍ବାଇରେ ଆନ୍ଦୋଳନର ତୀବ୍ରତା ଅନୁଭୂତ ହୋଇସାରିଥିବା ବେଳେ ଉତ୍ତରପ୍ରଦେଶକୁ ବ୍ୟାପିବାର ସୂଚନା ମିଳିଛି। ଏହିକ୍ରମରେ ସମଗ୍ର ଦେଶ ଏକଜୁଟ୍ ହେଉଛନ୍ତି। ଜ୍ଞାନେଶ କୁମାରଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏସ୍ଆଇଆର ପ୍ରକ୍ରିୟାରେ ବ୍ୟାପକ ତ୍ରୁଟି ଓ ଜାଲିଆତି ଅଭିଯୋଗ ଆସିଛି, ଯାହାକୁ ଏ ପର୍ଯ୍ୟନ୍ତ ସେ ଖଣ୍ଡନ କରିପାରିନାହାନ୍ତି। ଏଥିସହିତ ତାଙ୍କର ଏକଚାଟିଆ କାରବାର ସମ୍ପର୍କରେ ଖୋଦ୍ ଆୟୋଗ ଭିତରେ ବିରୋଧାଭାସ ସୃଷ୍ଟି ହୋଇଛି। ଅପରପକ୍ଷରେ ଆଶ୍ଚର୍ଯ୍ୟଜନକ ଭାବେ ଜ୍ଞାନେଶ କୁମାରଙ୍କ ସମର୍ଥନରେ ୪୨ ଜଣ ପୂର୍ବତନ ବିଚାରପତି ଏକ ଖୋଲା ଚିଠି ଜାରି କରିଛନ୍ତି। ସେମାନଙ୍କ ଭିତରେ କେତେଜଣ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇସାରିଛନ୍ତି। ସେମାନେ ପାଲଟା ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ଆୟୋଗ, ନ୍ୟାୟାଳୟ ପରି ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣ ହେଉଛି। ପରୋକ୍ଷରେ ସେମାନେ କଂଗ୍ରେସ ଦଳକୁ ସମାଲୋଚନା କରିଛନ୍ତି।

ସାରା ଦେଶବାସୀ ଜାଣିବାକୁ ଆଉ ବାକି ନାହିଁ ଯେ ଏବେ ଯେଉଁ ଆନ୍ଦୋଳନ ଚାଲିଛି ତାହା ନିର୍ବାଚନ ଆୟୋଗ ବିରୋଧରେ ନୁହେଁ; ନିର୍ଦ୍ଦିଷ୍ଟ ଭାବେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ। ତେଣୁ ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ଆକ୍ରମଣର ପ୍ରଶ୍ନ ଉଠିଲା କେଉଁଠି? ଏ କଥା ମଧ୍ୟ ଭୁଲିଯିବା ଉଚିତ ନୁହେଁ ଯେ ନିର୍ବାଚନ ଆୟୁକ୍ତ ଗଣତନ୍ତ୍ରର ପ୍ରହରୀ ଭାବେ 'ଗଣ'ଙ୍କ ଦ୍ୱାରା ପରୋକ୍ଷରେ ନିଯୁକ୍ତି ପାଇଛନ୍ତି। ତେଣୁ ସେ 'ଗଣ'ଙ୍କ ପ୍ରତି ଉତ୍ତରଦାୟିତ୍ୱ କିମ୍ବା ଆଇନର ଶାସନରୁ ଉର୍ଦ୍ଧ୍ୱରେ ନୁହନ୍ତି। କିନ୍ତୁ ସେ ଯଦି ନିଜ ଦାୟିତ୍ୱ ସଠିକ୍ ନିର୍ବାହ କରିପାରୁନାହାନ୍ତି ବୋଲି ହୃଦୟଙ୍ଗମ ହୁଏ ତେବେ 'ଗଣ' ସ୍ୱର ଉତ୍ତୋଳନ କରିବାର ଅଧିକାର ସମ୍ବିଧାନ ଦେଇଛି। ପ୍ରତିବାଦ/ଆନ୍ଦୋଳନ ଆଦିକୁ 'ଆକ୍ରମଣ' ସଞ୍ଜ୍ଞା ଦେବା ଠିକ୍ ନୁହେଁ। ଏ କଥା ଯେ ବିଜ୍ଞ ପୂର୍ବତନ ବିଚାରପତିମାନେ ଜାଣି ନାହାନ୍ତି ତାହା ଭାବିବା ଭୁଲ୍। ତଥାପି ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ଆକ୍ରମଣ ହେଉଛି ବୋଲି ମନ୍ତବ୍ୟ ଦେବା କେତେ ସମୀଚୀନ ତାହା ବିଚାରସାପେକ୍ଷ। 'କୌଣସି ଗଣତାନ୍ତ୍ରିକ ଅନୁଷ୍ଠାନର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇସାରିବା ପରେ ମନମୁଖି କାର୍ଯ୍ୟ କରିବାର ଅଧିକାର ଅଛି' ଭଳି ଉଦ୍ଭଟ ଭାବନା ମଧ୍ୟ ପୂର୍ବତନ ବିଚାରପତିମାନଙ୍କର ମସ୍ତିଷ୍କରେ ଜନ୍ମ ନେଇଥିବ ବୋଲି ସହଜରେ ବିଶ୍ୱାସ କରି ହେଉନାହିଁ। ତଥାପି ଦୁର୍ଭାଗ୍ୟବଶତଃ ଯଦି ଏଭଳି ହୋଇଥାଏ ତେବେ ଦେଶ ପାଇଁ ତାହା ଏକ ବିଡ଼ମ୍ବନା।

ଏଠାରେ ଆଉ ଏକ ପ୍ରସଙ୍ଗ ଉଲ୍ଲେଖନୀୟ। ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଯଶୋବନ୍ତ ବର୍ମାଙ୍କ ବାସଭବନ ପରିସରରୁ ପୋଡ଼ା ନୋଟ୍ ଜବତ ହେବା ଘଟଣାର ତଦନ୍ତରେ ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତେଣୁ ତାଙ୍କୁ ଦୋଷୀ କହିବାରେ ବାରଣ ନାହିଁ। କିନ୍ତୁ ଜଷ୍ଟିସ୍ ବର୍ମାଙ୍କୁ ଦୋଷୀ କହିବାର ଅର୍ଥ ନୁହେଁ ଯେ ଅଦାଲତକୁ ବା ଗଣତାନ୍ତ୍ରିକ ଅନୁଷ୍ଠାନକୁ ଦୋଷାରପ କରାଯାଉଛି। ସେ ଏକ ଗଣତାନ୍ତ୍ରିକ ଅନୁଷ୍ଠାନକୁ ପ୍ରତିନିଧିତ୍ୱ କରୁଥିବାରୁ ତାଙ୍କର ଆପତ୍ତିଜନକ କାର୍ଯ୍ୟକଳାପ ପାଇଁ ତାଙ୍କୁ ଆରୋପିତ କରାଯାଇପାରିବ ନାହିଁ ଏହା ମଧ୍ୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅସ୍ୱୀକୃଣୀୟ।

ଯେଉଁ ବିଜ୍ଞ ବ୍ୟକ୍ତିମାନେ ବିଚାରପତି ଭଳି ଦାୟିତ୍ୱସମ୍ପନ୍ନ ପଦବୀରେ ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରିଛନ୍ତି ସେମାନଙ୍କ ମସ୍ତିଷ୍କରେ ଏଭଳି ବିପରୀତ ଭାବନା ଉଦ୍ରେକ ହେବା ଅସମ୍ଭବ। ତେଣୁ ସେମାନେ କାହା ଚାପରେ ଏଭଳି ଚିଠି ଜାରି କରିଥାଇପାରନ୍ତି ବୋଲି ଜନମନରେ ଏକ ଧାରଣା ସୃଷ୍ଟି ହେଉଛି। ସେ ଚାପ କାହାର ହୋଇଥିବ ତାହା ବୁଝାଇ କହିବାର ଆବଶ୍ୟକତା ମଧ୍ୟ ନାହିଁ।

ଆମେରିକାର ଔଦ୍ଧତ୍ୟ

ଏହା ବିଶ୍ୱକୁ ଅଜଣା ନାହିଁ ଯେ ଆମେରିକାର ସୂଚନା ପ୍ରଯୁକ୍ତି ଶିଳ୍ପର ସମୃଦ୍ଧିରେ ଭାରତୀୟ ପ୍ରତିଭାମାନଙ୍କର ଅବଦାନ ଅପରିହାର୍ଯ୍ୟ। ତଥାପି ଭାରତୀୟ ପେସାଦାରମାନଙ୍କୁ ଗୋତି ଶ୍ରମିକ ସହିତ ତୁଳନା କରିବା ଏବଂ ସେମାନଙ୍କର ଆମେରିକା ରହଣି ଅନୁମତିକୁ ବାତିଲ୍ କରିବା ଆମେରିକାର ଔଦ୍ଧତ୍ୟର ପରିଚୟ। ଦକ୍ଷ, କୁଶଳୀ ଓ ଧୀଶକ୍ତି ସମ୍ପନ୍ନ ବିଦେଶୀ ପେସାଦାରମାନଙ୍କର ପ୍ରତିଭାକୁ ବିନିଯୋଗ କରିବା ପାଇଁ ଆମେରିକା 'ପରମାନେଣ୍ଟ ଲେବର ସାର୍ଟିଫିକେସନ୍ ପ୍ରୋଗ୍ରାମ(ପିଏଲ୍ସିପି)' ବା 'ପ୍ରୋଗ୍ରାମ୍ ଇଲେକ୍ଟ୍ରୋନିକ୍ ରିଭ୍ୟୁ ମ୍ୟାନେଜମେଣ୍ଟ(ପିଇଆରଏମ୍)' ନାମରେ ଏକ ଯୋଜନା କାର୍ଯ୍ୟକାରୀ କରିଆସୁଥିଲା। ଏହି ଯୋଜନାରେ ବହିରାଗତମାନଙ୍କୁ ସେଠାରେ ସ୍ଥାୟୀ ରହଣିର ଅନୁମତି ଦିଆଯାଉଥିଲା। କିନ୍ତୁ ସେମାନଙ୍କୁ ସମାନ କାମରେ ନିୟୋଜିତ ଆମେରିକୀୟମାନଙ୍କଠାରୁ ତୁଳନାତ୍ମକ ଭାବେ କମ୍ ପାରିଶ୍ରମିକ ବା ଦରମା ମିଳୁଥିଲା। ତଥାପି ଆମେରିକାରେ କାର୍ଯ୍ୟରତ କୋଗ୍ନିଜାଣ୍ଟ, ଇନ୍ଫୋସିସ୍, ଟାଟା, ୱିପ୍ରୋ, ଏଚ୍ସିଏଲ୍ ପରି ବୃହତ୍ ଆଇଟି କମ୍ପାନୀ ସମେତ ମାଇକ୍ରୋସଫ୍ଟ, ଗୁଗୁଲ୍, ଆଡୋବ୍ ପରି ଆମେରିକୀୟ କମ୍ପାନୀମାନଙ୍କରେ ଭାରତୀୟମାନେ ଉପରୋକ୍ତ ଯୋଜନା ଅଧୀନରେ ସେଠାରେ ସ୍ଥାୟୀ ବସବାସ କରିବାର ସୁଯୋଗ ପାଉଥିଲେ। କିନ୍ତୁ ଭାରତୀୟ ପେସାଦାରମାନଙ୍କ ଯୋଗୁଁ ଆମେରିକୀୟ ପେସାଦାରମାନେ ଚାକିରି ହରାଉଥିବା ଅଭିଯୋଗରେ ଆମେରିକା ସରକାର ଉପରୋକ୍ତ ଯୋଜନାକୁ ପ୍ରତ୍ୟାହାର କରିନେଇଛନ୍ତି। ଏହାଫଳରେ ସଂଖ୍ୟାଧିକ ଏଚ୍-୧ବି ଭିସା ଓ ଗ୍ରୀନ୍ କାର୍ଡ ଆଶାୟୀ ଭାରତୀୟମାନେ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟଥର ଆମେରିକାର ରାଷ୍ଟ୍ରପତି ପଦରେ ଆସୀନ ହେବା ପରେ ଆମେରିକା ଫାଷ୍ଟ(ଆମେରିକା ପ୍ରଥମ) ନୀତିରେ ଆମେରିକୀୟମାନଙ୍କୁ ପ୍ରତିଟି କ୍ଷେତ୍ରରେ ଅଗ୍ରାଧିକାର ଦେବା ପାଇଁ ଘୋଷଣା କରିଛନ୍ତି। ତେଣୁ ସେଠାରେ ରହୁଥିବା ପ୍ରବାସୀ ଓ ଆଶାୟୀମାନେ ପ୍ରଭାବିତ ହେବାର ଆଶଙ୍କା ଦୁଇବର୍ଷ ତଳୁ ସୃଷ୍ଟି ହୋଇସାରିଛି।

ଛଅ ଆଉ ସାତର ଅଡୁଆ ଅଙ୍କ

ରାକେଶ କୁମାର ପାଢ଼ୀ

ଭୋଟର ତାଲିକାରେ ଭୋଟରଙ୍କ ନାମ ଯୋଗ ବିୟୋଗରେ ଫର୍ମ ୬ ଓ ଫର୍ମ ୭ର ପ୍ରମୁଖ ଭୂମିକା ରହିଛି। ସମ୍ପ୍ରତି ଫର୍ମ ୬ରେ ଆବଶ୍ୟକ ପରିବର୍ତ୍ତନ ଓ ୭ ଜରିଆରେ ସଂଖ୍ୟାଧିକ ଭୋଟରଙ୍କ ନାମ କଟିବା ଓ ଡିଜିଟାଲକରଣରେ ସ୍ୱଚ୍ଛତା ନେଇ ଯେଉଁ ଅଡୁଆ ଅଙ୍କ ସୃଷ୍ଟି ହୋଇଛି ତା'ର ଉତ୍ତରଦାୟିତ୍ୱ କାହାର? ଏହି ପ୍ରଶ୍ନ ଦ୍ୱନ୍ଦ୍ୱ ସୃଷ୍ଟି କରିଥିବା ବେଳେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ଇସ୍ତଫା ଓ ତାଙ୍କ ପଦର ସୁରକ୍ଷା ପାଇଁ ସରକାର ଓ ବିରୋଧୀ ଦଳ ଭିତରେ ବଳ କଷାକଷି ଚାଲିଛି ଏବଂ ସାରା ବିଶ୍ୱର ଦୃଷ୍ଟି ଏହା ଉପରେ ରହିଛି।

ଭୋଟର ତାଲିକାରେ ନାମ ହିଁ ଗଣତନ୍ତ୍ରରେ ଜଣେ ନାଗରିକଙ୍କ ଭୋଟ ଅଧିକାରର ପ୍ରଥମ ପ୍ରମାଣ। ତେଣୁ ଏହି ତାଲିକାରେ କିଏ ନାମ ଯୋଡ଼ିବେ, କାହାର ନାମ କଟିବ, କିଏ ନିଷ୍ପତ୍ତି ନେବେ ଏବଂ ସେହି ନିଷ୍ପତ୍ତିର ରେକର୍ଡ କାହା ପାଖରେ ରହିବ - ଏସବୁ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ମୌଳିକ ପ୍ରଶ୍ନ। ବର୍ତ୍ତମାନର ସଘନ ଭୋଟର ତାଲିକା ସଂଶୋଧନ(ଏସଆଇଆର)କୁ ନେଇ ଦେଶବ୍ୟାପୀ ବିତର୍କ ମଧ୍ୟରେ ଫର୍ମ-୬ ଓ ଫର୍ମ-୭ ବିଶେଷ ଭାବେ ଗୁରୁତ୍ୱ ପାଇଛି। ଫର୍ମ-୬ ହେଉଛି ତାଲିକାରେ ନୂଆ ଭୋଟର ଯୋଡ଼ିବା ପାଇଁ ମୁଖ୍ୟ ଆବେଦନ ଫର୍ମ। କିନ୍ତୁ ଏସଆଇଆର ସମୟରେ ଅନଲାଇନ୍ ଫର୍ମ-୬ରେ ଏକ ଅତିରିକ୍ତ ଘୋଷଣା ଯୋଡ଼ାଯାଇଥିଲା। ନୂଆ ଭୋଟରଙ୍କୁ ନିଜର କିମ୍ବା ମାତାପିତା/ପୂର୍ବପୁରୁଷଙ୍କ ନାମ ପୂର୍ବତନ ଭୋଟର ତାଲିକାରେ ଥିଲା କି ନାହିଁ, ସେ ସମ୍ପର୍କରେ ତଥ୍ୟ ଦେବାକୁ ପଡୁଥିଲା। ଏହି ପରିବର୍ତ୍ତନକୁ ନେଇ ଦୁଇ ନିର୍ବାଚନ ଆୟୁକ୍ତ ଆପତ୍ତି ଉଠାଇଥିବା ବିଷୟ 'ଇଣ୍ଡିଆନ୍ ଏକ୍ସପ୍ରେସ୍' ରିପୋର୍ଟରେ ଆସିଛି। ଜଣେ ଆୟୁକ୍ତ ଏହାକୁ 'ଅନୁମତିବିହୀନ ଓ ବେଆଇନ' ବୋଲି ଲିଖିତ ଆପତ୍ତି ଜଣାଇଥିବା ରିପୋର୍ଟରେ କୁହାଯାଇଛି। ପରେ ନିର୍ବାଚନ ଆୟୋଗ ସ୍ପଷ୍ଟ କରିଛନ୍ତି ଯେ ଏହି ଅତିରିକ୍ତ ଘୋଷଣା ଏସ୍ଆଇଆର ପାଇଁ ଥିଲା ଏବଂ ଏହା ବାହାରେ ସାଧାରଣ ଆଇନଗତ ଫର୍ମ-୬ ବ୍ୟବହାର ହେବ। ତେଣୁ ପ୍ରଶ୍ନ କେବଳ ଫର୍ମ ବଦଳିଲା କି ନାହିଁ ନୁହେଁ। ପ୍ରଶ୍ନ ହେଉଛି, ଆଇନଗତ ଫର୍ମର ଡିଜିଟାଲ୍ ରୂପ ବଦଳାଇବାର ଅଧିକାର କାହାର ଏବଂ ସେହି ପରିବର୍ତ୍ତନର ପ୍ରାମାଣିକତା କିପରି ନିଶ୍ଚିତ ହେବ?

ଏବେ ଆସିବା ଫର୍ମ-୭କୁ। ଭୋଟର ତାଲିକାରୁ ନାମ ବାଦ ପାଇଁ ଏହା ଏକ ଆଇନଗତ ମାଧ୍ୟମ। ଏହି ଫର୍ମ ମାଧ୍ୟମରେ ଭୋଟର ତାଲିକାରେ ଥିବା କୌଣସି ଅଯୋଗ୍ୟ, ମୃତ, ସ୍ଥାନାନ୍ତରିତ କିମ୍ବା ଦୁଇଟି ଜାଗାରେ ଥିବା ସମାନ ନାମ ମଧ୍ୟରୁ ଗୋଟିଏ ଜାଗାକୁ ବାଦ ଦେବା ପାଇଁ ଆପତ୍ତି ଦାଖଲ କରାଯାଇପାରେ। ଏହି ବ୍ୟବସ୍ଥା ଅବୈଧ ନୁହେଁ। ବରଂ ଭୋଟର ତାଲିକାକୁ ଶୁଦ୍ଧ ରଖିବା ପାଇଁ ଏକ ଆବଶ୍ୟକତା। କିନ୍ତୁ ଫର୍ମ-୭ ଦାଖଲ ହେବା ପରେ ପ୍ରକ୍ରିୟାରେ କେତେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି ତାହା ମୁଖ୍ୟ ପ୍ରଶ୍ନ। ଆବେଦନ କିଏ କଲା? କାହା ବିରୋଧରେ କଲା? କେଉଁ କାରଣ ଦର୍ଶାଇଲା? କେଉଁ ପ୍ରମାଣ ଦିଆଗଲା? କିଏ କ୍ଷେତ୍ରସ୍ତରରେ ଯାଞ୍ଚ କଲା? ଭୋଟରଙ୍କୁ କିମ୍ବା ତାଙ୍କ ସମ୍ପର୍କୀୟଙ୍କୁ ସୂଚନା ଦିଆଗଲା କି? ନିଜ ପକ୍ଷ ରଖିବାର ସୁଯୋଗ ମିଳିଲା କି? ନିର୍ବାଚନ ପଞ୍ଜିକରଣ ଅଧିକାରୀ କ'ଣ ନିଷ୍ପତ୍ତି ନେଲେ? ନିଷ୍ପତ୍ତିକୁ କିଏ ତଥ୍ୟଭଣ୍ଡାରରେ ଲିପିବଦ୍ଧ କଲା? ପରେ ତାହା ବଦଳିଲା କି? ବଦଳିଥିଲେ କିଏ ବଦଳାଇଲା? ଲକ୍ଷାଧିକ ଭୋଟରଙ୍କ ମାମଲାରେ ଏସବୁ ଏକାଧିକ ପ୍ରଶ୍ନ ଏବେ ଅସମାହିତ ହୋଇ ରହିଛି। ଏ ପ୍ରତ୍ୟେକ ପ୍ରଶ୍ନର ଉତ୍ତରର ଏକ ସ୍ପଷ୍ଟ ଡିଜିଟାଲ୍ ଯାଞ୍ଚ ପ୍ରକ୍ରିୟା ଲିପିବଦ୍ଧ ରହିବା ଦରକାର।

ପ୍ରକୃତପକ୍ଷରେ ଏସବୁ ବିବାଦର ମୂଳରେ ରହିଛି ଡିଜିଟାଲ୍ ନିୟନ୍ତ୍ରଣ। 'ଇଣ୍ଡିଆନ୍ ଏକ୍ସପ୍ରେସ୍'ର ସେପ୍ଟେମ୍ବର ୨୩ର ଅନୁସନ୍ଧାନ ରିପୋର୍ଟ ଅନୁସାରେ, ଦୁଇ ନିର୍ବାଚନ ଆୟୁକ୍ତ ଗତ ୧୦ ମାସ ଭିତରେ ଅନ୍ତତଃ ୧୪ ଥର ଭୋଟର ତାଲିକା, ଫର୍ମ-୬, ନାମ ବାଦ/ପୁନଃସ୍ଥାପନ ଏବଂ ନିର୍ବାଚନୀ ତଥ୍ୟଭଣ୍ଡାରର ନିୟନ୍ତ୍ରଣ ପ୍ରକ୍ରିୟା ସମ୍ପର୍କରେ ଆପତ୍ତି ଉଠାଇଥିଲେ। ବିଶେଷ ଚିନ୍ତାର ବିଷୟ ଥିଲା ନିର୍ବାଚନୀ ତଥ୍ୟଭଣ୍ଡାରର କେନ୍ଦ୍ରୀକରଣ ଓ ପ୍ରବେଶାଧିକାର। ଏଠି ଏକ ମୌଳିକ ପ୍ରଶ୍ନ ହେଉଛି; ଯଦି ଆଇନ ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନରେ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଜିଲ୍ଲା ନିର୍ବାଚନ ଅଧିକାରୀ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ ରହିଛି, ତେବେ ସେମାନଙ୍କର ଡିଜିଟାଲ୍ ପ୍ରବେଶାଧିକାର ମଧ୍ୟ ସେହି ଦାୟିତ୍ୱ ଅନୁରୂପ ରହିବା ଉଚିତ ନୁହେଁ କି? ଏହି ପ୍ରଶ୍ନର ଉତ୍ତର ଅସ୍ପଷ୍ଟ ରହିଲେ, ଦାୟିତ୍ୱ ଓ ନିୟନ୍ତ୍ରଣ ମଧ୍ୟରେ ଏକ ଫାଟ ସୃଷ୍ଟି ହେବାର ଆଶଙ୍କା ରହେ। ଏହାର ପ୍ରତିଫଳନ ପଶ୍ଚିମବଙ୍ଗରେ ହୋଇଛି। ଏସିଆଇଆରରେ ପଶ୍ଚିମବଙ୍ଗରେ ୨୭.୧୬ ଲକ୍ଷ ଭୋଟରଙ୍କ ନାମ ବାଦ ପଡ଼ିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨.୨୧ ଲକ୍ଷ ଜଣ ପୁନଃସାମିଲ୍ ପାଇଁ ଅପିଲ୍ କରିଥିବା ନିର୍ବାଚନ ଆୟୋଗ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। କିନ୍ତୁ ନିର୍ବାଚନ ପୂର୍ବରୁ କେବଳ ୧, ୬୦୭ ଜଣଙ୍କ ନାମ ପୁନଃସାମିଲ୍ ହୋଇପାରିଥିଲା। ତେଣୁ ଏଠାରେ ପ୍ରଶ୍ନ କେବଳ 'କେତେ ନାମ କଟିଲା?' ନୁହେଁ; ବରଂ ପ୍ରଶ୍ନ ହେଉଛି ଏତେ ବଡ଼ ସଂଖ୍ୟାର ନାମ ବାଦ ହେବା ପରେ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କୁ ସମୟୋପଯୋଗୀ ଓ ପ୍ରଭାବଶାଳୀ ଭାବେ ନ୍ୟାୟ ପାଇବାର ସୁଯୋଗ ମିଳିଲା କି? ଆଉ ଏକ ନୂଆ ଘଟଣା ଏହି ପ୍ରଶ୍ନକୁ ଆହୁରି ଗମ୍ଭୀର କରିଛି। ପଶ୍ଚିମବଙ୍ଗର ଭୋଟର ଅପିଲ୍ ଟ୍ରିବ୍ୟୁନାଲ୍ରେ ଏକାଧିକ ନ୍ୟାୟିକ ଅଧିକାରୀ ନିର୍ବାଚନ ଆୟୋଗର ପୋର୍ଟାଲ୍ରେ ନୋଟିସ୍ ପ୍ରେରଣ, ଦଲିଲ୍ ଅପଲୋଡ୍, ଭର୍ଚୁଆଲ୍ ଶୁଣାଣି ଓ ନାମ ପୁନଃସ୍ଥାପନ ସମ୍ପର୍କିତ ସୁବିଧା ନେଇ ଆପତ୍ତି ଉଠାଇଥିବା ରିପୋର୍ଟ ହୋଇଛି। ଯଦି ଏହି ଅଭିଯୋଗଗୁଡ଼ିକ ତଥ୍ୟାନୁସନ୍ଧାନରେ ସତ୍ୟ ପ୍ରମାଣିତ ହୁଏ, ତେବେ ପ୍ରଶ୍ନଟି କେବଳ ଭୋଟର ତାଲିକାର ନୁହେଁ; ନ୍ୟାୟ ପାଇବାର ଡିଜିଟାଲ୍ ପଦ୍ଧତି ଉପରେ ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ଭାରତୀୟ ନିର୍ବାଚନ ବ୍ୟବସ୍ଥାର ଏକ ଅସାଧାରଣ ବିଶେଷତା ହେଉଛି; ଜଣେ ଭୋଟର ଥିଲେ ମଧ୍ୟ ତାଙ୍କ ପାଖରେ ପହଞ୍ଚିବା ପାଇଁ ଦୁର୍ଗମ ପାହାଡ଼, ଜଙ୍ଗଲ ଅଞ୍ଚଳକୁ ମଧ୍ୟ ପୋଲିଂ ଦଳ ପଠାଯାଏ। ଏହା ଭାରତୀୟ ଗଣତନ୍ତ୍ରର ଏକ ଗୌରବଜନକ ଦୃଶ୍ୟ। କିନ୍ତୁ ଲକ୍ଷ ଲକ୍ଷ ଭୋଟର ସେମାନଙ୍କ ଅଧିକାର ହରାଇଲେ। ଏଥିପାଇଁ ଦାୟୀ କିଏ? ଏହି ପ୍ରଶ୍ନ କୌଣସି ରାଜନୈତିକ ଦଳ ପାଇଁ ନୁହେଁ, ଏହା ନିର୍ବାଚନ ବ୍ୟବସ୍ଥାର ନିଜସ୍ୱ ବିଶ୍ୱସନୀୟତା ପାଇଁ।

କେନ୍ଦ୍ରୀୟ ତଥ୍ୟଭଣ୍ଡାର ଥିଲେ ମଧ୍ୟ ତାହାର ପ୍ରତ୍ୟେକ ପରିବର୍ତ୍ତନ ଯାଞ୍ଚଯୋଗ୍ୟ ଓ ଉତ୍ତରଦାୟିତ୍ୱ ହେବା ଦରକାର। ଭୋଟର ତାଲିକାକୁ ଶୁଦ୍ଧ କରିବା ନିଶ୍ଚିତ ଭାବେ ଆବଶ୍ୟକ। କିନ୍ତୁ ତାହାର ପ୍ରକ୍ରିୟା ମଧ୍ୟ ସମାନ ଭାବେ ଭରସାଯୋଗ୍ୟ ହେବା ଦରକାର। ତେଣୁ ପ୍ରତ୍ୟେକ ନାମ ବାଦ ପାଇଁ ଆବେଦନ, ପ୍ରମାଣ, କ୍ଷେତ୍ର ଯାଞ୍ଚ, ସୂଚନା, ଶୁଣାଣି, ନିଷ୍ପତ୍ତି, ଡିଜିଟାଲ୍ ଲିପିବଦ୍ଧକରଣ, ଅପିଲ୍ ଆଦି ପର୍ଯ୍ୟାୟକ୍ରମେ ଯାଞ୍ଚ ହେବା ଆବଶ୍ୟକ। ବ୍ୟବସ୍ଥା ଏପରି ହେବା ଆବଶ୍ୟକ, ଯେଉଁଥିରେ ପ୍ରତ୍ୟେକ ନିର୍ବାଚନୀ ଅଧିକାରୀ ନିଜ ଅଧିକାର କ୍ଷେତ୍ରରେ ସମ୍ପୂର୍ଣ୍ଣ ତଥ୍ୟ ଦେଖିପାରିବେ; କୌଣସି ପରିବର୍ତ୍ତନ ହେଲେ କିଏ, କେବେ ଓ କାହିଁକି କଲେ; ତାହାର ସ୍ଥାୟୀ ଡିଜିଟାଲ୍ ରେକର୍ଡ ରହିବ ଏବଂ ଭୋଟରଙ୍କ ପାଇଁ ସହଜ ଅଭିଯୋଗ ବ୍ୟବସ୍ଥା ରହିବ। ଏହାସହିତ ନିର୍ବାଚନୀ ତଥ୍ୟଭଣ୍ଡାର ଓ ଏହାର ସୁରକ୍ଷା ବ୍ୟବସ୍ଥାର ସ୍ୱାଧୀନ ପ୍ରଯୁକ୍ତିଗତ ଯାଞ୍ଚ ମଧ୍ୟ ଆବଶ୍ୟକ।

ନିର୍ବାଚନ ଆୟୋଗ ଏବେ ଇଞ୍ଜିନିୟରିଂ ଓ ପ୍ରଯୁକ୍ତି ଶିକ୍ଷାସଂସ୍ଥାର ବିଶେଷଜ୍ଞଙ୍କ ମାଧ୍ୟମରେ ଇସିଆଇନେଟ୍ର ସମୀକ୍ଷା ପାଇଁ ପଦକ୍ଷେପ ନେଇଥିବା ଖବର ମିଳିଛି। ଭାରତୀୟ ଭୋଟର ତାଲିକାର ପ୍ରତ୍ୟେକ ଯୋଗ-ବିୟୋଗର ଏକ ସ୍ପଷ୍ଟ, ଯାଞ୍ଚଯୋଗ୍ୟ ଓ ଉତ୍ତରଦାୟୀ ରେକର୍ଡ ଅଛି କି, ଯାହାକୁ ଭୋଟର ଠାରୁ ଆରମ୍ଭ କରି ସ୍ଥାନୀୟ ନିର୍ବାଚନ ଅଧିକାରୀ ଓ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଆବଶ୍ୟକ ବେଳେ ଯାଞ୍ଚ କରିପାରିବେ? ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ହିଁ ନିର୍ବାଚନୀ ବ୍ୟବସ୍ଥାର ପ୍ରକୃତ ପାରଦର୍ଶିତାର ପରୀକ୍ଷା। ଏଥିରେ ଯଦି କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ସେ ଯେକେହି ବି ହୁଅନ୍ତୁ ଅବା ଯେତେବଡ଼ ପଦରେ ଭୂଷିତ ହୁଅନ୍ତୁ ଆଇନ ଅନୁସାରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନର ବ୍ୟବସ୍ଥା ରହିବା ଦରକାର। ଆଇନ୍ର ଉର୍ଦ୍ଧ୍ୱରେ କିଏ ରହିବା ଅନୁଚିତ। କଥାରେ ଅଛି କ୍ଷମତା ଦୁର୍ନୀତିକୁ ପ୍ରଶ୍ରୟ ଦିଏ, ନିରଙ୍କୁଶ କ୍ଷମତା ଅସୀମ ଦୁର୍ନୀତି ପାଇଁ ପ୍ରଶ୍ରୟ ସୃଷ୍ଟି କରେ। ତେଣୁ ଏକ ସୁସ୍ଥ ଓ ବିଶ୍ୱସ୍ତ ଗଣତନ୍ତ୍ର ପାଇଁ ଯେକୌଣସି ସାମ୍ବିଧାନିକ ପଦର ଉତ୍ତରଦାୟିତ୍ୱ ଅପରିହାର୍ଯ୍ୟ।

ଜୟପୁର, ମୋ: ୯୪୩୯୫୧୦୦୯୧

ସଂଘର୍ଷରୁ ଶାନ୍ତି ନୋବେଲ୍ ଯାତ୍ରା

ଡ. ପ୍ରଦୀପ କୁମାର ନାୟକ

ଭାରତୀୟ ବଂଶୋଦ୍ଭବ ତାମିଲ ସମ୍ପ୍ରଦାୟ ତଥା ଦକ୍ଷିଣ ଆଫ୍ରିକୀୟ ଖ୍ୟାତନାମା ମାନବୀୟ ଅଧିକାର କର୍ମୀ, ମହିଳା ନେତ୍ରୀ, ଆଇନଜୀବୀ, ଜାତିସଂଘର ପୂର୍ବତନ ହାଇକମିଶନର ଓ ବର୍ତ୍ତମାନ ଆନ୍ତର୍ଜାତିକ ବିଚାରାଳୟର ମହିଳା ବିଚାରପତି ନଭାନେତମ ନଭି ପିଲେ ୨୦୨୬ ମସିହା ପାଇଁ ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ପାଇବାକୁ ଯୋଗ୍ୟା ବିବେଚିତ ହୋଇଛନ୍ତି।

୧୯୪୧ ମସିହା ସେପ୍ଟେମ୍ବର ୨୩ ତାରିଖରେ ଦକ୍ଷିଣ ଆଫ୍ରିକାର ଡର୍ବାନ ସହରର କ୍ଲାରେଉଡଠାରେ ଜନ୍ମ ଗ୍ରହଣ କରିଥିବା ନଭି ପିଲେଙ୍କର ଜେଜେବାପାଙ୍କୁ ଜଣେ ଚୁକ୍ତିବଦ୍ଧ ମଜୁରିଆ ବା ଦାଦନ ଶ୍ରମିକ ରୂପେ ଆଖୁ କ୍ଷେତରେ କାମ କରିବା ପାଇଁ ବ୍ରିଟିଶ ସରକାର ଦକ୍ଷିଣ ଆଫ୍ରିକାକୁ ନେଇଥିଲେ। ଏହିପରି ହଜାର ହଜାର ଶ୍ରମିକ ଦୂରଦୂରାନ୍ତରେ ଥିବା ବ୍ରିଟିଶ ଉପନିବେଶଗୁଡ଼ିକରେ ମୂଲ ଲାଗିବା ପାଇଁ ସ୍ୱାଧୀନତା ପୂର୍ବରୁ ଯାଇଥିଲେ ଏବଂ ସେଠାରେ ସ୍ଥାୟୀ ଭାବରେ ରହି ଯାଇଥିଲେ। ତାଙ୍କ ବାପା ନାରାୟଣ ସ୍ୱାମୀ ନାଇଡୁ ଜଣେ ବସ ଡ୍ରାଇଭର ଥିଲେ ଏବଂ ମାଆ ଶାନ୍ତାମା' ଥିଲେ ଗୃହିଣୀ।

ଦାରିଦ୍ର୍ୟର ତାଡ଼ନାରେ ତାଙ୍କର ପାରିବାରିକ ଜୀବନ ଅତି ଦୟନୀୟ ଥିଲା; କିନ୍ତୁ ତାଙ୍କ ଜୀବନର ଉଚ୍ଚ ଆଶା ଓ ଅସୁମାରୀ ସ୍ୱପ୍ନକୁ ଭାଙ୍ଗି ପାରି ନ ଥିଲା। ସେ ଡରବାନ ବିଶ୍ୱବିଦ୍ୟାଳୟରେ ଆଇନ ଅଧ୍ୟୟନ କରିଥିଲେ। ୧୯୬୩ ସାଲରେ ସ୍ନାତକ ଡିଗ୍ରୀ ହାସଲ କଲେ। ୧୯୬୫ ସାଲରେ ଆଇନରେ ଡିଗ୍ରୀ ଲାଭ କଲେ। ଏହାପରେ ସ୍ନାତକୋତ୍ତର ଓ ଡକ୍ଟରେଟ ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ସମ୍ପୂର୍ଣ୍ଣ କରିଥିଲେ। ନାତାଲ ପ୍ରଦେଶରେ ସେ ଏକ ଆଇନ କାର୍ଯ୍ୟାଳୟ ଆରମ୍ଭ କରିଥିଲେ ୧୯୬୭ ମସିହାରେ। ଏହାପରେ ତାଙ୍କର ଖ୍ୟାତି ସବୁଆଡ଼େ ବ୍ୟାପି ଯାଇଥିଲା।

ମାନବୀୟ ଅଧିକାର ଉଲ୍ଲଙ୍ଘନ ଓ ମାନବ ସଭ୍ୟତା ବିରୁଦ୍ଧରେ ଘଟୁଥିବା ନିଷ୍ଠୁର, ପୈଶାଚିକ ଓ ବର୍ବର ଅପରାଧ ତାଙ୍କୁ ବିଚଳିତ କରିଥିଲା। ସେ ୧୯୯୫ ସାଲରେ ଦକ୍ଷିଣ ଆଫ୍ରିକାରେ ଉଚ୍ଚ ନ୍ୟାୟାଳୟର ପ୍ରଥମ କୃଷ୍ଣକାୟ ମହିଳା ବିଚାରପତି ରୂପେ କାର୍ଯ୍ୟ କରିଥିଲେ। ଦକ୍ଷିଣ ଆଫ୍ରିକା ସରକାରଙ୍କ ଏହି କଳା-ଗୋରା ଭେଦଭାବ ନୀତି ବିରୁଦ୍ଧରେ ଲଢ଼ି କାରାବରଣ କରିଥିବା କୃଷ୍ଣକାୟ ସମ୍ପ୍ରଦାୟର ନେତା ନେଲସନ ମାଣ୍ଡେଲାଙ୍କ ଓକିଲ ଭାବେ ସେ କିଛିଦିନ କାମ କରିଥିଲେ। ୧୯୯୪ ମସିହାରେ ରୁଆଣ୍ଡାରେ ଗଣହତ୍ୟାର ଶିକାର ହୋଇ ୮ ଲକ୍ଷ ଲୋକ ପ୍ରାଣ ହରେଇଥିଲେ, ଯାହା ତାଙ୍କୁ ବ୍ୟଥିତ କରିଥିଲା। ୧୯୯୫ରେ ରୁଆଣ୍ଡା ପାଇଁ ଉଦ୍ଦିଷ୍ଟ ମିଳିତ ଜାତିସଂଘର ଆନ୍ତର୍ଜାତିକ ବିଚାରାଳୟର ସେ ମୁଖ୍ୟ ଥିଲେ ଏବଂ ୨୦୨୧ ମସିହାରୁ ଜାତିସଂଘ ଦ୍ୱାରା ଗଠିତ ଅଧିକୃତ ପାଲେଷ୍ଟାଇନରେ ମାନବ ଅଧିକାର ଉଲଂଘନ ଅନୁଧ୍ୟାନ କମିଟିର ମୁଖ୍ୟ ରୂପେ ସେ ଆଜି ପର୍ଯ୍ୟନ୍ତ ଦାୟିତ୍ୱ ତୁଲେଇ ଆସୁଛନ୍ତି।

ପାଲେଷ୍ଟାଇନରେ ଇସ୍ରାଏଲ ସୈନିକମାନଙ୍କ ଦ୍ୱାରା ହୋଇଥିବା ଗଣହତ୍ୟା ଓ ବର୍ବରତାର ଉପଯୁକ୍ତ ଦଣ୍ଡବିଧାନ ପାଇଁ ନଭି ପିଲେ ଜାତିସଂଘକୁ ପ୍ରସ୍ତାବ ଦେଇଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ୧୯୪୫-୧୯୪୬ ମଧ୍ୟରେ ନୁରେମବର୍ଗ ସ୍ୱତନ୍ତ୍ର ବିଚାରାଳୟ ଦ୍ୱାରା ୨୪ ଜଣ ନିଷ୍ଠୁର ଓ ଅମାନବୀୟ ନାଜି ଯୁଦ୍ଧ ଅପରାଧୀଙ୍କୁ ଯେପରି ଦଣ୍ଡିତ କରାଯାଇଥିଲା ତାହା ତାଙ୍କ ମନରେ ଗଭୀର ରେଖାପାତ କରିଥିଲା। ନଭି ପିଲେ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀରେ ନୁରେମବର୍ଗ ବିଚାର ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରି ଏକ ସନ୍ଦର୍ଭ ଲେଖିଥିଲେ, ଯାହାକି ହାର୍ଭାର୍ଡ଼ ଲ' ବୁଲେଟିନରେ ୨୦୦୬ ମସିହାରେ ପ୍ରକାଶିତ ହୋଇଥିଲା। ସେ ନୁରେମବର୍ଗ ବିଚାର, ଯାହାକି ଯୁଦ୍ଧ ଅପରାଧୀମାନଙ୍କୁ ଉପଯୁକ୍ତ ଶାସ୍ତି ବିଧାନ କରିଥିଲା, ତାହାକୁ ଆନ୍ତର୍ଜାତିକ ଆଇନ ବୁନିଆଦି ବୋଲି କହନ୍ତି।

୨୦୨୪ ମସିହା ନଭେମ୍ବର ୨୧ ରେ ଯେତେବେଳେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ବିରୋଧରେ ଆନ୍ତର୍ଜାତିକ ଅପରାଧିକ ନ୍ୟାୟାଳୟ ଗିରଫ ପରୱାନା ଜାରି କରିଥିଲା ନଭି ପିଲେ ସେତେବେଳେ ସେହି ଅନୁଷ୍ଠାନର ବିଚାରପତି ଥିଲେ। ଜୀବନସାରା ମାନବୀୟ ଅଧିକାର ଉଲ୍ଲଙ୍ଘନ ବିରୁଦ୍ଧରେ ସଂଗ୍ରାମ ଓ ସ୍ୱର ଉତ୍ତୋଳନ କରିଥିବା ଏହି ମହୀୟସୀ ମହିଳାଙ୍କୁ ଶେଷରେ ନୋବେଲ ପୁରସ୍କାରରେ ଭୂଷିତ କରାଯିବ ବୋଲି ଘୋଷଣା କରାଯାଇଛି।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

ତେଜପତ୍ର
(Indian bay leaf- Cinnamomum tamala)

ପ୍ରକୃତି-ପରିବେଶ

ତେଜପତ୍ର ଉତ୍ତର-ଭାରତ (ଆସାମ ଓ ପଶ୍ଚିମ ହିମାଳୟ), ବାଂଲାଦେଶ, ନେପାଳ, ମିଆଁମାର, ଲାଓସ, ଭିଏତନାମ ଓ ଦକ୍ଷିଣ-ପଶ୍ଚିମ ଚୀନର ମୂଳଜାତ ଉଦ୍ଭିଦ। ଏହା ୬୦୦ ରୁ ୨, ୨୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବଢ଼ିଥାଏ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ରାନ୍ଧଣା, ମସଲା ଓ ଔଷଧୀୟ ଉଦ୍ଭିଦ, ଯାହା ଘରେ ଘରେ ପରିଚିତ।

ତେଜପତ୍ର ଏକ ମଧ୍ୟମ ଆକାରର ଚିରହରିତ ବୃକ୍ଷ, ଯାହା ପ୍ରାୟ ୮ ରୁ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଛାଲି ମ୍ୟୁସିଲେଜ୍ (ଏକ ପ୍ରକାର ଅଠାଳିଆ ରସ) ଉତ୍ପାଦନ କରେ। ପତ୍ରଗୁଡ଼ିକ ସରଳ, ଛୋଟ ଡେମ୍ଫଯୁକ୍ତ, ବିକଳ୍ପ, ଲେନ୍ସ ଭଳି ଆକୃତି, ଚଉଡ଼ା ତୁଳନାରେ ଦୁଇଗୁଣରୁ ଅଧିକ ଲମ୍ବା, ଚକଚକିଆ, ପତ୍ର ମୂଳରୁ ୩ଟି-ସ୍ନାୟୁ ବା ଶିରା ବାହାରି ପତ୍ରର ଅଗ୍ର ଭାଗରେ ଶେଷ ହୁଏ, ସାଧାରଣତଃ ହାଲୁକାରୁ ମଧ୍ୟମ ସବୁଜ ରଙ୍ଗର। ଫୁଲଗୁଡ଼ିକ କ୍ଲଷ୍ଟର ବା ଗୁଚ୍ଛରେ ଦେଖାଯାଏ, ଉଭୟଲିଙ୍ଗୀ, ହଳଦିଆ ସବୁଜ। ଏଥିରେ ଗାଢ଼ ବାଇଗଣୀ ରଙ୍ଗର ଛୋଟ ଏକକ ବିହନଯୁକ୍ତ ଫଳ ଥାଏ ଯାହାକୁ ବେରି କୁହାଯାଏ। ଏହା ପ୍ରାୟତଃ ପକ୍ଷୀମାନଙ୍କୁ ଆକର୍ଷିତ କରେ। ତେଜପତ୍ର ପ୍ରାୟ ୧୦୦ ବର୍ଷ ବଞ୍ଚିପାରେ।

ତେଜପତ୍ରର ଉପାଦାନଗୁଡ଼ିକ ଏହାର ଅନନ୍ୟ ସ୍ୱାଦ ଏବଂ ବାସନା ଯୋଗୁଁ ଭାରତୀୟ ଖାଦ୍ୟରେ ବହୁଳ ଭାବରେ ପ୍ରୟୋଗ କରାଯାଏ। ଖିରି, ମିଠା ଭାତ ଭଳି ବିଭିନ୍ନ ଖାଦ୍ୟରେ ଏହାର ବ୍ୟବହାର ଏକ ଅନନ୍ୟ ସ୍ୱାଦ ପ୍ରଦାନ କରେ। ପତ୍ରଗୁଡ଼ିକୁ ହର୍ବାଲ୍ ଚା' ଭାବରେ ମଧ୍ୟ ବ୍ୟବହାର କରାଯାଏ। ଏହାକୁ ପାଣିରେ ଫୁଟାଯାଏ ଏବଂ ଶ୍ୱାସକ୍ରିୟା ସମସ୍ୟା ଦୂର କରିବା ପାଇଁ ବାଷ୍ପ ଆଘ୍ରାଣ କରାଯାଏ। କାଶ୍ମୀରରେ ପତ୍ରଗୁଡ଼ିକୁ ପାନପତ୍ରର ବିକଳ୍ପ ଭାବରେ ବ୍ୟବହାର କରାଯାଏ। ପତ୍ରରୁ ନିର୍ଗତ ଅତ୍ୟାବଶ୍ୟକ ତେଲ ପ୍ରାୟତଃ ସୁଗନ୍ଧି ପ୍ରସ୍ତୁତିରେ ବ୍ୟବହୃତ ହୁଏ। ପତ୍ରଗୁଡ଼ିକ ଭାରତୀୟ ଉପମହାଦେଶର ବିଭିନ୍ନ ସମ୍ପ୍ରଦାୟରେ ପୂଜାପାଠ ଏବଂ ସାଂସ୍କୃତିକ ପରମ୍ପରାରେ ବ୍ୟବହାର କରାଯାଏ।

ତେଜପତ୍ର ବୃକ୍ଷ ଏକ ସୁଗନ୍ଧିତ ଆୟୁର୍ବେଦିକ ଉଦ୍ଭିଦ। ପ୍ରଦାହ-ବିରୋଧୀ, ଆଣ୍ଟି-ଅକ୍ସିଡାଣ୍ଟ ବା ବିଶୋଧକ, ରୋଗ ପ୍ରତିରୋଧୀ, ଏବଂ ଆଣ୍ଟି-ମାଇକ୍ରୋବାୟଲ୍ ଗୁଣ ପାଇଁ ପାରମ୍ପରିକ ଚିକିତ୍ସାରେ ଏହାର ବ୍ୟବହାର ବହୁଳ। ଏଥିସହିତ ଶ୍ୱାସରୋଗ, ପାଚନ ସମସ୍ୟା, ରକ୍ତ ଶର୍କରା, ରକ୍ତଚାପ, ବାନ୍ତି, ପେଟ ଯନ୍ତ୍ରଣା, ହୃତପିଣ୍ଡ ସମସ୍ୟା ଦୂର କରିବାରେ ସହାୟକ ହୁଏ। ମୁଖ, ଚର୍ମ, ସାଧାରଣ ଥଣ୍ଡାକୁ ନିୟନ୍ତ୍ରଣରେ ରଖେ। ପତ୍ରଗୁଡ଼ିକ ଶୁଖିଗଲେ ହାଲୁକା ହୋଇଯାଏ ଏବଂ ଏହାର ଡାଲଚିନି ଓ ଲବଙ୍ଗ ପରି ମସଲାଯୁକ୍ତ ସୁଗନ୍ଧ ବାରି ହୁଏ। ଏଥିରେ ପ୍ରାକୃତିକ ଭାବରେ ଉପଲବ୍ଧ ସକ୍ରିୟ ଯୌଗିକ ଜୈବିକ ଉପାଦାନଗୁଡ଼ିକ ହେଉଛି ସିନାମାଲଡିହାଇଡ୍, ଫେଲାଣ୍ଡ୍ରିନ୍, ୟୁଜେନୋଲ୍, ଟାନିନ୍, ଗ୍ଲାଇକୋସାଇଡ୍, ଫ୍ଲାଭୋନଏଡ୍, ପଲିଫେନୋଲ୍ସ ଟେର୍ପେନ୍ସ-୪-ଓଏଲ୍, ଲିନାଲୁଲ୍, ଆଲଫା-ଟେର୍ପିନୋଲ୍, ମିଥାଇଲ୍ ଚାଭିକଲ୍, ଭିଟାମିନ୍ ଏ, ଭିଟାମିନ୍ ସି ଭଳି ଭିଟାମିନ୍ ଇତ୍ୟାଦି। ଏହାର ପତ୍ରରେ ଖାଦ୍ୟ ତନ୍ତୁ ରହିଛି, ଯାହା ଏହାର ଔଷଧୀୟ ମୂଲ୍ୟକୁ ବୃଦ୍ଧି କରିଥାଏ। ଏହା ମଧ୍ୟ କ୍ୟାଲସିୟମ୍, ଲୌହ ଓ ମାଙ୍ଗାନିଜ୍ ପରି ଖଣିଜ ପଦାର୍ଥରେ ଭରପୂର।

ତେଜପତ୍ର ଗଛର ବଂଶ ବିସ୍ତାର ବିହନ, କଟା କାଣ୍ଡ ଏବଂ ସ୍ତରୀକରଣ ବା କଲମି ଦ୍ୱାରା କରାଯାଏ। ଏହାର ଫଳକୁ ଖାଉଥିବା ପକ୍ଷୀ ଏବଂ ଅନ୍ୟାନ୍ୟ ପ୍ରାଣୀମାନଙ୍କ ଦ୍ୱାରା ବିଜ ବା ବିହନ ବିକ୍ଷିପ୍ତ ହୋଇ ପ୍ରାକୃତିକ ଭାବେ ଚାରା ଉତ୍ପନ୍ନ ହୁଏ। ସ୍ଥାନୀୟ ଚାଷୀମାନେ ପ୍ରାୟତଃ ଏହାର କାଣ୍ଡ ଓ ଡାଳ କାଟି ଗଛଗୁଡ଼ିକର ବଂଶବିସ୍ତାର କରନ୍ତି। ବିହନଗୁଡ଼ିକ ୪ ଦିନରୁ ଅଧିକ ସମୟ ପାଇଁ ସଂରକ୍ଷଣ କରାଯାଇପାରିବ ନାହିଁ; ତେଣୁ ଏହାର ବିହନ ପ୍ରସାର ପର୍ଯ୍ୟାପ୍ତ ନୁହେଁ। ଏହା ଭଲ ଜଳ ନିଷ୍କାସନ ହୋଇଥିବା, ଉର୍ବର ମାଟିକୁ ପସନ୍ଦ କରେ - ପ୍ରାୟତଃ ଆର୍ଦ୍ର, ଛାଇ ଜଙ୍ଗଲର ଉପର ସ୍ତର ମାଟି ବା ସମୃଦ୍ଧ ହ୍ୟୁମସ୍ ଅତ୍ୟନ୍ତ ଉତ୍ତମ। ଏହା ବୁଣିବାର ୩୦-୪୫ ଦିନ ପରେ ଚାରା ସୃଷ୍ଟି ହୁଏ ଏବଂ ୪-୫ ବର୍ଷ ପରେ ପ୍ରତିରୋପଣ କରାଯାଏ। ଗଛଗୁଡ଼ିକ ଅତି କମରେ ୧୦ ବର୍ଷ ବୟସ ହେଲେ ଅମଳ କରାଯାଏ। ହାରାହାରି ଗୋଟିଏ ଗଛ ବାର୍ଷିକ ୧୦ ରୁ ୨୦ କିଲୋ ଶୁଖିଲା ପତ୍ର ଉତ୍ପାଦନ କରିପାରିବ।

ମୋ: ୯୭୭୭୮୦୦୪୦୮

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଧାମରାରେ ବିଜେଡିର ମହାମିଶ୍ରଣ ପର୍ବ

ବିଭିନ୍ନ ଦଳ ଛାଡ଼ି ବିଜେଡିରେ ଯୋଗଦେଲେ ୪୦୦ରୁ ଅଧିକ

ଚାନ୍ଦବାଲି,୧୧।୧୦(ସମିସ): ଚାନ୍ଦବାଲି ବ୍ଲକ୍ ଅନ୍ତର୍ଗତ ଧାମରା ପଞ୍ଚାୟତରେ ବିଜେଡି ପକ୍ଷରୁ ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରବିବାର ଅପରାହ୍ଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଧାମରା ଗ୍ରାମ ପଞ୍ଚାୟତର ଯୁବ ସମାଜସେବୀ ମୃତ୍ୟୁଞ୍ଜୟ ମଲ୍ଲିକଙ୍କ ସମେତ ୫୦ ପରିବାରର ପାଖାପାଖି ୪୦୦ରୁ ଉର୍ଦ୍ଧ୍ୱ ଲୋକ ଅନ୍ୟ ରାଜନୈତିକ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ୍ ହୋଇଥିବାରୁ ଦଳୀୟ ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ମା' ଧାମରେଇଙ୍କ ମନ୍ଦିର ନିକଟରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ଗୁଆଁଳସ୍ଥିତ ପଡ଼ିଆରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ନୂତନ ଭାବେ ଦଳରେ ଯୋଗଦେଇଥିବା କର୍ମୀମାନଙ୍କୁ ଫୁଲତୋଡ଼ା ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା। ସେମାନେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ନିର୍ମଳ ଭାବମୂର୍ତ୍ତି ଆଉଥରେ ଫେରାଇ ଆଣିବା ପାଇଁ ଡ. ବ୍ୟାମକେଶ ରାୟଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିବା ସହିତ ୨ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁଙ୍କ ନେତୃତ୍ୱରେ ବିଜେଡିରେ ଆନୁଷ୍ଠାନିକ ଭାବେ ସାମିଲ୍ ହୋଇଥିବା ଜଣାପଡ଼ିଛି। ଏହି ମିଶ୍ରଣ ପର୍ବରେ ଚାନ୍ଦବାଲି ବ୍ଲକ୍ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ଧଳ ସଭାପତିତ୍ୱ କରିଥିଲେ। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରତିନିଧି ଏବଂ ବର୍ତ୍ତମାନର ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ସାହୁ କାର୍ଯ୍ୟକ୍ରମର ନେତୃତ୍ୱ ନେଇ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ମିଶ୍ରଣ ପର୍ବକୁ ଚାନ୍ଦବାଲି ଅଞ୍ଚଳରେ ବିଜେଡିର ସାଂଗଠନିକ କାର୍ଯ୍ୟକଳାପକୁ ଆଗକୁ ବଢ଼ାଇବାର ଏକ ପ୍ରୟାସ ଭାବେ ଦଳୀୟ ମହଲରେ ଦେଖାଯାଉଛି। ନୂତନ ଭାବେ ଯୋଗଦେଇଥିବା ପରିବାରଗୁଡ଼ିକୁ ନେଇ ଆଗାମୀ ଦିନରେ ଦଳର ସାଂଗଠନିକ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯିବାର ଆଶା ପ୍ରକାଶ ପାଇଛି।

ବିଜେଡିର ଅଭିଯୋଗ

ମନ୍ତ୍ରୀଙ୍କ ପ୍ରୋତ୍ସାହନରେ ପୁଲିସ ଓ ଗୁଣ୍ଡାମାନେ ଆତଙ୍କରାଜ କରୁଛନ୍ତି: ବିଜେଡି

ଭୁବନେଶ୍ୱର,୧୧।୧୦(ସମିସ): ପୋଲସରା, ବୁଗୁଡା, ବାଲିପଦର ତଥା ଗଞ୍ଜାମ ଜିଲ୍ଲାରେ ଛାତ୍ର ସଂସଦକୁ ଯେନତେନ ପ୍ରକାରରେ ଦଖଲ କରିବା ପାଇଁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପୁଲିସ ଓ ଗୁଣ୍ଡାଙ୍କୁ ବ୍ୟବହାର କରୁଛନ୍ତି। ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ପ୍ରଶାସନିକ କଳକୁ ନିୟୋଜିତ କରି ମନ୍ତ୍ରୀ ଧମକାଉଛନ୍ତି ବୋଲି ଗୁରୁତର ଅଭିଯୋଗ ଆଣିଛି ବିଜେଡି। ରବିବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା, ଛାତ୍ର ସଂସଦ ନିର୍ବାଚନରେ ସରକାରୀ କଳର ନଗ୍ନ ଅପବ୍ୟବହାରକୁ ଦୃଢ଼ ନିନ୍ଦା କରିଛନ୍ତି।

ଶ୍ରୀ ସାହୁ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ଘୋଷଣା ପରେ ପୋଲସରା, ବୁଗୁଡା ଓ ବାଲିପଦ କଲେଜରେ ବିଜୁ ଛାତ୍ର ଜନତା ଦଳର ବିଜୟ ସମ୍ଭାବନା ସର୍ବାଧିକ ଥିବା ଜାଣି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ଥାନୀୟ ପ୍ରଶାସନ ଓ ଅସାମାଜିକ ବ୍ୟକ୍ତିଙ୍କ ଜରିଆରେ ପ୍ରାର୍ଥୀ ଓ ତାଙ୍କ ପରିବାର ଉପରେ ଚାପ ପ୍ରୟୋଗ କରି ପ୍ରାର୍ଥୀପତ୍ର ପ୍ରତ୍ୟାହାରରେ ସକ୍ଷମ ହୋଇଛନ୍ତି। ହିଂସାକାଣ୍ଡ ପରେ ସ୍ଥାନୀୟ ପୁଲିସକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ମନ୍ତ୍ରୀଙ୍କ ଏଭଳି କ୍ଷମତାର ଅପବ୍ୟବହାର କରି ଛାତ୍ର ସଂସଦକୁ ନିଜ ନିୟନ୍ତ୍ରଣକୁ ଆଣିବାକୁ ନେଇ ଦୃଢ଼ ନିନ୍ଦା କରିଛନ୍ତି ଶ୍ରୀ ସାହୁ। ଶ୍ରୀ ପଣ୍ଡା କହିଛନ୍ତି ଯେ ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ମନ୍ତ୍ରୀ ଶ୍ରୀ ମଲ୍ଲିକ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିଷୟରେ ଯାହା କହିଛନ୍ତି ତାହା ନିନ୍ଦନୀୟ। ନବୀନ ବାବୁ ଓଡ଼ିଶାକୁ ବିଶ୍ୱସ୍ତରରେ ଏକ ମଡେଲ ରାଜ୍ୟ ଭାବେ ପ୍ରତିଷ୍ଠିତ କରି ପ୍ରଶଂସିତ ହୋଇଥିଲା ବେଳେ ଅଢ଼େଇ ବର୍ଷର ବିଜେପି ସରକାର ନିଜ କୁଶାସନ ଲାଗି ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାକୁ ନିନ୍ଦିତ କରିବାରେ ଲାଗିଛି। ନବୀନ ବାବୁଙ୍କ

- ହିଂସା ଓ ବଳପ୍ରୟୋଗ କରି ଛାତ୍ର ସଂସଦ ନିର୍ବାଚନ ଜିତିବା ପାଇଁ ବିଜେପିର ଅପଚେଷ୍ଟା
- ଅପାରଗତା ଲୁଚାଇବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ବୃଥା କଟାକ୍ଷ କରୁଛନ୍ତି ଗୋକୁଳାନନ୍ଦ

ସଂପର୍କରେ ଟିକାଟିପ୍ପଣୀ ଦେଇ ଚର୍ଚ୍ଚାରେ ରହିବା ପାଇଁ ବିଜେପି ନେତା ମନ୍ତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଦେଶ ତଥା ରାଜ୍ୟବାସୀ ଜାଣନ୍ତି ନବୀନ ବାବୁଙ୍କ ବ୍ୟକ୍ତିତ୍ୱ ଓ ଶାସନ କିଭଳି ଥିଲା। ଅଢ଼େଇ ବର୍ଷର ବିଜେପିର କୁଶାସନରେ ରାଜ୍ୟବାସୀ ଅତିଷ୍ଠ ହୋଇପଡ଼ିଲେଣି। ଆଗାମୀ ଦିନରେ ଓଡ଼ିଶାବାସୀ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

ଅବଶିଷ୍ଟାଂଶ...

ନେପାଳରେ ଫ୍ଲାଶ୍...

ନେପାଳ ସେନାକୁ ଆକାଶମାର୍ଗ ଓ ସ୍ଥଳପଥରେ ମୁତୟନ କରାଯାଇଛି। ଜଗତ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ଥିବାରୁ ସେଠାରୁ ୬ ଜଣଙ୍କୁ ବିମାନ ଯୋଗେ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ନଦୀର ତଳମୁଣ୍ଡ ଅଞ୍ଚଳର ବାସିନ୍ଦାଙ୍କୁ ନଦୀକୂଳ ଓ ବିପଦପୂର୍ଣ୍ଣ ବସତିଠାରୁ ଦୂରରେ ସୁରକ୍ଷିତ ସ୍ଥାନରେ ରହିବାକୁ ପ୍ରଶାସନ ପରାମର୍ଶ ଦେଇଛି।

ଉଲ୍ଲେଖଯୋଗ୍ୟ, ଅଗଷ୍ଟରେ ନେପାଳ-ତିବ୍ବତ ସୀମାନ୍ତ ଅଞ୍ଚଳରୁ ଆସିଥିବା ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ସେହି ବିପର୍ଯ୍ୟୟରେ ମୃତ୍ୟୁସଂଖ୍ୟା ଓ ନିଖୋଜଙ୍କ ସଂଖ୍ୟା ନେଇ ବିଭିନ୍ନ ରିପୋର୍ଟରେ ଭିନ୍ନ ତଥ୍ୟ ଦିଆଯାଇଛି। ୧୫୦୦ ଲୋକ ପ୍ରାଣ ହରାଇଥିବା ସରକାରୀ ଭାବେ କୁହାଯାଇଥିବା ବେଳେ ଏବେ ବି ହଜାର ହଜାର ନିଖୋଜ ଅଛନ୍ତି।

ଏଆଇ ଚଷମାରେ...

ଏକାଧିକ କାର୍ଯ୍ୟର ଆଉ ଆବଶ୍ୟକତା ପଡିବ ନାହିଁ। ଏଠାରେ ଏଆଇ କେବଳ ପ୍ରଶ୍ନର ଉତ୍ତର ଦେଉଥିବା ଏକ ସହାୟକ ନୁହେଁ; ବରଂ ଆପଣଙ୍କ ନିର୍ଦ୍ଦେଶ ଅନୁଯାୟୀ କାମ କରୁଥିବା ଏକ ପ୍ରଯୁକ୍ତିରେ ପରିଣତ ହେଉଛି। ଏଆଇକୁ ମୋବାଇଲ୍ ସ୍କ୍ରିନ୍ ଓ କି ବୋର୍ଡର ସୀମାରୁ ବାହାର କରି ସ୍ୱର ଏବଂ ଦୈନନ୍ଦିନ ବ୍ୟବହାର ସହ ଯୋଡ଼ିବାକୁ କମ୍ପାନୀ ପ୍ରୟାସ କରିଛି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ...

କର୍ମକର୍ତ୍ତା ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଯନ୍ତରମନ୍ତର ଆଡ଼କୁ ଯାଉଥିବା ବେଳେ ସେମାନଙ୍କ ପ୍ରତି ପୁଲିସର ଅମାନବୀୟ ବ୍ୟବହାର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ଆନ୍ଦୋଳନରେ ସାମିଲ ହୋଇଥିବା ସିପିଏମ୍ ସାଂସଦ ଜନ୍ ବ୍ରିଟାସ୍ ମଧ୍ୟ ଏଭଳି ନିର୍ଯାତନାର ଶିକାର ହୋଇଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ବେଳେ ଦିଲ୍ଲୀ ପୁଲିସ ଏବଂ ସିଆରପି ଯବାନ ତାଙ୍କୁ ଅଟକାଇବାକୁ ଯାଇ ତଳେ ପକାଇଦେଇଥିଲେ। ଏହାପରେ ତାଙ୍କ ବସ୍ ଭିତରକୁ ଘୋଷାଡ଼ି ନେଇଥିଲେ। ତେବେ କଣ୍ଟ୍ରୋଲ ରୁମରେ ରହି ଘଟଣାର ଦୃଶ୍ୟ ଦେଖୁଥିବା ଡିସିପି ବସ ଭିତରେ ଥିବା ପୁଲିସକୁ ଫୋନ କରି ତାଙ୍କୁ ଛାଡ଼ିବାକୁ କହିଥିଲେ। ଏହାପରେ ପୁଲିସ ତାଙ୍କୁ ବସ ଭିତରୁ ବାହାରୁ ଠେଲିଦେବା ସହିତ ଏକ ଅଟୋରେ ବସାଇ ଛାଡ଼ିଦେଇଥିଲା।

କକ୍ରୋଚ୍ ପାର୍ଟି ପକ୍ଷରୁ ରବିବାର ସକାଳ ୧୦ଟାରେ ଯନ୍ତରମନ୍ତରରେ ପୁଣି ପ୍ରତିବାଦ ପାଇଁ ଆହ୍ୱାନ ଦିଆଯାଇଥିଲା। କଟକଣା ସତ୍ତ୍ୱେ କନଟ୍ ପ୍ଲେସ୍ ଓ ରାଜୀବ ଚୌକ ଅଞ୍ଚଳରୁ ଯନ୍ତରମନ୍ତର ଯାଉଥିବା ପ୍ରତିବାଦକାରୀମାନେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ସ୍ଲୋଗାନ୍ ଦେଇଥିଲେ। ସେମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରୁଥିବା ସତ୍ତ୍ୱେ ପୁଲିସ ସେମାନଙ୍କୁ ଅଟକାଇଥିଲା। ଆନ୍ଦୋଳନକାରୀମାନେ ଏହାର ପ୍ରତିବାଦ କରିବାରୁ ପୁଲିସ ସେମାନଙ୍କୁ ରାସ୍ତା ଉପରୁ ଘୋଷାଡ଼ି ନେଇ ବସ ଭିତରେ ପୂରାଇ ଦେଇଥିଲା। କେତେକ ପ୍ରତିବାଦକାରୀ ସୁରକ୍ଷାକର୍ମୀଙ୍କ ଦ୍ୱାରା ଦୁର୍ବ୍ୟବହାରର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଛାତ୍ର ସଂଗଠନ ଏସ୍ଏଫ୍ଆଇ ମଧ୍ୟ ନିଜର ନେତା ଓ ସଦସ୍ୟଙ୍କୁ ଆକ୍ରମଣ କରାଯାଇ ଅଟକ ରଖାଯାଇଥିବା ଦାବି କରିଛି। ଦିଲ୍ଲୀରେ ୩୦ ହଜାରରୁ ଅଧିକ ପୁଲିସ ଓ ଅର୍ଦ୍ଧସାମରିକ ବଳ ମୁତୟନ ରହିଛନ୍ତି।

'ଶାନ୍ତିପୂର୍ଣ୍ଣ ଆନ୍ଦୋଳନକାରୀଙ୍କୁ...

ନିଷେଧାଦେଶ ଲାଗୁ ହୋଇନଥିବା ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଭାବେ ଏକାଠି ହୋଇଥିବା ଲୋକଙ୍କୁ ବିନା କାରଣରେ ଅଟକ ରଖାଯିବା ଉଚିତ ନୁହେଁ। ମେଟ୍ରୋ ଓ ରେଳ ସେବା ସ୍ୱାଭାବିକ ରଖିବାକୁ ମଧ୍ୟ କୋର୍ଟ କହିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ଆବଶ୍ୟକ ହେଲେ ହିଁ ଯାତାୟାତ ଉପରେ କଟକଣା ଲଗାଯାଇପାରିବ। ଇଣ୍ଟରନେଟ୍ ସେବା ଆଇନ ଅନୁଯାୟୀ ଅବାଧ ରଖିବା ସହ ଲୋକ ଓ ଯାନବାହନ ଚଳାଚଳକୁ ସମ୍ଭବ ମତେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ପରିବହନ ସେବା ଉପରେ କଟକଣା ଲଗାଇବା ସମ୍ପର୍କରେ ପୂର୍ବ ନିର୍ଦ୍ଦେଶର ଉଲ୍ଲଂଘନ ହୋଇଥିବା ଅଭିଯୋଗରେ କୋର୍ଟ କେନ୍ଦ୍ରୀୟ ଗୃହ ସଚିବ, ଦିଲ୍ଲୀ ପୁଲିସ କମିସନର ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମକୁ ନୋଟିସ୍ ଜାରି କରିଛନ୍ତି। ସୁପ୍ରିମକୋର୍ଟ ପରିସର ଓ ଆଖପାଖରେ ଧାରା ୧୬୩ ଅନୁଯାୟୀ କଟକଣା ଲଗାଇବା ସମ୍ପର୍କିତ ସୂଚନାଫଳକ ହଟାଯାଇନଥିଲେ ତାହା ହଟାଇବାକୁ କହିଛନ୍ତି। ଆଇନଜୀବୀଙ୍କୁ ସେମାନଙ୍କ ପେସାଗତ ଦାୟିତ୍ୱ ପାଳନରେ ବାଧା ନଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ଶନିବାରର ଅନ୍ଦୋଳନ ସମୟରେ ରାଜନେତା, ଆଇନଜୀବୀ, ସାମ୍ବାଦିକ ଓ ସାଧାରଣ ଲୋକଙ୍କୁ ଅଟକ ରଖିବା, ମାଡ଼ ମାରିବା ଏବଂ ମେଟ୍ରୋ ଷ୍ଟେସନ୍ ବନ୍ଦ କରିବା ଭଳି ଅଭିଯୋଗ ନେଇ ଏକାଧିକ ଆବେଦନ ହୋଇଥିଲା। ଏହି ଅଭିଯୋଗଗୁଡ଼ିକ ଉପରେ ସରକାରଙ୍କଠାରୁ ଜବାବ ଲୋଡ଼ିଛନ୍ତି କୋର୍ଟ। ମାମଲାର ପରବର୍ତ୍ତୀ ଶୁଣାଣି ମଙ୍ଗଳବାର ହେବ।

ଆବେଦନକାରୀମାନେ ରାଜନୈତିକ ନେତା, ଓକିଲ, ସାମ୍ବାଦିକ ଓ ସାଧାରଣ ନାଗରିକଙ୍କୁ ଅଟକ ରଖାଯିବା, ଆଇନଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ କରାଯିବା, ଇଣ୍ଟରନେଟ୍ ସେବାରେ କଟକଣା ଏବଂ ୪୫ଟି ମେଟ୍ରୋ ଷ୍ଟେସନ ବନ୍ଦ ରଖାଯିବା ନେଇ ଅଭିଯୋଗ ଉଠାଇଥିଲେ। ଏହି ଘଟଣାଗୁଡ଼ିକରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ନ୍ୟାୟିକ ହସ୍ତକ୍ଷେପ ଲୋଡ଼ାଯାଇଥିଲା। ଶୁଣାଣି ସମୟରେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଅନ୍ତରୀଣ ଆଶ୍ୱସ୍ତି ପ୍ରଦାନ ପାଇଁ ଅଦାଲତଙ୍କୁ ଅନୁରୋଧ କରିଥିଲେ। ଦିଲ୍ଲୀକୁ ରେଳ ଚଳାଚଳ ସ୍ୱାଭାବିକ କରିବା ସହ ଜନ୍ତରମନ୍ତର ବ୍ୟତୀତ ଅନ୍ୟ ସ୍ଥାନରେ ଲାଗୁ ହୋଇଥିବା କଟକଣା ହଟାଇବାକୁ ସେ ଦାବି କରିଥିଲେ। କୋର୍ଟ କହିଛନ୍ତି, ପୁଲିସ ଅତ୍ୟଧିକ ବଳପ୍ରୟୋଗ କରିଥିବା ଏବଂ ଲୋକଙ୍କୁ ବେଆଇନ ଭାବେ ଅଟକ ରଖିଥିବା ନେଇ ଉଠିଥିବା ଅଭିଯୋଗର ଜବାବ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଦେବାକୁ ପଡ଼ିବ। ଏଥିସହ ଆଇନଜୀବୀମାନେ ଯେପରି ନିଜର ପେସାଗତ ଦାୟିତ୍ୱ ନିର୍ବାହ କରିବାରେ ବାଧାର ସମ୍ମୁଖୀନ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବାକୁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଗୁଡ଼ିକର ପରବର୍ତ୍ତୀ ଶୁଣାଣି ଆସନ୍ତା ମଙ୍ଗଳବାର ହେବ। ସେତେବେଳେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦାଖଲ ହେବାକୁ ଥିବା ଜବାବ ଏବଂ ଅନ୍ୟାନ୍ୟ ତଥ୍ୟ ଆଧାରରେ ଅଦାଲତ ପରବର୍ତ୍ତୀ ପଦକ୍ଷେପ ନେଇପାରନ୍ତି।

ଇଣ୍ଡିଆ ମେଣ୍ଟର...

ରାହୁଲ ସମାଲୋଚନା କରିଛନ୍ତି। ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଭାବେ ଏକତ୍ରିତ ହୋଇଥିବା ଯୁବକମାନଙ୍କୁ ପୁଲିସ ଓ ଗୁଣ୍ଡାମାନେ ଆକ୍ରମଣ କରିଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି, ନରେନ୍ଦ୍ର ମୋଦୀ, ଅମିତ ଶାହ, ଅଜିତ ଡୋଭାଲ ଓ ମୋହନ ଭାଗବତ ଭାରତର ସ୍ୱରକୁ ଚାପି ଦେଇପାରିବେ ନାହିଁ। ସମଗ୍ର ଭାରତ ସୁପ୍ରିମ୍‌କୋର୍ଟ ଆଡ଼କୁ ମାର୍ଚ୍ଚ କରିବ ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ଇଣ୍ଡିଆ ମେଣ୍ଟର ନେତାମାନେ ସଂସଦରୁ ବିଜୟ ଚୌକ ପର୍ଯ୍ୟନ୍ତ ପଦଯାତ୍ରା କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଏକ ସ୍ମାରକପତ୍ର ହସ୍ତାନ୍ତର କରିସାରିଛନ୍ତି। କଂଗ୍ରେସ ସାଧାରଣ ସମ୍ପାଦକ କେସି. ଭେଣୁଗୋପାଳ ଅଭିଯୋଗ କରିଛନ୍ତି ଯେ, ଦେଶବ୍ୟାପୀ ଭୋଟ୍ ଚୋରି କରାଯାଉଛି। ତେଣୁ ଗଣତନ୍ତ୍ରର ସୁରକ୍ଷା ପାଇଁ ସର୍ବୋଚ୍ଚ ଅଦାଲତର ହସ୍ତକ୍ଷେପ ଲୋଡ଼ିବାକୁ ବିରୋଧୀ ମୁଖ୍ୟ ବିଚାରପତିଙ୍କ ଦ୍ୱାରସ୍ଥ ହେଉଛନ୍ତି।

ଜାତୀୟ ବିଜେପି...

ବିଜେପିର ରାଷ୍ଟ୍ରୀୟ ସଂଗଠନରେ ସୌଦାନ ସିଂଙ୍କର ବେଶ କାଟତି ରହିଛି। ଦୀର୍ଘ ବର୍ଷ ଧରି ସେ ସଂଗଠନ ସହ ଜଡ଼ିତ ରହିଥିବା ବେଳେ ଉଭୟ ଆରଏସଏସ ଏବଂ ବିଜେପି ଶୀର୍ଷ ନେତୃତ୍ୱଙ୍କ ସହ ତାଙ୍କର ଘନିଷ୍ଠତା ଜଣାଶୁଣା। ଏପରିସ୍ଥଳେ ହଠାତ୍ ସୌଦାନଙ୍କ ୩ ଦିନିଆ ଗସ୍ତକୁ ହାଲୁକା ଭାବରେ ନିଆଯାଇ ନ ପାରେ ବୋଲି ରାଜନୈତିକ ସମୀକ୍ଷକ ମତବ୍ୟକ୍ତ କରିଛନ୍ତି। ସରକାର ଏବଂ ସଂଗଠନ ମଧ୍ୟରେ ଥିବା ସମନ୍ୱୟର ଘୋର ଅଭାବକୁ ନେଇ ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କଠାରୁ ଆରମ୍ଭ କରି ଅନେକ ନେତା ରାଜ୍ୟ ନେତୃତ୍ୱଙ୍କୁ ତାଗିଦ କରି ସାରିଛନ୍ତି। ଏପରିକି ଉଭୟ ରାଜ୍ୟ ସଭାପତି ଏବଂ ମୁଖ୍ୟମନ୍ତ୍ରୀ ବାରମ୍ବାର ଦିଲ୍ଲୀ ଗସ୍ତ କରୁଥିବା ବେଳେ ସଂଗଠନ ଉପରେ ଫୋକସ କରିବାକୁ ଉଭୟଙ୍କୁ ପରାମର୍ଶ ଦିଆଯାଉଛି। ସଂଗଠନକୁ ଚଳଚଞ୍ଚଳ କରିବା ପାଇଁ ନିକଟରେ ବିଜେପି ପକ୍ଷରୁ ରାଜ୍ୟ ବିଜେପି ପ୍ରଭାରୀ ଏବଂ ସହପ୍ରଭାରୀଙ୍କୁ ପରିବର୍ତ୍ତନ କରାଯାଇଛି। ସେହିପରି ନିକଟରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀଙ୍କୁ ଭେଟିବା ପରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଆଲୋଚନା ହୋଇଥିବା କୁହାଯାଉଥିଲା। ଏହାପରେ ଶ୍ରୀ ସିଂହଙ୍କ ଆକସ୍ମିକ ଓଡ଼ିଶା ଗସ୍ତ ଏବେ ବିଜେପି ସଂଗଠନରେ ହଲଚଲ୍ ସୃଷ୍ଟି କରିଛି।

ହିଂସା ଅଣାୟତ୍ତ...

ମହିଳା କଲେଜ ସମେତ ଜିଲ୍ଲାର ଅନ୍ୟ କଲେଜଗୁଡ଼ିକରେ ମଧ୍ୟ ଅଶାନ୍ତି ଦେଖାଦେଇଥିବା ଖବର ମିଳିଛି।

ଯାଜପୁର ଜିଲ୍ଲାର ବ୍ୟାସନଗର ସ୍ୱୟଂଶାସିତ କଲେଜରେ ଅଧ୍ୟକ୍ଷଙ୍କ ବାସଭବନ ଓ ଛାତ୍ରାବାସ ନିକଟରେ ବୋମା ବିସ୍ଫୋରଣ ହେବା ପରେ ନିର୍ବାଚନ ବାତିଲ୍ କରାଯାଇଛି। କଲେଜକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖାଯାଇଛି। ଉତ୍ତେଜନା ପରେ କୋରେଇର କାହ୍ନୁଚରଣ ମହାବିଦ୍ୟାଳୟ ଓ ମୁଗୁପାଳର ଉପେନ୍ଦ୍ରନାଥ-ଶାରଦା ମହାବିଦ୍ୟାଳୟରେ ମଧ୍ୟ ନିର୍ବାଚନ ବାତିଲ୍ ହୋଇଛି। ଭଦ୍ରକ ଜିଲ୍ଲାର ନାଆମୀ କଲେଜ ଓ ଭଦ୍ରକ ମହିଳା କଲେଜ ସମେତ କେନ୍ଦ୍ରାପଡ଼ାର ତୁଳସୀ ମହିଳା କଲେଜରେ ମଧ୍ୟ ଅଶାନ୍ତି ଯୋଗୁଁ ସାଇନ୍-ଏ-ଡାଏ ଘୋଷଣା କରାଯାଇଛି। ଦେବଗଡ଼ ମହାବିଦ୍ୟାଳୟରେ ୬ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଖାରଜକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ କଲେଜକୁ ଅନିର୍ଦ୍ଦିଷ୍ଟ କାଳ ବନ୍ଦ ରଖାଯାଇଛି। ସେହିପରି ପୁରୀ ଜିଲ୍ଲାର ଗୋପ କଲେଜ, ନୂଆପଡ଼ା ଜିଲ୍ଲାର ଖରିଆର ସ୍ୱୟଂଶାସିତ କଲେଜ ଓ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇସ୍ଥିତ ଯୁକେ ମହାବୀର କଲେଜରେ ମଧ୍ୟ ନିର୍ବାଚନ ବାତିଲ୍ ହୋଇଛି। ବାଲେଶ୍ୱର ଜିଲ୍ଲାର ଜାମ୍ବେଶ୍ୱର କଲେଜରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି।

ଏପଟେ ନବରଙ୍ଗପୁରର ମଡେଲ୍ ଡିଗ୍ରୀ କଲେଜରେ ନିର୍ବାଚନ ବାତିଲ୍‌କୁ ନେଇ ପ୍ରତିବାଦ ପରେ କଲେଜ ବନ୍ଦ ରହିଛି। ଉମରକୋଟ କଲେଜରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ଦୁଇଜଣ ଗୁରୁତର ଆହତ ହୋଇଥିବା ଖବର ଆସିଛି। ନିମାପଡ଼ା ସ୍ୱୟଂଶାସିତ କଲେଜରେ ୫୩ଟି ନାମାଙ୍କନ ମଧ୍ୟରୁ ୩୯ଟି ଖାରଜ ହେବାକୁ ନେଇ ଛାତ୍ରଛାତ୍ରୀ ଫାଟକ ବନ୍ଦ କରି ପ୍ରତିବାଦ କରିଛନ୍ତି। ସମ୍ବଲପୁରର ନେତାଜୀ ସୁଭାଷଚନ୍ଦ୍ର ବୋଷ କଲେଜ ଓ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମଧ୍ୟ ନାମାଙ୍କନ ଖାରଜକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏତେ ସବୁ ଘଟଣା ମଧ୍ୟରେ ନିର୍ବାଚନରେ ହିଂସା ରୋକିବା, ବାହ୍ୟ ହସ୍ତକ୍ଷେପ ଅଭିଯୋଗର ନିରପେକ୍ଷ ତଦନ୍ତ ଏବଂ ନାମାଙ୍କନ ଯାଞ୍ଚରେ ସ୍ୱଚ୍ଛତା ରକ୍ଷା କରିବା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି। ଏହି ସମୟରେ ପୁଲିସ, ପ୍ରଶାସନ ଓ ସରକାରଙ୍କ ଭୂମିକାକୁ ନେଇ ବିରୋଧୀ ଛାତ୍ର ସଂଗଠନଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି। ପ୍ରଶାସନ ଓ ପୁଲିସ କଳକୁ ଲଗାଇ ବିରୋଧୀଙ୍କୁ ହରାଇବାକୁ ଯୋଜନା ପ୍ରସ୍ତୁତ କରାଯାଇଥିବା ମଧ୍ୟ ଛାତ୍ର ଓ ଯୁବବିଜେଡି, ଛାତ୍ର କଂଗ୍ରେସ, ଏଆଇଏସ୍ଏଫ୍ ଆଦି ଅଭିଯୋଗ କରିଛନ୍ତି।

୪ ବର୍ଷର ଶିଶୁକନ୍ୟା...

କରିଛି। ଝିଅକୁ ବଞ୍ଚାଇବାକୁ ଯାଇ ତାର ବାପା ଅଭିରାମ ଓ ମା' ତିଳୋତ୍ତମା ଗୁରୁତର ଆହତ ହୋଇଥିବା ବେଳେ ବଡ଼ବାପା ଉତ୍ତମ ମଲିକ ମଧ୍ୟ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ସମସ୍ତ ଆହତମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଅଭିରାମ ଓ ତାଙ୍କ ପତ୍ନୀ ତିଳୋତ୍ତମାଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଡାକ୍ତର କଟକ ମେଡିକାଲକୁ ରେଫର କରାଯାଇଛି। କଟକ ବଡ଼ ମେଡିକାଲରେ ଉଭୟ ପତି ଓ ପତ୍ନୀ ଚିକିତ୍ସା ଚାଲିଥିବା ବେଳେ ଆହତ ବଡ଼ବାପା ଉତ୍ତମ ଧର୍ମଶାଳା ମେଡିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଥିବା ଜଣାପଡିଛି। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ତେବେ ଅଗ୍ନିକାଣ୍ଡରେ ଘରେ ଥିବା ଅନେକ ଆସବାବପତ୍ର ପୋଡିଯାଇଛି। ଏନେଇ ଧର୍ମଶାଳା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶିଶୁ କନ୍ୟାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ୍ ଘଟଣାର ତଦନ୍ତ ଚଳାଇଥିବା ଥାନା ଏସଆଇ ଦିଲିପ କୁମାର ଦେଉରୀ ସୂଚନା ଦେଇଛନ୍ତି।

ଗୋଟିଏ ଦିନରେ ଦମ୍ପତିଙ୍କ ମୃତ୍ୟୁ

ଅନାଥ ହୋଇଗଲେ ଦୁଇ ଶିଶୁକନ୍ୟା

ବାରିପଦା/ବିଶୋଇ, ୧୧।୧୦ (ସମିସ): ହଠାତ୍ ଅସୁସ୍ଥ ହୋଇ ଗୋଟିଏ ଦିନରେ ଦମ୍ପତିଙ୍କ ମୃତ୍ୟୁ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ଘଟିଥିବା ଏହି ଦୁଃଖଦ ଘଟଣାରେ ଦୁଇ ଓ ଚାରି ବର୍ଷର ଦୁଇଜଣ ଶିଶୁକନ୍ୟା ଅନାଥ ହୋଇଯାଇଛନ୍ତି।

ସୂଚନା ଅନୁଯାୟୀ, ବିଶୋଇ ଥାନା ଅନ୍ତର୍ଗତ ଚଡ୍ରିସାହି ଗ୍ରାମର ଭଞ୍ଜ ସିର୍କା (୩୦) ଓ ତାଙ୍କ ପତ୍ନୀ ବିରାଙ୍ଗ ନାଏକ (୨୮) ଏକ ଦଶାହ କର୍ମରେ ଯୋଗଦେବା ପାଇଁ ଜାଟିପାଣି ଗ୍ରାମକୁ ଯାଇଥିଲେ। ଶୁକ୍ରବାର ଭୋଜି ଖାଇ ରାତିରେ ଶୋଇଥିବା ବେଳେ ରାତି ପ୍ରାୟ ୩ଟାରେ ଉଭୟଙ୍କ ପେଟରେ ଯନ୍ତ୍ରଣା ହୋଇଥିଲା। ସମ୍ପର୍କୀୟମାନେ ସେମାନଙ୍କୁ ସଂଗେ ସଂଗେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଭଞ୍ଜଙ୍କ ମୃତ୍ୟୁ ଘଟିଥିଲା। ବିରାଙ୍ଗଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଇରଙ୍ଗପୁର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଦିନ ରାତି ସେ ମଧ୍ୟ ଆଖି ବୁଜିଥିଲେ।

ଏହି ଘଟଣାରେ ବିଶୋଇ ଓ ରାଇରଙ୍ଗପୁର ପୁଲିସ ପୃଥକ୍ ପୃଥକ୍ ମାମଲା ରୁଜୁ କରିଛି। ଭଞ୍ଜଙ୍କ ଶବ କରଞ୍ଜିଆ ଡାକ୍ତରଖାନାରେ ଏବଂ ବିରାଙ୍ଗଙ୍କ ଶବ ରାଇରଙ୍ଗପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଆଜି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଭୋଜି ଖାଇବା ପରେ ଉଭୟଙ୍କ ମୃତ୍ୟୁ ହୋଇଥିବାରୁ ଶରୀରରେ ବିଷକ୍ରିୟା ହୋଇଥିବା ସନ୍ଦେହ କରାଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

ଜପକୁଦରେ ୭...

ନିକଟରେ ଥିବା ଲୋକ, ଅନ୍ୟ ଦୋକାନୀ ଏବଂ ରାସ୍ତାରେ ଯାତାୟାତ କରୁଥିବା କିଛି ପଥଚାରୀ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରେ ନିରଞ୍ଜନ ଦାସ, ପ୍ରେମାନନ୍ଦ ବେହୁରା, ଦୀନବନ୍ଧୁ ସାହୁ, ସୁହାନା ବିବି ଓ ରିହାନା ବିବିଙ୍କ ନାମ ରହିଛି। ଅନ୍ୟ ତିନି ଜଣ ପଥଚାରୀଙ୍କ ପରିଚୟ ଏଯାବତ୍ ମିଳି ନଥିବା ସୂଚନା ମିଳିଛି। ତେବେ ଆହତଙ୍କ ସଠିକ୍ ସଂଖ୍ୟା ଓ ସେମାନଙ୍କ ଅବସ୍ଥା ସମ୍ପର୍କରେ ଅଧିକାରିକ ସ୍ପଷ୍ଟୀକରଣ ଅପେକ୍ଷାରେ ରହିଛି। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ସହଯୋଗର ହାତ ବଢ଼ାଇଥିଲେ। ଗୁରୁତର ଆହତଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ପରେ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସାଲେପୁର ଥାନାଧିକାରୀ ମହେଶ୍ୱର ବେହେରା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ତଦନ୍ତ କରୁଥିବା ଜଣାପଡ଼ିଛି। ପ୍ରକୃତରେ କେଉଁ କାରଣରୁ ଗ୍ୟାସ୍ ଲିକ୍ ହେଲା ଏବଂ ଦୁର୍ଘଟଣାର ସଠିକ୍ କାରଣ କ'ଣ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଜପକୁଦ ବଜାରର ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

GOVERNMENT OF ODISHA
OFFICE OF THE
SUPERINTENDING ENGINEER
PUBLIC HEALTH DIVISION, KORAPUT
Koraput - 764020, Odisha, India
13001/2141/2627 ccphkrp@gmail.com | sephkoraput@gmail.com

e-procurement Notice for 2026-27

Bid Identification No. SE,P.H.KPT-4 of 2026-27 Dt.06.10.2026

1.	No. of the work	:	5 nos
2.	Estimated Cost	:	From Rs.44.08 lakh to Rs.84.03 lakh (Approx.)
3.	Period of completion	:	2 to 9 months
4.	Date & time of availability of bid document in the portal	:	From 11.00 A.M. of 16.10.2026 to 05.00 P.M. of 29.10.2026
5.	Last date / time of receipt of bids in the portal	:	05.00 P.M. of 29.10.2026
6.	Date & time of opening of bids	:	11.00 A.M. of 30.10.2026
7.	Name and address of the Officer Inviting Bid	:	Additional Chief Engineer, P.H. Division, Koraput

Further details can be seen from the e-Procurement portal "https://www.tendersodisha.gov.in".

Sd/-
(Er. Chiranjibi Mahali)
Additional Chief Engineer,
P.H. Division, Koraput

OIPR-13001/13008/1/26-27/0004

Odisha Lift Irrigation Corporation Ltd.
(A Govt. of Odisha Undertaking)
OFFICE OF THE EXECUTIVE ENGINEER L.I. DIVISION, BARAGADA
E-mail: eeolicbgh@gmail.com, Ph- 06646-246126
32001/1017/2627 No. 1706 / Dated: 06.10.2026

E-Procurement Notice EE/OLIC/BGH-02/2026-27

1.	Name of the tender Inviting Officer	:	Executive Engineer, L.I. Division, Baragada
2.	Name of the work	:	Revival of 18 nos. of CLIPs & Reinforcement of 105 nos. Package (177 Nos. CLIPs) in different Block of Baragada District under State Plan Grant 2026-27.
3.	No. of Packages	:	123 Nos.
4.	Tender Amount	:	Varies from 5.12 Lakhs to 21.45 Lakhs
5.	Date and time of availability of bid documents in the portal	:	for on line biding from 10.00 hrs dated 14.10.2026 to 17.00hrs dated 27.10.2026.
6.	Last date and time of receipt of bids in the portal	:	up to 17.00hrs. Dated- 27.10.2026.
7.	Last date and time of clarification	:	up to 17.00hrs. Dated- 26.10.2026.
8.	Date of opening of bid	:	at 11.00 hrs. Dated- 28.10.2026.
9.	Further details can be seen from the e-procurement portal of Govt. of Odisha i.e.	:	www.tendersorissa.gov.in.
10.	Subsequent corrigendum / addendum / cancellation of tender if required shall be available in the above portal.	:	-

Sd/-
Executive Engineer,
L.I. Division, Baragada.

OIPR-32001/32277/1/26-27/0002

Notice (above 18 years of age)

By virtue of an affidavit sworn before Executive Magistrate, (KPD) Udala, Mayurbhanj , dated 06-10-2026 I, Rubina Behera, D/O- Sumanta Kumar Behera, Address At/Po-Kendudiha, Ps - Badasahi, Dist- Mayurbhanj, PIN-757026, Odisha declare that I have changed my name from Rubi Behera to Rubina Behera. Henceforth, I shall be known as **Rubina Behera** for all purposes.
(Rubina Behera)

AFFIDAVIT

I, **JUBULEE PATEL**, W/o- Durga Madhab Patel, resident of At/Po- Kulabira, PS- Lephripara, Dist- Sundargarh, Odisha declare by this affidavit Sl. No. 3168 dtd.-11/03/2025 that now onwards I shall be known as **JUBULI PATEL** for all future purposes.
(Sd/- **JUBULI PATEL**)

AFFIDAVIT

By virtue of an affidavit no -917 before Executive Magistrate, Kodala, Ganjam, dated 17.09.2026, I, Jagyaseni Malik, Village-Singipur, P.O.-Sama, Via-Purushottampur, Dist.-Ganjam hereby declare that my correct name is Jagyaseni Malik. But my name has been wrongly mentioned as Rini Swain in my Aadhaar Card. That Jagyaseni Malik and Rini Swain are one and the same person, i.e., myself. Henceforth I shall be known as **Jagyaseni Malik** for all purposes.
Sd/- Jagyaseni Malik

Notice (above 18 years of age)

By virtue of an affidavit sworn before Notary Puclic, Udala, Mayurbhanj , dated 29-09-2026 I, Jasmi Soren, Address At-Dahanibuda, Po-Silaghati, Ps - Khunta, Dist- Mayurbhanj, PIN-757019, Odisha declare that I have changed my name from Jasi Soren to Jasmi Soren. Henceforth, I shall be known as Jasmi Soren for all purposes.
(Jasmi Soren)

AFFIDAVIT

By virtue of an affidavit before Executive Magistrate, Keonjhar bearing no -05, dated 07.10.2026, I, Soumyaranjan Sahu, S/o Jasobanta Sahu, Vill-Kantalasuan, P.O.-Karamangi, P.S.-Telkoi, Dist.-Keonjhar-758076 hereby declare that I have changed my name from Samyaranjan Sahu to Soumyaranjan Sahu. Henceforth I shall be known as **Soumyaranjan Sahu** for all purposes.
Soumyaranjan Sahu

AFFIDAVIT

By virtue of an affidavit before Executive Magistrate, Puri bearing no -24, dated 03.10.2026, I Kailash Chandra Gadabad, S/o-Biswambar Gadabad, Army no.- 9213969K, Rank- HAV, at present and permanent address Jamuna Lane, Markandeswar Sahi, P.s-Puri town, Po./Dist.- Puri, Odisha, Pin-752001 declare that, I have changed my old name from Kailash Chandra Goudabad to Kailash Chandra Gadabad and my old address Vill./Po.- Garhkokal, Tah.- Jodapadar, Ps.- Brahmagiri, Dist.- Puri, Orissa changed to the above present address. Therefore I shall be known as **Kailash Chandra Gadabad** for all future purposes.

ଦୁର୍ଘଟଣାରେ ଯୁବକ ମୃତ

ସୋର,୧୧।୧୦(ସମିସ): ସୋର କୁପାରୀ ରାସ୍ତା ଶରଣଙ୍କ ନିକଟରେ ଏକ ଟାଟା ଇଣ୍ଡା ମାଲବାହୀ ଗାଡ଼ିକୁ ପଛରୁ ଏକ ଲୁନା ଧକ୍କା ଦେବା ଫଳରେ ଲୁନା ଚାଳକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବାହାନଗା ବ୍ଲକ ବରିପଦା ଗ୍ରାମର ନରେନ୍ଦ୍ର ମଳିକ(୫୫) ଗାଁରେ ବୁଲି ମାଛ ବ୍ୟବସାୟ କରନ୍ତି। ଆଜି ଅପରାହ୍ନରେ ସେ ସରଣଙ୍କ ଗ୍ରାମରୁ ମାଛ ବ୍ୟବସାୟ ସାରି ଲୁନାରେ ଫେରିବା ସମୟରେ ରାସ୍ତାରେ ଆଗରେ ଯାଉଥିବା ଟାଟା ଇଣ୍ଡା ଗାଡ଼ି ହଠାତ ବ୍ରେକ ମାରିବାରୁ ଭାରସାମ୍ୟ ହରାଇ ପଛରୁ ଧକ୍କା ଦେଇ ଘଟଣା ସ୍ଥଳରେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ସହ ଲୁନାକୁ ଜବତ କରି ଥାନାରେ ରଖିଥିବା ଜଣାପଡ଼ିଛି।

ଅନ୍ଧାରରେ ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ; ଯାତ୍ରୀ ହଟହଟା

ବାଲେଶ୍ୱର,୧୧।୧୦(ସମିସ)

ଦୁର୍ଗାପୂଜାକୁ ନେଇ ଉତ୍ସବମୁଖର ହେବାକୁ ଯାଉଛି ବାଲେଶ୍ୱର ସହର। ପୂଜାମଣ୍ଡପଠାରୁ ରାସ୍ତାଘାଟ ପର୍ଯ୍ୟନ୍ତ ସାଜସଜ୍ଜା ଓ ଆଲୋକୀକରଣ ପାଇଁ ପ୍ରସ୍ତୁତି ଚାଲିଛି। ହେଲେ ସହରର ଏକ ଗୁରୁତ୍ୱପୂର୍ଣ୍ଣ ଯାତ୍ରୀ ପରିବହନ କେନ୍ଦ୍ର ସହଦେବଖୁଣ୍ଟା ବସଷ୍ଟାଣ୍ଡର ଚିତ୍ର କିନ୍ତୁ ଭିନ୍ନ। ରାତି ହେଲେ ବସଷ୍ଟାଣ୍ଡ ପରିସର ଓ ପ୍ରବେଶପଥ ଅନ୍ଧାରରେ ବୁଡ଼ି ରହୁଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଆବଶ୍ୟକୀୟ ଆଲୋକର ଅଭାବ ଏବଂ ପ୍ରବେଶ ଫାଟକରେ ସ୍ପଷ୍ଟ ସୂଚନା ଫଳକ ନଥିବାରୁ ଯାତ୍ରୀଙ୍କ ସୁବିଧା ଓ ସୁରକ୍ଷାକୁ ନେଇ ଉଠିଛି ଗୁରୁତର ପ୍ରଶ୍ନ ଉଠିଛି। ସହଦେବଖୁଣ୍ଟା ବସଷ୍ଟାଣ୍ଡକୁ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଯାତ୍ରୀ ଆସୁଥିବା ବେଳେ ରାତି ସମୟରେ ଏଠାରେ ଯଥେଷ୍ଟ ଆଲୋକ ବ୍ୟବସ୍ଥା ରହିବା ଅତ୍ୟନ୍ତ ଜରୁରୀ। କିନ୍ତୁ, ଏବେ ବସଷ୍ଟାଣ୍ଡର କିଛି ଅଂଶ ଓ ଫାଟକ ନିକଟରେ ଆଲୋକର ଅଭାବ ଯୋଗୁଁ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଏପରି ସ୍ଥିତିରେ ରାତିରେ ବସରେ ଚଢ଼ିବାକୁ ଆସୁଥିବା କିମ୍ବା ବସରୁ ଓହ୍ଲାଇ ବାହାରକୁ ଯାଉଥିବା ଯାତ୍ରୀଙ୍କ ପାଇଁ ଗନ୍ତବ୍ୟ ପଥ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। ବିଶେଷକରି ଅପରିଚିତ ଯାତ୍ରୀଙ୍କ ପାଇଁ କେଉଁଫାଟରେ ପ୍ରବେଶ କରିବେ ଏବଂ କେଉଁଫାଟେ ବାହାରିବେ, ତାହା ଜାଣିବାରେ ସମସ୍ୟା ଉପୁଜୁଛି। ଏପରି ସ୍ଥଳେ ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ମହିଳା ଯାତ୍ରୀଙ୍କ ସୁରକ୍ଷା। ରାତିରେ ଏକାକୀ ଯାତ୍ରା କରୁଥିବା ମହିଳା, ଛାତ୍ରୀ ଏବଂ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀଙ୍କ ପାଇଁ ପ୍ରମୁଖ ପ୍ରାଥମିକତା ଦେବା ବେଳେ ଆଲୋକିତ ଓ ସୁରକ୍ଷା ବ୍ୟବସ୍ଥା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଅନ୍ଧାରିଆ ପ୍ରବେଶପଥ ଓ ପରିସରରେ ଯଥେଷ୍ଟ ଆଲୋକ ନଥିଲେ ଅସାମାଜିକ କାର୍ଯ୍ୟକଳାପର ଆଶଙ୍କା ସହ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ଏଭଳି ସ୍ଥିତିରେ ଏହା କେବଳ ଆଲୋକ ବ୍ୟବସ୍ଥାର ପ୍ରଶ୍ନ ନୁହେଁ, ବରଂ ଯାତ୍ରୀଙ୍କ ସୁରକ୍ଷା ଓ ମୌଳିକ ସୁବିଧା ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇ ଛିଡ଼ା ହୋଇଛି। ଅନ୍ୟପଟେ, ବସଷ୍ଟାଣ୍ଡର ପ୍ରବେଶ ଫାଟକରେ "ସହଦେବଖୁଣ୍ଟା ବସଷ୍ଟାଣ୍ଡ' ବୋଲି ସ୍ପଷ୍ଟ ଭାବେ ଚିହ୍ନିତ କରୁଥିବା ସୂଚନା ଫଳକ ମଧ୍ୟ ନାହିଁ। ରାତିର ଅନ୍ଧାରରେ ଜଣେ ଅପରିଚିତ ଯାତ୍ରୀ ବସଷ୍ଟାଣ୍ଡକୁ ଚିହ୍ନିବେ କିପରି, ପ୍ରବେଶ ଓ ପ୍ରସ୍ଥାନ ପଥ କେଉଁଠି, ତାହା ଜାଣିବେ କେମିତି, ଏଭଳି ଜରୁରୀ ବ୍ୟବସ୍ଥାରେ ଅବହେଳା କାହିଁକି ବୋଲି ପ୍ରଶ୍ନ ଉଠିଛି। ଦୁର୍ଗାପୂଜା ସମୟରେ ସହରକୁ ଅଧିକ ଲୋକଙ୍କ ଆଗମନ ହେବା ସହ ଯାତ୍ରୀଙ୍କ ଯାତାୟାତ ମଧ୍ୟ ବଢ଼ିବାର ଆଶା ରହିଛି। ଏପରି ସମୟରେ ବସଷ୍ଟାଣ୍ଡର ଆଲୋକୀକରଣ, ପ୍ରବେଶ ଓ ପ୍ରସ୍ଥାନ ପଥରେ ସ୍ପଷ୍ଟ ସୂଚନା ଫଳକ, ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଏବଂ ନିୟମିତ ତଦାରଖକୁ ପ୍ରାଥମିକତା ଦେବା ଆବଶ୍ୟକ ରହିଛି। କେବଳ ପୂଜାମଣ୍ଡପ ଓ ମୁଖ୍ୟ ରାସ୍ତାର ସାଜସଜ୍ଜା ନୁହେଁ, ସହରର ଏପରି ଜନଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ମୌଳିକ ସୁବିଧା ପ୍ରତି ମଧ୍ୟ ପ୍ରଶାସନର ଦୃଷ୍ଟି ରହିବା ଦରକାର ବୋଲି ବାଲେଶ୍ୱରବାସୀ ଜୋରଦେଇ ସହ ପ୍ରକାଶ କରିଛନ୍ତି।

ଦୁର୍ଗାପୂଜା ତୋରଣ ବନ୍ଧା ହେଉଥିବାବେଳେ ଅଘଟଣ
୧୧ କେଭି ତାର ସଂସ୍ପର୍ଶରେ ଆସି ଯୁବକ ଗୁରୁତର

ବାଲେଶ୍ୱର, ୧୧।୧୦ (ସମିସ): ସହରର ଆଜିମାବାଦ ଛକରେ ରବିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଏକ ଅଘଟଣ ଘଟିଛି। ଦୁର୍ଗାପୂଜା ଉପଲକ୍ଷେ ତୋରଣ ବନ୍ଧା ଯାଉଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ତୋରଣ ଉପରୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ମେଡିକାଲ ପଠାଯାଇଛି। ଆଜିମାବାଦ ଛକରେ ଦୁର୍ଗାପୂଜା ପାଳନ ପାଇଁ ରାସ୍ତା ଉପରେ ତୋରଣ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଜଣେ ଯୁବକ ତୋରଣ ଉପରେ ରହି କାମ କରୁଥିବା ବେଳେ ନିକଟରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ସେ ତୋରଣ ଉପରେ ଗୁରୁତର ଅବସ୍ଥାରେ ଛଟପଟ ହେଇ ଅଚେତ୍ ଅବସ୍ଥାରେ ପଡ଼ିଥିଲେ। ଏହି ସମୟରେ ରାସ୍ତା ଦେଇ ଯାଉଥିବା ପୁଲିସ କର୍ମଚାରୀ ନମିତା ଦାସ ଘଟଣାଟି ଦେଖି ତୁରନ୍ତ ଉଦ୍ଧାର ପାଇଁ ଲୋକଙ୍କୁ ଡାକିଥିଲେ। ପ୍ରଥମେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବା ପରେ ଜଣେ ପୁଲିସ ହୋମଗାର୍ଡ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ଯୁବକଙ୍କୁ ତୋରଣ ଉପରୁ ତଳକୁ ଓହ୍ଲାଯାଇଥିଲା। ବିଦ୍ୟୁତ୍ ଆଘାତରେ ଯୁବକ ଜଣକ ଠିକ୍ ଭାବେ ଠିଆ ହୋଇପାରୁନଥିବା ସହ କଥା ମଧ୍ୟ କହି ପାରୁନଥିଲେ। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଲୋକେ ତାଙ୍କୁ ବାଇକ୍‌ରେ ମେଡିକାଲ ନେଇଥିଲେ। ଅନ୍ୟପକ୍ଷରେ ଘଟଣା ଯୋଗୁଁ ଛକରେ ଯାତାୟାତ ବାଧାପ୍ରାପ୍ତ ହୋଇ ଟ୍ରାଫିକ୍ ଜାମ୍ ସୃଷ୍ଟି ହୋଇଥିଲା। ଉପସ୍ଥିତ ପୁଲିସ କର୍ମଚାରୀ ଟ୍ରାଫିକ୍ ନିୟନ୍ତ୍ରଣ କରି ପରିସ୍ଥିତି ସ୍ୱାଭାବିକ କରିଥିଲେ। ଏହି ଘଟଣା ପରେ ପୂଜା ତୋରଣ ନିର୍ମାଣ ସମୟରେ ବିଦ୍ୟୁତ୍ ତାରଠାରୁ ସୁରକ୍ଷିତ ଦୂରତା ରକ୍ଷା କରିବା ସହ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଅବଲମ୍ବନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି।

ଲୁଟ୍ ଓ ଛିନ୍‌ତାଇ ଘଟଣା
ଗହଣା ଦୋକାନୀଙ୍କ ସମେତ ୬ ଲୁଟେରା ଗିରଫ

ସୋର,୧୧।୧୦(ସମିସ): ସୋର ଅନନ୍ତପୁର ରାସ୍ତା କୁଆମରା ନିକଟରେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ଘଟଣାରେ ପୁଲିସ ଜଣେ ଗହଣା ଦୋକାନୀଙ୍କ ସମେତ ୬ଜଣ ଲୁଟେରା ଗ୍ୟାଙ୍ଗକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗତ ୯ ତାରିଖ ପୂର୍ବାହ୍ନରେ ମୂଳେଶ୍ୱର ଗ୍ରାମର ସ୍ମୃତି ବିଶ୍ୱାଳ ତାଙ୍କର ଜଣେ ସମ୍ପର୍କୀୟ ମହିଳାଙ୍କ ସହିତ ସ୍କୁଟି ଯୋଗେ ଅନନ୍ତପୁର ଯାଉଥିବା ବେଳେ କୁଆମରା ନିକଟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ସେ ବେକରେ ପିନ୍ଧିଥିବା ୧୦ ଗ୍ରାମ ଓଜନର ସୁନା ଚେନକୁ ଝାମ୍ପିନେଇ ଅନନ୍ତପୁର ଅଭିମୁଖେ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ଏ ବାବଦରେ ସ୍ମୃତି ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୭୫୯/୨୬ ରେ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ସିସିଟିଭି ଯାଞ୍ଚ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ବାସୁଦେବପୁର ଥାନା ଇରମ ଗ୍ରାମର ଶିବ ଶଙ୍କର ଦଳେଇ (୧୮), ଅଡୁଆଁ ଗ୍ରାମର ଜୟନ୍ତ ମଳିକ(୧୭), ଜଗନ୍ନାଥପୁର ମଳିକସାହି ଗ୍ରାମର ମାୟାଧର ମଳିକ (୨୧),ଏବଂ ସତ୍ୟସାଇ ମଳିକ(୨୨), ଜଗନ୍ନାଥପୁର ଜେନା ସାହିର ଶିବପ୍ରସାଦ ଦଳେଇ(୨୨), ଚୁଡାମଣି ମେରାଇନ ଥାନା ଅନ୍ତର୍ଗତ ଚୁଡାମଣି ଶାଶୁ ଭୁଆଶୁଣି ଗ୍ରାମର ଶିବବ୍ରତ ମଳିକ(୧୯) କୁ ଗିରଫ କରି ପଚରାଉଚୁରା କରିଥିଲେ। ପରେ ସେମାନେ ଲୁଟ କରିଥିବା ଗହଣାକୁ ସୋର ଅଡଙ୍ଗବଜାରରେ ଥିବା ଜ୍ୟୋସ୍ନା ଅଳଙ୍କାର ଗହଣା ଦୋକାନରେ ବିକ୍ରି କରିଥିବା ପୁଲିସକୁ ସୂଚନା ଦେଇଥିଲେ। ସୂଚନା ଆଧାରରେ ପୁଲିସ ଉକ୍ତ ଗହଣା ଦୋକାନରେ ଚଢ଼ାଉ କରି ସୋର ଥାନା କେଦାରପୁର ଗ୍ରାମର ପ୍ରଭାତ କୁମାର ରଣା(୨୫)କୁ ଗିରଫ କରିଥିଲେ। ଲୁଟେରାଙ୍କ ନିକଟରୁ ପୁଲିସ ଏକ ରୂପା ବ୍ରେସଲେଟ, ୭ଟି ମୋବାଇଲ ଫୋନ, ୧ଟି ସୁନା ଚେନ, କାନ ଫୁଲ ଏକ ହଳ,ନଗଦ ୩୦ ହଜାର ଟଙ୍କା ଏବଂ ଲୁଟରେ ବ୍ୟବହୃତ ହୋଇଥିବା ୩ଟି ବାଇକକୁ ଜବତ କରିଥିଲେ। ଏହି ୬ଜଣ ଲୁଟେରା ସୋର ସମେତ ବାସୁଦେବପୁର, ଅନନ୍ତପୁର ଓ ଗୋପାଳପୁର ଥାନା ଅଞ୍ଚଳରେ ବିଭିନ୍ନ ଲୁଟ, ଛିନତାଇ ଓ ଚୋରି ଘଟଣାରେ ସଂମ୍ପୃକ୍ତି ଥିବା ପୁଲିସ ସୂଚନା ଦେଇଛି।

ବ୍ରାହ୍ମଣ ସମ୍ମିଳନୀ ନିମନ୍ତେ ପ୍ରସ୍ତୁତି ବୈଠକ

ନୀଳଗିରି, ୧୧।୧୦, (ସମିସ): ଚତୁର୍ଥ ବିଶ୍ୱଶାନ୍ତି ମହାଯଜ୍ଞ ଓ ବ୍ରାହ୍ମଣ ସମ୍ମିଳନୀ ନିମନ୍ତେ ନୀଳଗିରି ବ୍ରାହ୍ମଣ ସମିତି ଦ୍ୱାରା ପ୍ରସ୍ତୁତି ବୈଠକ ରବିବାର ନୀଳଗିରି ବ୍ରାହ୍ମଣ ସମିତିର ସଭାପତି ପଣ୍ଡିତ ସୂର୍ଯ୍ୟନାରାୟଣ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ହେବାକୁ ଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ବ୍ରାହ୍ମଣ ସମ୍ମିଳନୀ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଡିସେମ୍ବରରେ ଅନୁଷ୍ଠିତ ହେବ ବୋଲି ସ୍ଥିରୀକୃତ ହୋଇଛି। ବୈଠକରେ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦାନ ପୂର୍ବକ ବିଶ୍ୱଶାନ୍ତି ମହାଯଜ୍ଞ ତଥା ବ୍ରାହ୍ମଣ ସମ୍ମିଳନୀକୁ ଯାଥା ଶକ୍ତି ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ନୀଳଗିରି ସଂଘର ଉପ-ସଭାପତି, ସମ୍ପାଦକ, ସହ-ସମ୍ପାଦକ, କୋଷାଧ୍ୟକ୍ଷ, ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ସହ ରାଜ୍ୟ ବ୍ରାହ୍ମଣ ସଂଘର ରାଜ୍ୟ ସଂଯୋଜକ ପଣ୍ଡିତ ଲୋକନାଥ ଧର ଉପସ୍ଥିତ ଥିଲେ। ସମିତିର ନାରୀ ବାହିନୀ ର ସମସ୍ତ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ସର୍ବଶେଷରେ ସମିତିର କାର୍ଯ୍ୟକ୍ରମ କୁ ବିଶେଷ ଅବଦାନ ନିମନ୍ତେ ସୁରଞ୍ଜନ ମହାପାତ୍ରଙ୍କ ପରିବାର, ବିନୋଦ ବିହାରୀ ପଣ୍ଡା ଓ ପ୍ରଦୀପ୍ତ ମିଶ୍ର ପ୍ରମୁଖଙ୍କୁ ଧନ୍ୟବାଦ ଅର୍ପଣ କରାଯାଇ ଥିଲା।

ଯାଜ୍ଞସେନୀ ସମ୍ମାନିତ

ନୀଳଗିରି, ୧୧।୧୦ (ସମିସ): ନୀଳଗିରି ମହାବିଦ୍ୟାଳୟ ର ନୀଳଗିରି ଇତିହାସରେ ଏକ ଅଭୁଲା ଅଧ୍ୟାୟ ଯୋଡ଼ି ହୋଇ ଯାଇଛି ଗତ ଅକ୍ଟୋବର ୨ ତାରିଖରେ। ବିଶ୍ୱବିଦ୍ୟାଳୟ ସ୍ତରୀୟ ନବ ପ୍ରବର୍ତ୍ତନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ୨୦୨୬ ରେ ଅଂଶଗ୍ରହଣ କରି ଏହି ସୁନାମଧନ୍ୟ ମହାବିଦ୍ୟାଳୟର ସମ୍ମାନଧନ୍ୟା ଯୁକ୍ତ ୩ ତୃତୀୟ ବର୍ଷ ପଦାର୍ଥ ବିଜ୍ଞାନ (ସମ୍ମାନ) ର ଛାତ୍ରୀ ଯାଜ୍ଞସେନୀ ରାଉତଙ୍କ ଅଭିନବ ଉଦ୍ଭାବନ 'ଦୃଷ୍ଟିହୀନଙ୍କ ପାଇଁ ସ୍ମାର୍ଟ ପାଖୁ' ଆଜି ଦୁନିଆର ଅନ୍ଧ ବ୍ୟକ୍ତିଙ୍କ ଲାଗି ଏକ ଅଭୂତ ସୁଖଦ ଅନୁଭୂତି ଆଣିଦେଇଛି। ଏହି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ସୂର୍ଯ୍ୟନ୍ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ପ୍ରଯତ୍ନ ଓ ମାର୍ଗଦର୍ଶନରେ ଯାଜ୍ଞସେନୀଙ୍କ ଏହି ଯାଦୁକରୀ ଉଦ୍ଭାବନ ଆଜି ଏହି ମହାବିଦ୍ୟାଳୟର ଇତିହାସରେ ଏକ ସ୍ୱର୍ଣ୍ଣିମ ସ୍ୱାକ୍ଷର। ସେ ଏଥି ନିମନ୍ତେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲର ଡ. ସନ୍ତୋଷ କୁମାର ତ୍ରିପାଠୀଙ୍କଠାରୁ ୧ ଲକ୍ଷ ଟଙ୍କାର ଚେକ୍, ଟ୍ରଫି ସହ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳଙ୍କ ଠାରୁ ସଦେବ ସମ୍ମାନ ଗ୍ରହଣ ସହିତ ଅଧ୍ୟାପିକା ଓ ଅଧ୍ୟାପକ ଶୁଭେଚ୍ଛା ଜଣାଇଛନ୍ତି।

ବିଜେଡିରୁ ୩ ନେତା ନିଲମ୍ବିତ

ବାଲେଶ୍ୱର,୧୧।୧୦ (ସମିସ): କଲେଜ ଛାତ୍ର ସଂସଦ ନିର୍ବାଚନକୁ ନେଇ ବାଲେଶ୍ୱର ବିଜୁ ଜନତା ଦଳରେ ଦଳୀୟ ଶୃଙ୍ଖଳାଭଙ୍ଗ ଅଭିଯୋଗରେ କଠୋର ପଦକ୍ଷେପ ନିଆଯାଇଛି ଦଳ। ଦଳ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ବିଜୁ ଯୁବ ଜନତା ଦଳର ସଦସ୍ୟ ଧୀରେନ କୁମାର ନାୟକ, ବିଜୁ ଛାତ୍ର ଜନତା ଦଳର ସଦସ୍ୟ ବିଭୁଦତ୍ତ ପରିଡ଼ା ଏବଂ ବିଜୁ ଜନତା ଦଳ (ବିଜେଡି)ର ପୂର୍ବତନ ସଂଯୋଜକ ମାନସ ଦାସ ପଟ୍ଟନାୟକଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ବିଜେଡି ପକ୍ଷରୁ ୧୦ ଅକ୍ଟୋବରରେ ଜାରି ହୋଇଥିବା ଅଫିସ ଅର୍ଡରରେ ଏହି ନିଷ୍ପତ୍ତି ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଦଳର ସାଧାରଣ ସମ୍ପାଦକ ବିଜୟ ନାୟକଙ୍କ ଦସ୍ତଖତରେ ଜାରି ଏହି ନିର୍ଦ୍ଦେଶରେ ୨୦୨୬ ମସିହାର କଲେଜ ନିର୍ବାଚନ ସମୟରେ ଉକ୍ତ ତିନି ନେତା ଦଳ ବିରୋଧୀ କାର୍ଯ୍ୟକଳାପରେ ଜଡ଼ିତ ଥିବା ଦର୍ଶାଯାଇଛି। ନିଲମ୍ବନ ନିଷ୍ପତ୍ତି ସମ୍ପର୍କରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି, ବିଜୁ ଯୁବ ଜନତା ଦଳର ସଭାପତି ଏବଂ ବିଜୁ ଛାତ୍ର ଜନତା ଦଳର ସଭାପତିଙ୍କୁ ମଧ୍ୟ ଅବଗତ କରାଯାଇଛି। ତେବେ କେଉଁ ନିର୍ଦ୍ଦିଷ୍ଟ ଘଟଣାକୁ ଆଧାର କରି ଏହି ନିଲମ୍ବନ କରାଯାଇଛି, ସେ ସମ୍ପର୍କରେ ଜଣାପଡ଼ି ନାହିଁ। କଲେଜ ନିର୍ବାଚନକୁ କେନ୍ଦ୍ରକରି ଦଳୀୟ ଶୃଙ୍ଖଳା ଉପରେ ବିଜେଡିର ଏହି ପଦକ୍ଷେପ ବାଲେଶ୍ୱର ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରେସ୍ କ୍ଲବ୍ ବସ୍ତାର ସାଂଗଠନିକ ବୈଠକ

ବାଲେଶ୍ୱର ସଦର, ୧୧।୧୦ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ବାହାର୍ଦ୍ଦା ଡାକବଙ୍ଗଳାଠାରେ ପ୍ରେସ କ୍ଲବ, ବସ୍ତାର ସାଂଗଠନିକ ବୈଠକ ଓ ଶାରଦୀୟ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । କ୍ଲବ ସଭାପତି ବିଜୟ କୁମାର ଭୂୟାଁ ଏହି ବୈଠକରେ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ବ୍ରଜମୋହନ, ମିଶ୍ର, ବାଞ୍ଛାନିଧି ଦେ, ମନୀଷ ରାଇମୋଗିଆ, ରଞ୍ଜନ ବେହେରା, ହରିଶଙ୍କର ପାଣି ଯୋଗ ଦେଇ ଆଗାମୀ ଦିନରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରାଯିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଦିଗରେ ସଂଗଠନର କାର୍ଯ୍ୟଧାରା ଜାରି ରହିବ ବୋଲି କହିଥିଲେ। ଗଣମାଧ୍ୟମ ସହ ସାଧାରଣ ଲୋକଙ୍କୁ ସିଧାସଳଖ ଯୋଡି ହେଲେ ପ୍ରତ୍ୟେକ ସମସ୍ୟାର ସମାଧାନ ସମ୍ଭବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଏହି ଅବସରରେ ନବାଗତ ସଦସ୍ୟମାନଙ୍କୁ ସ୍ୱାଗତ, ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଧୁସୂଦନ ପଣ୍ଡିତ, ମାନସ ରଞ୍ଜନ ବେହେରା, ଜଗତ କୁମାର ଗିରି, ସୀତାକାନ୍ତ ଦାସ, ବସନ୍ତ କୁମାର ଭଦ୍ର, ଚାନସେଲର ରାଉତ, ବେଣୁଧର ଦାସ, ପ୍ରଶାନ୍ତ ସେନାପତି, ଦିଲ୍ଲୀପ ପଣ୍ଡା, ଜନ୍ମେଜୟ ପରିଡା, ସନ୍ତୋଷ ନାୟକ, ତୁଷାର ମାଝୀ ପ୍ରମୁଖ ଉପସ୍ଥିତ ରହି ସାଙ୍ଗଠନିକ ଆଲୋଚନା କରିଥିଲେ।

ରାଜ୍ୟ ବୁଦ୍ଧିଜୀବୀ ଫୋରମ ପକ୍ଷରୁ ଆଲୋଚନାଚକ୍ର

ବାଲେଶ୍ୱର,୧୧।୧୦(ସମିସ): ରାଜ୍ୟ ବୁଦ୍ଧିଜୀବୀ ସଂଗଠନ ପକ୍ଷରୁ ସ୍ଥାନୀୟ ୟୁନିଟ-୪ କାର୍ଯ୍ୟାଳୟରେ ମାଇନ୍ସ ଓ ମିନେରାଲ୍ସ ଡେଭଲପମେଣ୍ଟ ରେଗୁଲେସନ ସଂଶୋଧିତ ଆକ୍ଟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଫୋରମର ସଭାପତି ଡ. ପାର୍ଥସାରଥୀ ଅଜୟ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ବରିଷ୍ଠ ଆଡ଼ଭୋକେଟ ଦିଲୀପ କୁମାର ମହାପାତ୍ର ସବିସ୍ତୃତ ଆଲୋଚନା କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ଦିବାକର ସ, ରମେଶ ଚନ୍ଦ୍ର ଦାସ, ବିଷ୍ଣୁଚରଣ ମିଶ୍ର, ମଦନମୋହନ ମୋହଲା, ନିରଜ। ଲକ୍ଷ୍ମୀ ମହାପାତ୍ର, ଜଗନ୍ନାଥ ଭୂୟାଁ, ରତ୍ନାକର ଦାଶ ଓ ବିବେକାନନ୍ଦ ଜେନା ଧନ୍ୟବାଦ ଦେଇଥିଲେ।

ବାଲେଶ୍ୱରରେ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଡିଜିଟାଲ ବାଣିଜ୍ୟର ପ୍ରଶିକ୍ଷଣ

ବାଲେଶ୍ୱର,୧୧।୧୦ (ସମିସ) : ସ୍ଥାନୀୟ ଉତ୍ପାଦର ବଜାର ସମ୍ପ୍ରସାରଣ ଏବଂ ଡିଜିଟାଲ ମାଧ୍ୟମରେ ବିକ୍ରି ବୃଦ୍ଧି ଲକ୍ଷ୍ୟରେ ବାଲେଶ୍ୱର ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଶ୍ୱ ବାଣିଜ୍ୟ କେନ୍ଦ୍ର, ଭୁବନେଶ୍ୱର ଏବଂ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ମିଳିତ ଆନୁକୂଲ୍ୟରେ ଗତ ୯ ତାରିଖରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କ୍ଷୁଦ୍ର, ଅତିକ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଡିଜିଟାଲ ବାଣିଜ୍ୟ ସହ ଯୋଡ଼ିବା ଏବଂ ଖୋଲା ଡିଜିଟାଲ ବାଣିଜ୍ୟ ମଞ୍ଚ ମାଧ୍ୟମରେ ନୂଆ ବଜାରରେ ପ୍ରବେଶ କରିବା ସମ୍ପର୍କରେ ଉଦ୍ୟୋଗୀଙ୍କୁ ସଚେତନ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ବିଧାନସଭା ସଦସ୍ୟ ମନୋଜ ମୋହନ ସିଂହଙ୍କ ସମେତ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରର ବହୁ ଅଧିକାରୀ ଏବଂ ଉଦ୍ୟୋଗୀ ଯୋଗ ଦେଇଥିଲେ। ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମର ଭୁବନେଶ୍ୱରର ଆଞ୍ଚଳିକ ମହାପ୍ରବନ୍ଧକ ମନୋଜ ମୋହନ ସିଂହ, ଉପମହାପ୍ରବନ୍ଧକ କମଳ ଲୋଚନ ନାୟକ, ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକ ସଞ୍ଜୟ କୁମାର ଦାସ ଏବଂ ବିଶ୍ୱ ବାଣିଜ୍ୟ କେନ୍ଦ୍ରର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ଡିଜିଟାଲ ବାଣିଜ୍ୟ ମାଧ୍ୟମରେ କିପରି କ୍ଷୁଦ୍ର ବ୍ୟବସାୟୀ ନିଜ ଉତ୍ପାଦକୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚାଇପାରିବେ, ବ୍ୟବସାୟର ପରିସର ବଢ଼ାଇପାରିବେ ଏବଂ ନୂଆ ବଜାର ସହ ସମ୍ପର୍କ ସ୍ଥାପନ କରିପାରିବେ, ସେ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଯାଇଥିଲା। ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶିକା ଏ. ରାଜଲକ୍ଷ୍ମୀ କହିଥିଲେ ଯେ, ସରକାରୀ ପଦକ୍ଷେପ, ନୂତନ ପ୍ରଯୁକ୍ତିବିଦ୍ୟା ଓ ବଜାର ସୁଯୋଗର ସଠିକ୍ ଉପଯୋଗ ଦ୍ୱାରା କ୍ଷୁଦ୍ର ଉଦ୍ୟୋଗଗୁଡ଼ିକର ପ୍ରତିଯୋଗିତା କ୍ଷମତା ବୃଦ୍ଧି ପାଇପାରିବ।

ବାଲେଶ୍ୱରରୁ ଅଯୋଧ୍ୟା-ବାରଣାସୀ ଯିବେ ୮୦୦ ତୀର୍ଥଯାତ୍ରୀ

ବାଲେଶ୍ୱର, ୧୧।୧୦ (ସମିସ): ଗରିବ ଓ ଅବହେଳିତ ବରିଷ୍ଠ ନାଗରିକଙ୍କ ଆଧ୍ୟାତ୍ମିକ ଅଭିଳାଷା ପୂରଣ ଲକ୍ଷ୍ୟରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପରିଚାଳିତ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ଆସନ୍ତା ୧୨ ତାରିଖରୁ ତୀର୍ଥଯାତ୍ରା ଆରମ୍ଭ ହେବ ଏବଂ ସେମାନେ ୧୭ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ବାଲେଶ୍ୱର ରେଳ ଷ୍ଟେସନରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଅଯୋଧ୍ୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରିବ। ଏଥିରେ ଉତ୍ତର ଓଡ଼ିଶାର ୫ଟି ଜିଲ୍ଲାର ୭୭୫ ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ ଜଣ ଏସ୍କର୍ଟ ଅଧିକାରୀଙ୍କୁ ମିଶାଇ ମୋଟ ୮୦୦ ଜଣ ସାମିଲ ହେବେ। ଏ ନେଇ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସୂଚନା ଦେଇଛନ୍ତି। ଚଳିତ ବର୍ଷ ରାଜ୍ୟରୁ ୧୦ଟି ପର୍ଯ୍ୟାୟରେ ପ୍ରାୟ ୮ ହଜାର ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ତୀର୍ଥସ୍ଥଳ ପରିଦର୍ଶନ କରାଇବାର ଯୋଜନା ରହିଛି। ଏହି ପର୍ଯ୍ୟାୟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର ଓ କେନ୍ଦୁଝର ଜିଲ୍ଲାର ତୀର୍ଥଯାତ୍ରୀମାନେ ଯୋଗଦେବେ। ବାଲେଶ୍ୱରରୁ ୧୮୦ ଜଣ ତୀର୍ଥଯାତ୍ରୀ ଓ ୬ ଜଣ ଏସ୍କର୍ଟ ଅଧିକାରୀ, ଭଦ୍ରକରୁ ୧୧୭ ଜଣ ତୀର୍ଥଯାତ୍ରୀ ଓ ୪ ଜଣ ଅଧିକାରୀ, ମୟୂରଭଞ୍ଜରୁ ୧୯୬ ଜଣ ତୀର୍ଥଯାତ୍ରୀ ଓ ୬ ଜଣ ଅଧିକାରୀ, ଯାଜପୁରରୁ ୧୪୨ ଜଣ ତୀର୍ଥଯାତ୍ରୀ ଓ ୫ ଜଣ ଅଧିକାରୀ ଏବଂ କେନ୍ଦୁଝରରୁ ୧୪୦ ଜଣ ତୀର୍ଥଯାତ୍ରୀ ଓ ୪ ଜଣ ଅଧିକାରୀ ଏହି ଯାତ୍ରାରେ ସାମିଲ ହେବେ। ତୀର୍ଥଯାତ୍ରୀଙ୍କ ପାଇଁ ନିଜ ଗ୍ରାମରୁ ରେଳ ଷ୍ଟେସନ ପର୍ଯ୍ୟନ୍ତ ଯିବାଆସିବା ପରିବହନ, ଟ୍ରେନ୍‌ରେ ଯାତ୍ରା, ଖାଦ୍ୟପେୟ ଓ ଡାକ୍ତରୀ ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ଯୋଗାଇ ଦିଆଯିବ। ଏଥିସହ ଆଇଆରସିଟିସି ପକ୍ଷରୁ ଯାତ୍ରା ପରିଚାଳନା, ରାତ୍ରି ଜଗୁଆଳି, ପରିଦର୍ଶନ ଗାଇଡ୍, ଭ୍ରମଣ ବୀମା ଓ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା ରହିଛି। ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ, ଏହି ଯୋଜନା ଅଧୀନରେ ଏଯାବତ୍ ରାଜ୍ୟରେ ୫୪ଟି ପର୍ଯ୍ୟାୟରେ ପ୍ରାୟ ୪୮ ହଜାର ୭୫୫ ଜଣ ବରିଷ୍ଠ ନାଗରିକ ବିଭିନ୍ନ ପ୍ରମୁଖ ଧାର୍ମିକ ସ୍ଥଳ ପରିଦର୍ଶନ କରିସାରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଉପଜିଲ୍ଲାପାଳ ଶିବ ମାଳବ୍ୟ ଓ ଡିଆରଡିଏର ଏପିଡି ମଧୁସ୍ମିତା ସାମନ୍ତ ଉପସ୍ଥିତ ଥିଲେ।

'ଚାଲ ଖୁସି ବାଣ୍ଟିବା' କାର୍ଯ୍ୟକ୍ରମ

ବାଲେଶ୍ୱର,୧୧।୧୦(ସମିସ): ସହରର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ସଂଗଠନ ଭିଜନ ବାଲେଶ୍ୱରର ସ୍ଥାପନା ଦିବସ ଅବସରରେ "ଚାଲ ଖୁସି ବାଣ୍ଟିବା' ନାମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଷବା ଷ୍ଟ୍ରିଟ ବଣିଆ ମନ୍ଦିର ସ୍ଥିତ ପ୍ରୟାସ ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଅତିଥିଭାବେ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ ଯୋଗ ଦେଇ ଥିଲେ। ସଂଗଠନର ସମ୍ପାଦକ ଧିରେଜ୍ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କହିଥିଲେ। ବିଦ୍ୟାଳୟର ମୁଖ୍ୟ ପରିଚାଳକ ପୂର୍ଣ୍ଣଚନ୍ଦ୍ର ରାଉତ ନିଜର ମତ ରଖିଥିଲେ। ସଂଗଠନ ଉପଦେଷ୍ଟା କୁନାଲ ବେହେରା, ଅଜୟ ନାୟକ, ବିରଞ୍ଚି କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସୁଚାରୁ ରୂପେ ପରିଚାଳନା କରିଥିଲେ। କାର୍ଯ୍ୟନିର୍ବାହୀ ସଦସ୍ୟ ଅର୍ଦ୍ଧେନ୍ଦୁ ମିଶ୍ର ଧନ୍ୟବାଦ ଦେଇଥିଲେ।

କୁଳିଦାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ରାଜଘାଟ, ୧୧।୧୦ (ସମିସ)

ରାଜ୍ୟ ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଗାନ୍ଧୀ ଜୟନ୍ତୀରୁ ନଭେମ୍ବର ୯ ପର୍ଯ୍ୟନ୍ତ ଚାଲୁଥିବା ଜନସମ୍ପର୍କ ପଦଯାତ୍ରା ଆଜି ବସ୍ତା ବ୍ଲକ୍ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୪ ଟି ପଞ୍ଚାୟତକୁ ନେଇ କୁଳିଦା ପଞ୍ଚାୟତର ପଞ୍ଚୁରୁଖି ଠାରୁ ଗୁଡିଖାଳ ବଜାର ପର୍ଯ୍ୟନ୍ତ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରା ପରେ ଗୁଡିଖାଳ ବଜାର ଠାରେ ବସ୍ତା ବ୍ଲକ ସଭାପତି ମହାଦେବ ଦାସଙ୍କ ସଭାପତିତ୍ୱରେ ଜନସମ୍ପର୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। କୁଳିଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲା ପରିଷଦ ଉପ ସଭାନେତ୍ରୀ ଅନୁସୟା ପ୍ରଧାନ, ଜଳେଶ୍ୱର ବ୍ଲକ୍ ଅଧ୍ୟକ୍ଷ ମାନସ ଜେନା, ଜଳେଶ୍ୱର ମହିଳା ସଭାନେତ୍ରୀ ସୁବିନିତା ଦତ୍ତ, ବସ୍ତା ବ୍ଲକ୍ କାର୍ଯ୍ୟକାରୀ ସଭାପତି ଅନାଦି ଦାସ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ଜେନା, ବ୍ଲକ୍ ସମ୍ପାଦକ ସୁନିଲ୍ କୁମାର ସେନାପତି,୧୪ ନଂ ଜିଲ୍ଲା ପରିଷଦ ବିଷ୍ଣୁପ୍ରିୟା ବୁଗୁଡି, ପ୍ରାକ୍ତନ ମହିଳା ସଭାନେତ୍ରୀ ଲିପିକା ରାଉଳ, ଜିଲ୍ଲା ଉପସଭାପତି ପ୍ରଦୀପ ବେହେରା, ଜିଲ୍ଲା ସମ୍ପାଦକ ଯୋଗେନ୍ଦ୍ର ରାଜ, ଜିଲ୍ଲା ନେତ୍ରୀ ଦେବଜାନୀ ମହାନ୍ତି, ନଟାକଟା ସରପଞ୍ଚ ବନ୍ଦନା ସେଠୀ, ସାଧାରଣ ସମ୍ପାଦକ ତପନ କୁମାର ଦାସ ମହାପାତ୍ର, କୁଳିଦା ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ସେନାପତି, ପୁରୁଷୋତ୍ତମପୁର ସଭାପତି ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଦଳୀୟ ସଙ୍ଗଠନକୁ ମଜବୁତ କରିବା ଓ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ସମ୍ପର୍କରେ ଉପସ୍ଥିତ ସହସ୍ରାଧିକ କର୍ମୀ ଙ୍କୁ ଅବଗତ କରେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ଜୟକୃଷ୍ଣ ସେନାପତି, ଭେଲୋରା ସଭାପତି ଜଗନ୍ନାଥ ଜେନା,ସନ୍ତୋଷପୁର ସଭାପତି ସନ୍ତୋଷ ଦାସ ମହାପାତ୍ର, ନାବରା ସରପଞ୍ଚ ଡା. ନଗେନ୍ଦ୍ର ସିଂହ, ସିଂଲା ସଭାପତି ଜୟନ୍ତ ମିଶ୍ର, ପୁଟୁରା ସଭାପତି ସୁଦର୍ଶନ ଜେନା, ପାଉଁଶକୁଲି ସଭାପତି ଧିରେନ୍ଦ୍ର ସାହୁ, ସନ୍ତୋଷପୁର ସରପଞ୍ଚ ସଂଗ୍ରାମ ଦାସ ମହାପାତ୍ର,କରୁଆ ସରପଞ୍ଚ ଜୟନ୍ତ ରଣା, ରଘୁନାଥପୁର ସରପଞ୍ଚ ଅନନ୍ତ ବାରିକ, ତାଡଦାର ପ୍ରାକ୍ତନ ସରପଞ୍ଚ ଦିଲ୍ଲୀପ ଦତ୍ତଙ୍କ ସମେତ ୧୪ ପଞ୍ଚାୟତ ର ଶତାଧିକ କର୍ମୀ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର ଧନ୍ୟବାଦ ଦେଇଥିଲେ।

୩୯ ବର୍ଷରେ ଭଞ୍ଜପୁର ସାର୍ବଜନୀନ ଦୁର୍ଗାପୂଜା

ବାରିପଦା, ୧୧।୧୦(ସମିସ):

ବାରିପଦା ଭଞ୍ଜପୁର ସାର୍ବଜନୀନ ଦୁର୍ଗାପୂଜା ଏ ବର୍ଷ ୩୯ ବର୍ଷରେ ପଦାର୍ପଣ କରିଛି। ଶାନ୍ତିଶୃଙ୍ଖଳାରେ ପୂଜା ଆୟୋଜନ ପାଇଁ ନୂତନ କମିଟି ଗଠନ ହୋଇସାରିଛି। ପୂର୍ବତନ ମୋରଡ଼ା ବିଧାୟକ ରାଜକିଶୋର ଦାସ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ନିହାର ରଞ୍ଜନ ଦଣ୍ଡପାଟ ଓ ରବୀନ୍ଦ୍ର ପାଢ଼ୀଙ୍କୁ ଉପସଭାପତି ଦାୟିତ୍ୱ ଦିଆଯାଇଛି। ସେହିପରି ଦୀପକ ଦେ ସାଧାରଣ ସମ୍ପାଦକ, ପ୍ରସନ୍ନଜିତ ମହାନ୍ତି କୋଷାଧକ୍ଷ, ଅସିତ ପଟ୍ଟନାୟକ ଓ ମାନସ ଧଳ ସମ୍ପାଦକ, ସଭ୍ୟଦେୟ ଆଦାୟ ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ ହୋଇଛନ୍ତି।

ଦଶହରାରେ ଦହିପଖାଳ ଏଠି ସ୍ୱତନ୍ତ୍ର

ଆସନ୍ତା ୧୬ ତାରିଖରେ ମା'ଙ୍କର ଷଷ୍ଠୀ ପୂଜା ଆରମ୍ଭ ହୋଇ ୨୦ ତାରିଖ ଦଶମୀ ଯାଏଁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଚାଲିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦେ ସୂଚନା ଦେଇଛନ୍ତି। ମା'ଙ୍କ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ବାଲିଆପାଳ କାରିଗର ଗୋପାଳ ଗନ୍ତାୟତ ତାଙ୍କର ସହଯୋଗୀଙ୍କ ସହିତ ତୁଲାଉଛନ୍ତି। ସେମାନେ ଭଞ୍ଜପୁର ଜଗଦ୍ଧାତ୍ରୀ ପୂଜାର ସମସ୍ତ ମୂର୍ତ୍ତି ମଧ୍ୟ ଏହି କାରିଗର ସମ୍ପାଦନ କରିଥା'ନ୍ତି। ଗତବର୍ଷ ଭଳି ଦୀପଙ୍କର ମିଶ୍ର ଏଥର ମଧ୍ୟ ପୂଜା ଦାୟିତ୍ୱ ବହନ କରିବେ। ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯିବ। ତେବେ ଦଶହରା ଦିନ ଦହି ପଖାଳ ବଣ୍ଟନ ଏଠାରେ ସ୍ୱତନ୍ତ୍ର। ପୂର୍ବତନ ସମ୍ପାଦକ ସରୋଜ ମହାପାତ୍ର ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସର୍ବସାଧାରଣଙ୍କ ନିମନ୍ତେ ଦହି ପଖାଳ ପ୍ରସାଦ ସେବନ ଆୟୋଜନ କରିଆସୁଛନ୍ତି।

ସ୍ଥାନୀୟ ଜନସାଧାରଣଙ୍କ ଆବେଗକୁ ଲକ୍ଷ୍ୟ କରି ଦୀପକ ଦେ, ଅରୂପ ବେହେରା, ସମୀର ପାଣିଗ୍ରାହୀ ଓ ବାବୁ ଆଚାର୍ଯ୍ୟଙ୍କ ଉଦ୍ୟମରେ ଏଠାରେ ସାର୍ବଜନୀନ ପୂଜା ଆରମ୍ଭ ହୋଇଥିଲା। କୌଣସି ବାଧାବିଘ୍ନ ନ ଘଟି ଶାନ୍ତିଶୃଙ୍ଖଳାରେ ପୂଜା ପାଳନକୁ କମିଟି ପ୍ରାଥମିକତା ଦେଉଛି।

ଦୀପକ କୁମାର ଦେ (ସମ୍ପାଦକ)

ପୂଜା ବ୍ୟୟ ଅଟକଳ ୧୦ ଲକ୍ଷ ଟଙ୍କା ରହିଥିବାବେଳେ ମୂର୍ତ୍ତି ଓ ପ୍ରସାଦ ବଣ୍ଟନରେ ସିଂହଭାଗ ଖର୍ଚ୍ଚ ହୋଇଥାଏ। ମଣ୍ଡପରେ ପୂଜା ନୀତିନିଷ୍ଠାରେ ସମ୍ପାଦିତ ହେଉଥିବାରୁ ଭକ୍ତଙ୍କ ଗହଳି ଏଠାରେ ଲାଗି ରହେ। କମିଟି କର୍ମକର୍ତ୍ତା ଓ ୩୫୦ ଜଣ ସଦସ୍ୟଙ୍କୁ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ପ୍ରସନ୍ନଜିତ ମହାନ୍ତି (କୋଷାଧକ୍ଷ)

୮୨ ବର୍ଷରେ ତାଳପଦା ସାର୍ବଜନୀନ ଦୁର୍ଗାପୂଜା

- ମୂର୍ତ୍ତି ଓ କୁଞ୍ଜ ନିର୍ମାଣରେ ନିମଗ୍ନ କାରିଗର
- ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବ ମୟୂରଭଞ୍ଜ ରାଜାଙ୍କ ବେଲଗଡ଼ିଆ ଉଆସ

ବଡ଼ସାହି,୧୧।୧୦(ସମିସ): ଶାରଦୀୟ ଦୁର୍ଗାପୂଜା ପାଇଁ ବଡ଼ସାହି ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଲାଣି ବଡ଼ସାହି ବ୍ଲକ୍ ଅଧୀନ ତାଳପଦା ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ୬ ଦିନ ଧରି ଏହି ପୂଜାକୁ ଧୂମଧାମରେ ପାଳନ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। କାରିଗରଙ୍କ ସୁନ୍ଦର ମୂର୍ତ୍ତି ଓ କୁଞ୍ଜ ନିର୍ମାଣ ସହିତ ଆକର୍ଷଣୀୟ ଓ ଆଧୁନିକ କଟକୀ ଜରି ମେଢ ଓ ନିପୁଣ କଳାକୁଞ୍ଜ ସାଜସଜ୍ଜାର ଅଦ୍ଭୁତ ସଂଯୋଗ ଚଳିତ ବର୍ଷ ଏଠାରେ ଦେଖିବାକୁ ମିଳିବ। ସ୍ଥାନୀୟ କାରିଗରଙ୍କ ସହିତ ବଙ୍ଗାଳି କାରିଗରଙ୍କ ଯାଦୁଗରି ହାତରେ ତିଆରି ସଦୃଶ୍ୟ 'ମୟୂରଭଞ୍ଜ ରାଜ ପରିବାରର ବେଲଗଡିଆ ରାଜ ଉଆସ' ତୋରଣ ସହିତ ଆକର୍ଷଣୀୟ ଆଲୋକ ସଜ୍ଜା ସମସ୍ତଙ୍କର ମନ ମୋହିବ। ରାବଣ ପୋଡ଼ିରେ କମାଲ ଦେଖାଇବ ଆଧୁନିକ କଲିକତି ବାଣ। ମୃଣ୍ମୟୀ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବାକୁ ଶିଳ୍ପୀ ବ୍ୟସ୍ତ। ବ୍ୟୟବହୁଳ ତୋରଣ ସାଙ୍ଗକୁ ଆଲୋକ ସଜ୍ଜା, ମେଳା, ମୀନାବଜାର, ମିକି ମାଉସ, ଦୋଳି, ଭକ୍ତି ସଂଗୀତ ସହିତ ନୃତ୍ୟ ଅର୍ଘ, ଡ୍ୟାନ୍ସ ଧମାକା, ଝୁମର, ମେଲୋଡି 'ସାରେଗାମାପା'ର ପ୍ରଖ୍ୟାତ ସଂଗୀତଜ୍ଞ ଗୋବିନ୍ଦ ଚନ୍ଦ୍ର, 'ସଂଗୀତ ସୁରଭି'ର ସୁବାସ ଦାସ, ମେଲୋଡି 'ମ୍ୟୁଜିକ ମନ୍ଦିର'ଟି ସୋ÷ରୀ ଓ ସାଥୀ ଦ୍ୱାରା ସମାରୋହ ସପ୍ତମୀ ପାଖରୁ ପ୍ରତିଦିନ ସନ୍ଧ୍ୟାରେ ୬ଦିନ ଧରି ଏହି ପୂଜା ମହୋତ୍ସବକୁ ଉତ୍ସବମୁଖର କରିବ ବୋଲି ଜଣାଯାଇଛି। ତାଳପଦା ସାର୍ବଜନୀନ ଦୁର୍ଗାପୂଜା କମିଟି ଚଳିତବର୍ଷ ୮୨ବର୍ଷ ପାଳନ କରୁଥିବା ଜଣାଯାଇଛି। ସଂସ୍କୃତି, ପରମ୍ପରା ଓ ନୂତନତ୍ୱକୁ ଗୁରୁତ୍ୱ ଦେଇ କମିଟି ପକ୍ଷରୁ ଆୟୋଜନ ଜୋରସୋରରେ ଚାଲିଛି। ଏହି ପୂଜା ସତେ ଯେପରି ତାଳପଦା ଗ୍ରାମବାସୀଙ୍କ ପାଇଁ ଭାଇଚାରାର ପ୍ରତୀକ ଭାବେ ଅଞ୍ଚଳବାସୀଙ୍କୁ ବାର୍ତ୍ତା ଦେଇଆସୁଛି। ୧୯୪୪ରେ ତାଳପଦା, ସାମକୁଳା, ମାରକୁଣ୍ଡି, କେନ୍ଦୁଡ଼ିହା ଓ ପାଟପୁର ଅଞ୍ଚଳବାସୀଙ୍କୁ ନେଇ ତାଳପଦାରେ ଆରମ୍ଭ ହୋଇଥିଲା ଦୁର୍ଗାପୂଜା। ସ୍ୱର୍ଗତ ରାଧାମୋହନ ପାତ୍ର ଓ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଘଟ ସ୍ଥାପନ ପୂର୍ବକ ୭୫ ଟଙ୍କା ବ୍ୟୟ ଅଟକଳରେ ପୂଜା ଅନୁଷ୍ଠିତ ହୋଇଥିଲା। ୭୫ ଟଙ୍କାରୁ ଆରମ୍ଭ ହୋଇ ୮୨ ବର୍ଷରେ ପଦାର୍ପଣ କରିଥିବା ଏହି ପୂଜାକୁ ତାଳପଦା ଅଞ୍ଚଳବାସୀ ମହାଆଡ଼ମ୍ବରରେ ପାଳନ କରିଆସୁଛନ୍ତି। ପ୍ରତିବର୍ଷ ଆକର୍ଷଣୀୟ ତୋରଣ ଓ ଆଲୋକ ସାଜସଜ୍ଜା ପାଇଁ କମିଟି ପକ୍ଷରୁ ୧୫ ଲକ୍ଷ ପାଖାପାଖି ଟଙ୍କାର ବ୍ୟୟବରାଦ ରହି ଆସୁଥିବାବେଳେ ଚଳିତ ବର୍ଷ ୨୫ ଲକ୍ଷ ଟଙ୍କା ବ୍ୟୟବରାଦ ଥିବା

ଜଣାଯାଇଛି। ଚଳିତ ବର୍ଷ ଅକର୍ଷଣୀୟ ମା'ଙ୍କ ମୃଣ୍ମୟ ମୂର୍ତ୍ତି ସହିତ କୁଞ୍ଜରେ ତାଡକା ଓ ସୁଭଦ୍ରା ଯୋଜନାର ସଚେତନତାର ବାର୍ତ୍ତା ଦେଉଥିବା ମୂର୍ତ୍ତି ଶୋଭା ପାଇବ। ଏତଦବାଦ ମା'ଙ୍କ ପାଶ୍ୱର୍ମୂର୍ତ୍ତି ଭାବେ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ମୂର୍ତ୍ତି ମଧ ନିଖୁଣ ଭାବେ ତିଆରି ଚାଲିଛି। ମୁଖ୍ୟ କାରିଗରି ଗୋପାଳ ଗନ୍ତାୟତଙ୍କ ନେତୃତ୍ୱରେ କାରିଗରମାନେ ଶେଷ ସ୍ପର୍ଶ ଦେବାକୁ ଲାଗିପଡ଼ିଛନ୍ତି। ୧୭ ତାରିଖ ଷଷ୍ଠୀରେ ବିଲ୍ୱାଧିବାସ, ୧୮ ତାରିଖ ସପ୍ତମୀରେ ବିଲ୍ୱଗ୍ରହଣ, ଘଟ ଉତୋଳନ ଓ ନବ ପତ୍ରିକା ପ୍ରବେଶ, ୧୯ ତାରିଖ ଅଷ୍ଟମୀରେ ନିତ୍ୟ ପୂଜା, ସ୍ନାନ, ଉପଚାର, ଚଣ୍ଡିପାଠ, ହୋମ ଓ ସନ୍ଧିପୂଜା, ନବମୀରେ ମହାନବମୀ ଓ ନବ କୁମାରୀ ପୂଜା ଓ ଦଶମୀରେ ବିଜୟା ଦଶମୀ ପୂଜା ସହିତ ବଳୟ ଧାରଣ, ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଥିବା କମିଟି ସଭାପତି ଜଗନ୍ନାଥ ପାତ୍ର ପ୍ରକାଶ କରିଛନ୍ତି। ପୂଜା କମିଟି ସମ୍ପାଦକ ସତ୍ୟନାରାୟଣ ନାୟକ ଓ କୋଷାଧକ୍ଷ୍ୟ ଦୀପକ ପାତ୍ରଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଏଥିରେ ସହଯୋଗ କରୁଛନ୍ତି।

ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ଜିଲ୍ଲା ବାର୍ଷିକ ସମ୍ମିଳନୀ

ରାସଗୋବିନ୍ଦପୁର,୧୧।୧୦(ସମିସ): ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ମୟୂରଭଞ୍ଜ ଜିଲ୍ଲା ବାର୍ଷିକ ସମ୍ମିଳନୀ ମାଣିଦାସ୍ଥ ଶହୀଦ ମେମୋରିଆଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଶ୍ରୀଅରବିନ୍ଦ ଦର୍ଶନର ଅନୁଗାମୀ, ସାହିତ୍ୟପ୍ରେମୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପାଦପଦ୍ମରେ ପୁଷ୍ପ, ଧୂପ ଓ ଦୀପ ଅର୍ପଣ କରାଯାଇଥିଲା। ପରେ ତିନି ମିନିଟର ସମବେତ ନିରବ ଧ୍ୟାନ ଓ ସ୍ୱାଧ୍ୟାୟ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ରଣଜିତ ପରିଡ଼ା, କବି ରାମାୟଣ ଗିରି, ପବିତ୍ର ଭାଇ ଓ ଲକ୍ଷ୍ମଣ ମଣ୍ଡଳ ପ୍ରମୁଖ ଆଧ୍ୟାତ୍ମିକ କବିତା ଆବୃତ୍ତି କରିଥିଲେ। ବିଦ୍ୟାଳୟର ଅଧକ୍ଷ ଡ. ଦିଲ୍ଲୀପ କୁମାର ଭୋଇଙ୍କ ଅଧକ୍ଷତାରେ 'ଶ୍ରୀଅରବିନ୍ଦଙ୍କ ସାହିତ୍ୟର ମୂଳ ଉତ୍ସ ଆଧ୍ୟାତ୍ମିକତା' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ଡ. ଭୋଇ ଭିତ୍ତି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ମୁଖ୍ୟ ଆଲୋଚକ ପ୍ରଫେସର ଡ. ଭବେଶ ସାହୁ ଓ ସାଧକ କଳ୍ପତରୁ ପାତ୍ର ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଓ ଦର୍ଶନର ଆଧ୍ୟାତ୍ମିକ ଦିଗ ଉପରେ ଆଲୋକପାତ କରିଥିଲେ। ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଉନ୍ନତ ଜୀବନ ଓ ଅତିମାନସ ଯାତ୍ରାର ଏକ ଆଲୋକବର୍ତ୍ତିକା ବୋଲି ସେମାନେ ମତପ୍ରକାଶ କରିଥିଲେ। ଏହି ଆଲୋଚନାଚକ୍ରରେ ଉପସ୍ଥିତ ଶ୍ରୋତାମାନେ ମୁଖ୍ୟ ଆଲୋଚକ ଦ୍ୱୟଙ୍କ ଗଭୀର ଓ ଭାବଗମ୍ଭୀର ବକ୍ତବ୍ୟକୁ ଏକାଗ୍ରତାର ସହ ଶୁଣିଥିଲେ। ମୟୂରଭଞ୍ଜ ଜିଲ୍ଲା ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦର ଆବାହକ ଦୀପ୍ତି ମିଶ୍ର ସମ୍ମିଳନୀର ବିବରଣୀ ଉପସ୍ଥାପନ କରିଥିଲେ। ଏ ଅବସରରେ ଜିଲ୍ଲାର ମୁଖ୍ୟ ସଂଗଠକ ଗଣେଶ ପ୍ରସାଦ ମହାପାତ୍ର, ବରିଷ୍ଠ ସାଧକ ପ୍ରଫୁଲ୍ଲ ଚନ୍ଦ୍ର ମହାଲିକ, ଖରିଦ ଛକସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧକ୍ଷ ଶ୍ରୀକାନ୍ତ ସାର ଓ ଜୟନ୍ତୀ ସର୍ଦ୍ଦାର ପ୍ରମୁଖ ନିଜସ୍ୱ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ବିଶ୍ୱରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ବିଦ୍ୟାଳୟ ପରିସରରେ ଥିବା ଶ୍ରୀଅରବିନ୍ଦ ପାଠଚକ୍ରର ଅପାଭାଇ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଶରତ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

- ଗଙ୍ଗାହାର ନଦୀ ବନ୍ୟା ନିୟନ୍ତ୍ରଣ ପାଇଁ ବ୍ଲକ୍ ପ୍ରଶାସନର ସ୍ଥାୟୀ ଯୋଜନା

୧୧୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ

ବଡ଼ସାହି,୧୧।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ତହସିଲ ଅଧୀନ ଗଙ୍ଗାହାର ନଦୀରେ ବାରମ୍ବାର ଘଟୁଥିବା ବନ୍ୟା, ନଦୀକୂଳ କ୍ଷୟ ଓ ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବୃହତ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କରାଯାଇଛି। ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳ ଜିଲ୍ଲାପାଳଙ୍କ ନିକଟକୁ ଏହି ପ୍ରସ୍ତାବ ପଠାଇ ସ୍ଥାୟୀ ନଦୀବନ୍ଧ ନିର୍ମାଣ ନିମନ୍ତେ ଜଳସମ୍ପଦ ବିଭାଗ ଦ୍ୱାରା ଡିପିଆର ପ୍ରସ୍ତୁତ କରିବାକୁ ଅନୁରୋଧ କରିଛନ୍ତି। ଭୀମଦାରୁ ଗାଡ଼ିସାହି ପର୍ଯ୍ୟନ୍ତ ପ୍ରାୟ ୧୫ କିଲୋମିଟର ଦୈର୍ଘ୍ୟ ନଦୀର ଉଭୟ ପାଶ୍ୱର୍ରେ ସମୁଦାୟ ୩୦ କିଲୋମିଟର ପକ୍କା ବନ୍ଧ ନିର୍ମାଣ ଯୋଜନା କାର୍ଯ୍ୟକାରୀ ହେଲେ ଭୀମଦା, ଅର୍ଜ୍ଜୁନବାରିଆ, ମାନଗୋବିନ୍ଦପୁର, କୁଞ୍ଚିବଣିଆ, ଆଡ଼ିଆସାହି, ପାଟିସାରି, ଟିକାୟତପୁର, ଜଦିଦା, ନାରଣଗାଁ, ଶାଳଗାଁ ଓ ଗାଡ଼ିସାହି ଆଦି ଗ୍ରାମର ପ୍ରାୟ ୨,୫୦୦ କୃଷିଜୀବୀ ପରିବାର ଏହାଦ୍ୱାରା ବନ୍ୟା ଦାଉରୁ ରକ୍ଷା ପାଇବେ ବୋଲି ଜଣାଯାଇଛି। ଏହର ପ୍ରାଥମିକ ଆକଳନ ଅନୁଯାୟୀ ପ୍ରକଳ୍ପ ପାଇଁ ପ୍ରାୟ ୧୧୦ରୁ ୧୧୫ କୋଟି ପାଖାପାଖି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବନ୍ଧ ସୁଦୃଢ଼ୀକରଣ, ଦୁର୍ବଳ ସ୍ଥାନରେ ପଥର ପେଚିଂ ଓ ଗାବିଅନ୍ ବ୍ୟବସ୍ଥା, ବନ୍ୟା ଜଳ ନିଷ୍କାସନ ପାଇଁ ୧୨-୧୫ଟି ଫ୍ଲାପ୍-ଗେଟ୍ ଯୁକ୍ତ ସ୍ଲୁଇସ୍ ଓ ନଦୀ ପ୍ରବାହ ନିୟନ୍ତ୍ରଣ ପାଇଁ ସ୍ପର୍ ନିର୍ମାଣ ଆବଶ୍ୟକତା ରହିଛି। ନିର୍ମାଣ ଖର୍ଚ୍ଚ କମାଇବା ପାଇଁ ଦ୍ୱାରଶୁଣି ଘାଟି ଓ ଶିମିଳିପାଳ ଅଞ୍ଚଳରୁ ଉପଲବ୍ଧ ପଥର ବ୍ୟବହାର କରିବାକୁ ପ୍ରସ୍ତାବରେ ଉଲ୍ଲେଖ ରହିଛି। ଏହି ସ୍ଥାୟୀ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରତିବର୍ଷ ବାଲିବସ୍ତା ଓ ଅସ୍ଥାୟୀ ମରାମତିରେ ହେଉଥିବା ଅଯଥା ଖର୍ଚ୍ଚ ବନ୍ଦ ହେବା ସହ ହଜାର ହଜାର ଏକର ଚାଷଜମି ସୁରକ୍ଷିତ ରହିପାରିବା ସହିତ ବହୁ ଲୋକ, ଘରଦ୍ୱାର ଓ ଚାଷଜମି ସାରକ୍ଷିତ ରହିବ ବୋଲି ଜଣାଯାଇଛି।

ଖୁଣ୍ଟା ପୁଲିସ ପକ୍ଷରୁ ସାଇବର ସଚେତନତା

କୁଆମରା,୧୧।୧୦(ସମିସ): ଖୁଣ୍ଟା ଥାନା ପୁଲିସ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ସାଇବର ଅପରାଧ ବୃଦ୍ଧି ପାଉଥିବାବେଳେ ଏଥିପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ବିଭିନ୍ନ ସମୟରେ ଅଜଣା ନମ୍ବରରୁ ଓ କିଛି ପ୍ରଲୋଭନ ଦେଖାଇ ଓଟିପି ନେବା ଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏଥିରୁ ଦୂରେଇ ରହିବାକୁ କୁହାଯାଇଛି। ଶୁକ୍ରବାର ଖୁଣ୍ଟା ବାଳିକା ବିଦ୍ୟାଳୟ, ଖୁଣ୍ଟା ପିଏମ୍ଶ୍ରୀ ଉଚ୍ଚବିଦ୍ୟାଳୟ, ଡୁକୁରା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଖୁଣ୍ଟା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଶନିବାର ପୁରୁଣା ବାରିପଦା ବାଳିକା ଉଚ୍ଚବିଦ୍ୟାଳୟ, ସାଇଁକୁଳା କସ୍ତୁରବା ବାଳିକା ଉଚ୍ଚବିଦ୍ୟାଳୟ ଓ କୁଆମରା ବାଳିକା ଉଚ୍ଚବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂପୃକ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ଅଧକ୍ଷଙ୍କ ପୌରୋହିତ୍ୟରେ ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା, କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ବିକାଶ ପଣ୍ଡା ଓ ଅନ୍ୟ ପୁଲିସ କର୍ମଚାରୀ ଯୋଗଦେଇ ସଚେତନତା ବାର୍ତ୍ତା ଦେଇଥିଲେ।

ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

ପିଏମ୍ଶ୍ରୀ ଏମ୍କେସି ହାଇସ୍କୁଲ ପ୍ରଥମ

ବାରିପଦା, ୧୧।୧୦(ସମିସ): ସ୍ଥାନୀୟ ଲେଡି ହାମିଲଟନ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଉକ୍ତ ପ୍ରତିଯୋଗିତାରେ ଜିଲ୍ଲାର ୮ଟି ବ୍ଲକ୍ ବିଦ୍ୟାଳୟର କୃତୀ ପ୍ରତିଯୋଗୀ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ବିଚାରକ ଭାବେ ଜ୍ଞାନରଞ୍ଜନ ପଣ୍ଡା, ମନୋଜ ଦଳବେହେରା ଓ ଅନଦା ଶଙ୍କର ଦାସ ଯୋଗଦେଇ କୃତୀ ପ୍ରତିଯୋଗୀ ଚୟନ କରିଥିଲେ। ପ୍ରତିଯୋଗିତାରେ ପିଏମ୍ଶ୍ରୀ ଏମ୍କେସି ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ରାଇକମାସ୍ଥ ରଘୁନାଥ ହାଇସ୍କୁଲ ଦ୍ୱିତୀୟ, ଲେଡୀ ହାମିଲଟନ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ପିଏମ୍ଶ୍ରୀ ଏମ୍କେସି ହାଇସ୍କୁଲ ଆଗାମୀ ଦିନରେ ବାରିପଦାରେ ହେବାକୁ ଥିବା ଜୋନ୍ସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମନୋଜ ପାତ୍ର, ଭୀଷ୍ମଦେବ ମହାନ୍ତ, ଅଜିତ ମହାନ୍ତି, ମନୋଜ ପରିଡ଼ା, ବସନ୍ତ ଦତ୍ତ ଓ ଅତସୀ କୁଣ୍ଡୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ନୟନ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

ଏଆଇ ଦକ୍ଷତା ବିକାଶ ପାଇଁ ଏମ୍ଏସ୍ସିବି ବିଶ୍ୱବିଦ୍ୟାଳୟର ଏମଓୟୁ ସ୍ୱାକ୍ଷର

ବାରିପଦା, ୧୧।୧୦(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଯୁକ୍ତିବିଦ୍ୟା-ଆଧାରିତ ଦକ୍ଷତା ବିକାଶ ତଥା ନବସୃଜନକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଭବିଷ୍ୟତ-ଉପଯୋଗୀ ଶିକ୍ଷା ଓ ଦକ୍ଷତା ବିକାଶ ଲକ୍ଷ୍ୟରେ "ଏଆଇ ସ୍କିଲ୍ସ ସ୍କୁଲ' ଅଧୀନରେ କାର୍ଯ୍ୟରତ 'ଆପନାଇ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍' ଓ 'ଏଡୁଭର୍ସ ଫ୍ୟୁଚର ସ୍କିଲ୍ସ ପ୍ରାଇଭେଟ୍ ଲିମିଟେଡ୍' ସହ ଏହି ଚୁକ୍ତି ସମ୍ପାଦିତ ହୋଇଛି। ଏହି ସହଭାଗୀତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କୁ ଶିଳ୍ପ ଉପଯୋଗୀ ତଥା ପ୍ରକଳ୍ପଭିତ୍ତିକ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଆଧୁନିକ ବୈଷୟିକ ଦକ୍ଷତା ଶିକ୍ଷା ପ୍ରଦାନ କରିବା। ଏହାଦ୍ୱାରା ଛାତ୍ରଛାତ୍ରୀ ବାସ୍ତବ ପ୍ରକଳ୍ପ ଉପରେ କାର୍ଯ୍ୟ କରିବା, ପରୀକ୍ଷଣ କରିବା, ନିଯୁକ୍ତି ବଜାରର ଚାହିଦା ଅନୁଯାୟୀ ନିଜ ବ୍ୟବହାରିକ ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ସୁଯୋଗ ପାଇବେ। ଏ ଅବସରରେ କେପିଏମଜି ଗ୍ରୁପ୍ ସହ ସମ୍ଭାବ୍ୟ ସହଯୋଗରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ 'ସେଣ୍ଟର୍ ଅଫ୍ ଏକ୍ସଲେନ୍ସ ଇନ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' (କୃତ୍ରିମ ବୁଦ୍ଧିମତ୍ତା ଉତ୍କର୍ଷ କେନ୍ଦ୍ର) ପ୍ରତିଷ୍ଠା ନେଇ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତାବିତ କେନ୍ଦ୍ରଟି ଏଆଇ-ଆଧାରିତ ଗବେଷଣା, ନବସୃଜନ ଓ ଶିଳ୍ପ-ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ପ୍ରମୁଖ ମଞ୍ଚ ହେବ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ଗ୍ରହଣ କରାଯାଇଥିବା ଏହି ପଦକ୍ଷେପ ଶିକ୍ଷାନୁଷ୍ଠାନକୁ ଏଆଇ ଆଧାରିତ ଗବେଷଣା ଓ ଉନ୍ନତ ଦକ୍ଷତା ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ଗଢ଼ି ତୋଳିବାରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଛି।

- ଜିଲ୍ଲା ପ୍ରଶାସନର ଆର୍ଥିକ ସହାୟତା ପ୍ରଦାନ ପ୍ରକ୍ରିୟା ଆରମ୍ଭ

ପ୍ରଥମ ପର୍ଯ୍ୟାୟରେ ୩୭ଟି ଦୁର୍ଗାପୂଜା କମିଟିକୁ ୨୫.୩୩ ଲକ୍ଷ ଟଙ୍କା ଅନୁଦାନ

ବାରିପଦା, ୧୧।୧୦(ସମିସ): ଆଗାମୀ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ପୂଜା କମିଟିଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ମୋଟ ୩୭ଟି ଦୁର୍ଗାପୂଜା ମେଢ଼ ପାଇଁ ୨୫ ଲକ୍ଷ ୩୩ ହଜାର ଟଙ୍କାର ସହାୟତା ରାଶି ମଞ୍ଜୁର କରାଯାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷଙ୍କ ନିର୍ଦ୍ଦେଶକ୍ରମେ ଏହି ଅନୁଦାନ ରାଶି ଇ-ଟ୍ରାନ୍ସଫର ମାଧ୍ୟମରେ ସିଧାସଳଖ ସମ୍ପୃକ୍ତ ପୂଜା କମିଟି ବ୍ୟାଙ୍କ ଖାତାକୁ ପଠାଯାଇଛି। ଏ ନେଇ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ବାରିପଦା ମୁଖ୍ୟ ଶାଖା ପ୍ରବନ୍ଧକଙ୍କୁ ଆବଶ୍ୟକୀୟ ଅର୍ଥ ହସ୍ତାନ୍ତର ନିମନ୍ତେ ପତ୍ର ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଜିଲ୍ଲାର ସମସ୍ତ ବିଡିଓଙ୍କୁ ମଧ୍ୟ ଏ ସମ୍ପର୍କରେ ଅବଗତ କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପୌରାଞ୍ଚଳ ବଡ଼ସାହି, ବହଳଦା, ଜାମଦା, ଯଶିପୁର, କୁସୁମୀ, ମୋରଡ଼ା, ରାଇରଙ୍ଗପୁର, ସାରସକଣା, ଶୁକ୍ଳି, କପ୍ତିପଦା, କୁଳିଅଣା ସମେତ ବାରିପଦା, ରାଇରଙ୍ଗପୁର, କରଞ୍ଜିଆ ଓ ଉଦଳା ପୌର/ଏନଏସି ଅଞ୍ଚଳର ପୂଜା ମଣ୍ଡପକୁ ପ୍ରଥମ ପର୍ଯ୍ୟାୟରେ ଅନୁଦାନ ମିଳିଛି। ପୂଜା କମିଟିର ବର୍ଗୀକରଣ ଅନୁଯାୟୀ ୭୬ରୁ ୧୦୦ ବର୍ଷ ୮ଟି ପୂଜା କମିଟିକୁ ସର୍ବାଧିକ ୧ ଲକ୍ଷ ୧ ହଜାର ଟଙ୍କା ପ୍ରଦାନ କରାଯାଇଥିବାବେଳେ ୫୧ରୁ ୭୫ ବର୍ଷର ୧୧ଟି କମିଟିକୁ ୭୫ ହଜାର ଓ ୫୦ ବର୍ଷ ବା ତଦୁର୍ଦ୍ଧ ବର୍ଷର ୧୮ଟି କମିଟିକୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପ୍ରଶାସନର ଏହି ପଦକ୍ଷେପ ଫଳରେ ଜିଲ୍ଲାରେ ପୂଜା କମିଟି ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି।

- କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରସଂସଦ ନିର୍ବାଚନ

ମଇଦାନରେ ୧୯ ପ୍ରାର୍ଥୀ, ପ୍ରଚାର ଜୋର୍ଦାର

କରଞ୍ଜିଆ: ୧୧।୧୦(ସମିସ): କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ନିର୍ବାଚନର ବିଭିନ୍ନ ପଦପଦବୀ ପାଇଁ ୨୭ ଜଣ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ଯାଞ୍ଚ ପରେ ୧୯ ଜଣଙ୍କ ପ୍ରାର୍ଥିପତ୍ର ବୈଧ ଘୋଷିତ ହୋଇଛି। ଏବେ କ୍ୟାମ୍ପସ୍ ଓ ଘରକୁ ଯାଇ ପ୍ରାର୍ଥୀ ନିଜ ପ୍ରତି ସମର୍ଥନ ଯୋଗାଡ଼ରେ ଲାଗିଛନ୍ତି। ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ନାମାଙ୍କନପତ୍ର ଦାଖଲ ଓ ଯାଞ୍ଚ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଅଧ୍ୟାପକ ଡ. ଅବନୀକାନ୍ତ ଦାସ, ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ଅଧ୍ୟାପକ ଚିନ୍ତାମଣି ଶତପଥୀ ନିର୍ବାଚନ ପରିଚାଳନା ଦାୟିତ୍ୱ ତୁଲାଉଛନ୍ତି। ସଭାପତି ପଦ ପାଇଁ ଓମ୍ ପ୍ରକାଶ ସେଠୀ ଓ ସଞ୍ଜୟ ଦେଓଗାଁଙ୍କ ପ୍ରାର୍ଥିପତ୍ର ବୈଧ ରହିଛି। ଉପସଭାପତି ପଦ ପାଇଁ ସୁହାନୀ ସାହା, ସୁରେନ୍ଦ୍ର ନାଥ ମୁଣ୍ଡା ଓ ସୁଜିତ କୁମାର ପ୍ରଧାନଙ୍କ ପ୍ରାର୍ଥିପତ୍ର କାୟମ ରହିଛି। ସେହିପରି ସାଧାରଣ ସମ୍ପାଦକ ପଦ ପାଇଁ ସତ୍ୟବ୍ରତ ମାଝୀ ଓ ବିଜୟୀ ନିବାରିକ, ସହକାରୀ ସାଧାରଣ ସମ୍ପାଦକ ପଦ ପାଇଁ ଦିବ୍ୟରଞ୍ଜନ ସାହୁ ଓ ପଙ୍କଜ କୁମାର ବେହେରାଙ୍କ ପ୍ରାର୍ଥିପତ୍ର ବୈଧ ଘୋଷିତ ହୋଇଛି। ସମ୍ପାଦକ ପଦ ପାଇଁ ଦୁର୍ଗାଚରଣ ମାଝୀ ଓ ଜଗଦେବ ଚାତରଙ୍କ ପ୍ରାର୍ଥିପତ୍ର ମଧ୍ୟ ବୈଧ ରହିଛି। ସହକାରୀ ସମ୍ପାଦକ ପଦ ପାଇଁ ବର୍ଷାରାଣୀ ଗିରି, ମମତା, ରାଜେଶ ବେହେରା ଓ ଦୀପକ ମୁଣ୍ଡାଙ୍କ ପ୍ରାର୍ଥିପତ୍ର କାଏମ ଅଛି।

ତିଖିଆରେ କ୍ଲଷ୍ଟରସ୍ତରୀୟ 'ସୁରଭି' ଉଦ୍ଯାପିତ

ରାଇରଙ୍ଗପୁର, ୧୧।୧୦(ସମିସ): ବହଳଦା ବ୍ଲକ ଅନ୍ତର୍ଗତ ତିଖିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬' ଉଦ୍ଯାପିତ ହୋଇଯାଇଛି। ସିଆରସିସି ଉପେନ୍ଦ୍ର ନାଥ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଁଳାଯୋଡ଼ି ସରପଞ୍ଚ ସଲମା ମାଝୀ ମୁଖ୍ୟଅତିଥି, ବହଳଦା ଏବିଇଓ ସୁଜାତା କରମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏ ଅବସରରେ କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ବିତର୍କ, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ ଓ ସୃଜନଶୀଳ କଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରକିଶୋର ମହାପାତ୍ର, ଏସ୍ଏମ୍ସି ସଭାପତି ଅଜୁ ମହାନ୍ତ, ସିଆରସିସି ଶିବ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଜଗନ୍ନାଥ ପାତ୍ର ଓ ଶିକ୍ଷୟିତ୍ରୀ ବବିତା ଦାସ ମଞ୍ଚ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଠପ୍ ହେଲା ଗିଦିଘାଟୀ ପଞ୍ଚାୟତର ବିକାଶ କାମ

ଜିଲ୍ଲାପାଳଙ୍କ ଆଦେଶ ଅବମାନନା ଅଭିଯୋଗ

ରାଇରଙ୍ଗପୁର, ୧୧।୧୦ (ସମିସ):

ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଠିକାଦାରଙ୍କ ବକେୟା ବିଲ୍ ପୈଠ ନ ହେବାକୁ ନେଇ ବହଳଦା ବିଡିଓ ଶରତ କୁମାର ମଲ୍ଲିକଙ୍କ ବିରୋଧରେ ଆଦେଶ ଅବମାନନା ଅଭିଯୋଗ ଉଠିଛି। ଏହାର ପ୍ରତିବାଦରେ ସମ୍ପୃକ୍ତ ଠିକାଦାର ବିଡିଓ ଓ ସହକାରୀ ଯନ୍ତ୍ରୀଙ୍କୁ ଚେତାବନୀ ଦେଇ ପଞ୍ଚାୟତର ସମସ୍ତ ଉନ୍ନୟନ କାମ ବନ୍ଦ କରିଦେଇଥିବାରୁ ଏବେ ଗିଦିଘାଟୀ ପଞ୍ଚାୟତରେ ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି। ସୂଚନା ମୁତାବକ, ଗିଦିଘାଟୀ ପଞ୍ଚାୟତର ମହୁଲଦୁମା ଗ୍ରାମରେ "ଲକ୍ଷ୍ମୀପୂଜା ମଣ୍ଡପ' ଗୋଷ୍ଠୀକେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ଠିକାଦାରଙ୍କ ୪ ଲକ୍ଷ ୭୦ ହଜାର ୭୭୧ ଟଙ୍କାର ପ୍ରାପ୍ୟ ବିଲ୍ ପୈଠ ହୋଇପାରିନାହିଁ।



ଏ ନେଇ ଠିକାଦାର ନାରାୟଣ ମହାନ୍ତି ଓ ମନୋରଞ୍ଜନ ମହାନ୍ତି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରର ଦ୍ୱାରସ୍ଥ ହୋଇଥିଲେ। ଗତ ଅଗଷ୍ଟ ମାସରେ ଅଭିଯୋଗର ଶୁଣାଣି କରି ଜିଲ୍ଲାପାଳ ୭ ଦିନ ମଧ୍ୟରେ ବକେୟା ଟଙ୍କା ପୈଠ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଧାର୍ଯ୍ୟ ସମୟ ସୀମା ବିତିଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ବିଲ୍ ଅର୍ଥ ପ୍ରଦାନ କରାଯାଇନାହିଁ। ଅନ୍ୟପକ୍ଷରେ ଘଟଣାକୁ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମାମଲା କେବଳ ତଦନ୍ତ ଓ ନିର୍ଦ୍ଦେଶନାମା ମଧ୍ୟରେ ସୀମିତ ରହିଛି। ଏହି ଅର୍ଥ ହେରଫେର ଘଟଣାରେ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ବେଦଙ୍କ ବ୍ୟାଙ୍କ ଖାତା ସିଜ୍ କରିବାକୁ ଆଦେଶ ହୋଇଥିଲା। ମାତ୍ର କନିଷ୍ଠ ଯନ୍ତ୍ରୀ ବଡ଼ସାହି ବ୍ଲକକୁ ବଦଳି ହୋଇଯାଇଥିବା ଦର୍ଶାଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ବାସ୍ତବରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ବେଦ ଏବେ ବି ବହଳଦା ବ୍ଲକରେ କାର୍ଯ୍ୟରତ ଥିବା ଜଣାପଡ଼ିଛି। ପ୍ରଶାସନିକ ଉଦାସୀନତା ଓ ଜିଲ୍ଲାପାଳଙ୍କ ଆଦେଶ କାର୍ଯ୍ୟକାରୀ ନ ହେବା ଫଳରେ ଗ୍ରାମାଞ୍ଚଳରେ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

ବହଳଦା ଅଞ୍ଚଳରେ ଡକାୟତି ଯୋଜନା ପଣ୍ଡ

ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସମେତ ୯ ଗିରଫ, ବନ୍ଧୁକ ଓ କାର୍ ଜବତ

ରାଇରଙ୍ଗପୁର,୧୧।୧୦(ସମିସ)

ଆଗାମୀ ପାର୍ବଣ ଋତୁ ପୂର୍ବରୁ ରାଇରଙ୍ଗପୁର ପୁଲିସ ଜିଲ୍ଲାକୁ ବଡ଼ ସଫଳତା ମିଳିଛି। ବହଳଦା ଥାନା ଅଞ୍ଚଳରେ ଏକ ବଡ଼ଧରଣର ଡକାୟତି ଯୋଜନାକୁ ପୁଲିସ ପଣ୍ଡ କରିବା ସହ ୯ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଏକାଧିକ ସଙ୍ଗିନ ମାମଲାରେ ସମ୍ପୃକ୍ତ ଥିବା ଦୁର୍ଦ୍ଦାନ୍ତ ଅପରାଧୀ ରହିଛନ୍ତି। ରବିବାର ରାଇରଙ୍ଗପୁର ଟାଉନ ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ସୁରେଶ ଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଗତ ୧୦ ତାରିଖ ବିଳମ୍ବିତ ରାତିରେ ବହଳଦା ଓ ଗମ୍ଭାରିଆ ଅଞ୍ଚଳରେ ଡକାୟତି କରିବା ଉଦ୍ଦେଶ୍ୟରେ ଗମ୍ଭାରିଆ ରାବଣ ପୋଡ଼ି ପଡ଼ିଆ ନିକଟରେ କିଛି ଦୁର୍ବୃତ୍ତ ଏକତ୍ରିତ ହୋଇଥିଲେ। ବାଲେଶ୍ୱର ଡିଆଇଜି ଓ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବହଳଦା ଆଇଆଇସି ଭାସ୍କର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଚଢ଼ଉ କରି ଘଟଣାସ୍ଥଳରୁ ୭ ଜଣଙ୍କୁ କାବୁ କରିଥିଲା। ସେହିପରି ଅନ୍ୟଏକ ଚଢ଼ଉରେ ଏସଆଇ ଅନନ୍ତ ଦାସଙ୍କ ଟିମ୍ ପୂର୍ବ ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ ଲୋକୁ ଓରଫ୍ ସେକ୍ ରାଜାଉଦ୍ଦିନକୁ ବନ୍ଧୁକ ସହ କାବୁ କରିଥିଲା। ଗିରଫ ଅନ୍ୟ ଅଭିଯୁକ୍ତ ଜଗା ଓରଫ୍ ଜଗତଜିତ ମହାନ୍ତ, ଘାଗର ଓରଫ୍ ସେକ୍ ସଫରୁଦ୍ଦିନ, ରାଜା ବେହେରା, ଜୟୀ ସିଟ୍, ସେକ୍ ଅଜମଲ, ସେକ୍ ୱାହିଦ ଓ ମହମ୍ମଦ ଅରବାଜ ସାଇ। ଏଥିସହ ଅନ୍ୟ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଏମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଡକାୟତି, ଚୋରି ଓ ପୋକ୍ସୋ ଭଳି ବହୁ ସଙ୍ଗିନ ମାମଲା ରହିଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଜୀବନ୍ତ ଗୁଳି, ୨ଟି ଲୁହା ଖଣ୍ଡା, ୩ଟି ଲୁହା ରଡ୍, ଏକ ଏର୍ଟିଗା କାର୍, ୭ଟି ମୋବାଇଲ୍ ଫୋନ୍, ଲଙ୍କା ଗୁଣ୍ଡ ଓ ନଗଦ ୬,୫୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ବହଳଦା ଥାନାରେ ୧୮୦/୨୦୨୬ ଓ ୧୮୧/୨୦୨୬ରେ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ବିରେନ୍ଦ୍ର ସେନାପତିଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ଥିଲେ।

ଗଡ଼ିଲା ମା' ବିରଜାଙ୍କ ରଥ

ଯାଜପୁର,୧୧।୧୦(ସମିସ): ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ରଥଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି। ମା' ବିରଜାଙ୍କର ନବଦିବସୀୟ ରଥଯାତ୍ରା ପାଇଁ ଉତ୍ସବ ମୁଖର ସମଗ୍ର ଅଞ୍ଚଳ। ମୁଖ୍ୟ ପୁରୋଧା ହିମାଂଶୁ ପତିମିଶ୍ରଙ୍କ ତତ୍ତ୍ୱାବଧାନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ରଥ ପୂଜା ଆରମ୍ଭ ହେବା ପରେ ରଥ ପ୍ରତିଷ୍ଠା କରାଯାଇଥିଲା। ଏହାପରେ ମା'ଙ୍କ ଚଳନ୍ତି ପ୍ରତିମାଙ୍କୁ ରଥାରୁଢ଼ କରାଯାଇ ରଥ ଟଣା ଆରମ୍ଭ କରାଯାଇଥିଲା। ଆସନ୍ତାକାଲି ଠାରୁ ୮ ଦିନ ଯାଏ ପ୍ରତ୍ୟେହ ସନ୍ଧ୍ୟାରେ ରଥ ମନ୍ଦିରର ବେଢ଼ା ପରିକ୍ରମା କରିବ। ବିଶ୍ୱାସ ରହିଛି ଏହି ୯ ଦିନ ଧରି ଚାଲିଥିବା ପୂଜା ସମୟରେ ମା'ଙ୍କ ମୁଖ ଦର୍ଶନ କଲେ କୋଟି ଜନ୍ମର ପୂଣ୍ୟ ମିଳିଥାଏ। ରଥରେ ମା'ଙ୍କୁ ଦର୍ଶନ ଓ ରଥ ଟଣା ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଜମିଛି। ଭିଡକୁ ଲକ୍ଷ୍ୟ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମା' ବିରାଜାଙ୍କ ଶାରଦୀୟ ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ସାରିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଥିବା ମନ୍ଦିର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ କହିଛନ୍ତି।

ସାତକୋଶିଆ ଆଶ୍ରମ ବିଦ୍ୟାଳୟରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ

ମହୁଲଡିହା,୧୧।୧୦(ସମିସ): ୟୁନିସେଫ୍ ସହାୟତାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜୁଭେଣ୍ଟିକା ସାତକୋଶିଆ ଆଶ୍ରମ ବିଦ୍ୟାଳୟରେ ପୁଲିସ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମହିଳାଙ୍କ ବିରୋଧରେ ଅପରାଧ ଓ ବାଲ ବିଭାଗ, ସିଆଇଡି ଦ୍ୱାରା ଆୟୋଜିତ ହୋଇଥିଲା। ମହୁଲଡିହା ଥାନା ଆଇଆଇସି ବୀରେନ୍ଦ୍ର ରାଉତ, ଏଏସଆଇ ବିଜୟ ସାନ୍ତରା ପ୍ରମୁଖ ଯୋଗଦେଇ ବାଲ କିଶୋରୀଙ୍କୁ ବାଲ୍ୟ ବିବାହ, ଶିଶୁ ସୁରକ୍ଷା, ସାଇବର ଅପରାଧ, ଗୁଡ୍ ଟଚ୍ ବ୍ୟାଡ୍ ଟଚ୍ ଓ ୧୧୨/୧୦୯୮ ହେଲ୍‌ପଲାଇନ୍ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କନଷ୍ଟେବଲ ସୁଭାଷିନୀ ସେଠୀ, ରାମଚନ୍ଦ୍ର ହାଁସଦା, କୁଞ୍ଜବିହାରୀ ସୟ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏଏସଆଇ ଶ୍ରୀ ସାନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ।

ଯନ୍ତରମନ୍ତରରେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସ ଦମନର ପ୍ରତିବାଦ

ବାରିପଦା, ୧୧।୧୦(ସମିସ): ଗଣତନ୍ତ୍ର ହତ୍ୟାକାରୀ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପଦରୁ ବରଖାସ୍ତ ଦାବିରେ ଦିଲ୍ଲୀ ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଆସିଥିବା ଓ ଆସୁଥିବା ଯୁବ ଛାତ୍ର ଆନ୍ଦୋଳନକାରୀଙ୍କ ଉପରେ ଦିଲ୍ଲୀ ପୁଲିସର ଅମାନବୀୟ ଦମନଲୀଳା ବିରୋଧରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ପ୍ରତିବାଦ ସଭା ସାଥୀ ରଘୁନାଥ ପଣ୍ଡାଙ୍କ ସଭାପତିତ୍ୱରେ ବାରିପଦା ବସ୍‌ଷ୍ଟାଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ୧୦ ତାରିଖ ଶନିବାର ଶାନ୍ତିପୂର୍ଣ୍ଣ ଭାବେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରଦର୍ଶନ ସ୍ଥଳ ଯନ୍ତରମନ୍ତରରେ ପ୍ରତିବାଦ କରିବା ପାଇଁ ଯୁବ ଛାତ୍ର ପକ୍ଷରୁ ସମସ୍ତ ପ୍ରଚାର ପ୍ରସାର ଗଣମାଧ୍ୟମ ଜରିଆରେ କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସକୁ ଅବଗତ କରାଯାଇଥିଲା। ମାତ୍ର ସମସ୍ତ ସରକାରୀ କଳ ଓ ବଳ ଏହାକୁ ଭଣ୍ଡୁର କରିବା ପାଇଁ ତାଙ୍କର ସମସ୍ତ ପ୍ରକାରର ଫୋର୍ସକୁ ଦିଲ୍ଲୀରେ ମୁତୟନ କରି ଆସୁଥିବା ଯୁବ ଛାତ୍ର, ସାଧାରଣ ଜନତାଙ୍କୁ ଉଡାଜାହାଜ, ଟ୍ରେନ, ବସ୍ ଭିତରୁ, ଘରୁ ବାହାରକୁ ବାହାରୁଥିବା ଲୋକଙ୍କୁ ଟାଣି ଗିରଫ କରିବା ଘଟଣା ଜାତୀୟ ଓ ଆନ୍ତର୍ଜାତିକ ସ୍ତରକୁ ଦୋହଲାଇ ଦେଲାଣି। ଗୋଟିଏ ଦିନରେ ୧୭୦୦ରୁ ଉର୍ଦ୍ଧ୍ୱ ଅଘୋଷିତ ଜରୁରିକାଳୀନ ପରିସ୍ଥିତିର ଗିରଫଦାରୀ ୧୯୭୫ ଘୋଷିତ ଜରୁରିକାଳୀନ ସ୍ଥିତିଠାରୁ ଗମ୍ଭୀର। ଗଣତାନ୍ତ୍ରିକ ଆନ୍ଦୋଳନକୁ ଭଣ୍ଡୁର କରିବା ସହ ଦିଲ୍ଲୀ, ହରିୟାଣା, ୟୁପିରେ ସିଭିଲ ୱାର ସୃଷ୍ଟି କରାଗଲା। ତଥାପି ଆନ୍ଦୋଳନକାରୀ ଭୟଭୀତ ନ ହୋଇ ଆଗକୁ ମାଡ଼ି ଚାଲୁଛନ୍ତି। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଆଗକୁ ଏ ଆନ୍ଦୋଳନ ସର୍ବବୃହତ୍ ଆନ୍ଦୋଳନର ରୂପ ନେବାକୁ ଯାଉଥିବାବେଳେ ନୂଆ ଇତିହାସ ଲେଖିବାକୁ ଆଉ ବେଶୀ ସମୟ ନାହିଁ। ଏଭଳି ମାତ୍ରାଧିକ ଦମନଲୀଳାକୁ ଇଣ୍ଡିଆ ମେଣ୍ଟ ପକ୍ଷରୁ ଦୃଢ଼ ନିନ୍ଦା ସହ ପ୍ରତିବାଦ କରୁଛି। ଏଥିରେ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ପରମେଶ୍ୱର ମହାନ୍ତ, ସିପିଏମର ରବି ଗୋସ୍ୱାମୀ, କଂଗ୍ରେସର ଶାନ୍ତନୁ ପାଲ, ସୁନୀତା ନାୟକ, ଶିବାନନ୍ଦ ଦାସ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ଅଶୋକ ଭଞ୍ଜଦେଓ, ଗଙ୍ଗାଧର ସାମଲ, ସୁବାସ ଚନ୍ଦ୍ର ତ୍ରିପାଠୀ, ଦାଶରଥି ରାଉତ, ବସନ୍ତ ନାଏକ, ଶ୍ରୀକାନ୍ତ ମହାନ୍ତ, ବିଜୟ ମହାନ୍ତ, ତରୁଣ ମହାନ୍ତ, ମୁକେଶ ମହାନ୍ତ ପ୍ରମୁଖ ଉପସ୍ଥିତ ଥିବାବେଳେ ଶ୍ରୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

କେଶଦୁରାପାଳ ଯୁବକ ସଂଘ ଉଦ୍‌ଘାଟିତ

ଆନନ୍ଦପୁର, ୧୧।୧୦ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ କେଶଦୁରାପାଳ ଗ୍ରାମ ଯୁବକ ସଂଘର ନୂତନ ଗୃହ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ସରପଞ୍ଚ ମାନସୀ ମହାରଣାଙ୍କ ତତ୍ତ୍ୱାବଧାନରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ନୂଆ ଗୃହକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତସମିତି ଅଧକ୍ଷା ସୁଜାତା ସାହୁ ଓ ସମିତିସଭ୍ୟା କୁନ୍ତଳା ମହାରଣା ଯୋଗ ଦେଇଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

ସାନନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ 'ସୁରଭି' କାର୍ଯ୍ୟକ୍ରମ

କୁଳିଅଣା, ୧୧।୧୦ (ସମିସ): କୁଳିଅଣା ବ୍ଲକ ଅଧୀନ ମାରାଙ୍ଗତାଣ୍ଡି କ୍ଲଷ୍ଟରର ସିଆରସିସି ଶ୍ରୀକାନ୍ତ ବାରିକଙ୍କ ତତ୍ତ୍ୱାବଧାନରେ ସାନନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ବିଦ୍ୟାଳୟରୁ ୧୫୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ପ୍ରସଙ୍ଗ ଥିଲା ସମୃଦ୍ଧ ଭାଷା ସମୃଦ୍ଧ ଓଡ଼ିଶା ସନ୍ଦର୍ଭରେ ଅନ୍ତର୍ନିହିତ ଗୁଣାବଳୀର ବିକାଶ। ବରିଷ୍ଠ, କନିଷ୍ଠ ଓ ସହକନିଷ୍ଠ ବିଭାଗରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପ୍ରକାରର ୩୦ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ କାର୍ତ୍ତିକେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ପ୍ରଦୀପ ବାରିକ, କୁଆବୁଡ଼ା ସିଆରସିସି ରାକେଶ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ ଘୋଷ ଯୋଗଦେଇ ପ୍ରତିଟି ପ୍ରତିଯୋଗିତାର ୩ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ବିଶେଷକରି ସାଂସ୍କୃତିକ ପ୍ରତିଯୋଗିତାରେ ଡୁମୁରଡିହା ଉପ୍ରା ବିଦ୍ୟାଳୟର ଛାତ୍ରୀ ମନମୁଗ୍ଧ କର ଅଭିନୟ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୩୦ ଜଣ ଛାତ୍ରଛାତ୍ରୀ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରର ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକ ତାଲିକା
ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟର ଦୁଇ ଗବେଷକ

ବାରିପଦା, ୧୧।୧୦(ସମିସ): ଓଡ଼ିଶାର ଉଚ୍ଚଶିକ୍ଷା ତଥା ଗବେଷଣା କ୍ଷେତ୍ର ପାଇଁ ଏକ ଗୌରବମୟ ଉପଲବ୍ଧି ସ୍ୱରୂପ ବାରିପଦାସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟର ଦୁଇ ଗବେଷକ ଆନ୍ତର୍ଜାତିକ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଆମେରିକାର ପ୍ରତିଷ୍ଠିତ ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଏଲ୍‌ସେଭିୟର୍ ପକ୍ଷରୁ ପ୍ରକାଶିତ ୨୦୨୬ର ବିଶ୍ୱର ଶ୍ରେଷ୍ଠ ୨ ପ୍ରତିଶତ ବୈଜ୍ଞାନିକ ତାଲିକାରେ ଏହି ବିଶ୍ୱବିଦ୍ୟାଳୟର ପ୍ରଫେସର ସୁକାନ୍ତ କୁମାର ନାୟକ ଓ ଡ ଜନ୍ମେଞ୍ଜୟ ନାୟକ ସ୍ଥାନ ପାଇଛନ୍ତି।

ପ୍ରଫେସର ସୁକାନ୍ତ ନାୟକ ମତ୍ସ୍ୟ ସ୍ୱାସ୍ଥ୍ୟ ପରିଚାଳନା ଓ ଜଳଜ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଗବେଷଣା କରି ଆନ୍ତର୍ଜାତିକ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଡ. ଜନ୍ମେଞ୍ଜୟ ନାୟକ କମ୍ପ୍ୟୁଟର ବିଜ୍ଞାନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ଇଣ୍ଟରନେଟ୍ ଅଫ୍ ଥିଙ୍ଗସ (ଆଇଓଟି) ଓ ସାଇବର ସୁରକ୍ଷା କ୍ଷେତ୍ରରେ ଗବେଷଣା ଜାରି ରଖିଛନ୍ତି। ବିଶେଷକରି ସୂଚନା ସୁରକ୍ଷା ଓ ବୁଦ୍ଧିମତ୍ତାଭିତ୍ତିକ ପ୍ରଯୁକ୍ତି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ସେ ୨୦୨୩ରୁ କ୍ରମାଗତ ଭାବେ ଏହି ସମ୍ମାନଜନକ ତାଲିକାରେ ନିଜ ସ୍ଥାନ ବଜାୟ ରଖିଛନ୍ତି। ମାନକୀକୃତ ଉଦ୍ଧୃତି ସୂଚକାଙ୍କ ଓ ପୁସ୍ତକସୂଚୀଭିତ୍ତିକ ମାନଦଣ୍ଡ ଆଧାରରେ ପ୍ରସ୍ତୁତ ଏହି ତାଲିକାରେ ଗବେଷକଙ୍କ ସମଗ୍ର ଜୀବନବ୍ୟାପୀ ଅବଦାନ ଓ ନିର୍ଦ୍ଦିଷ୍ଟ ବର୍ଷର ଗବେଷଣା ପ୍ରଭାବକୁ ମୂଲ୍ୟାୟନ କରାଯାଇଥାଏ। ବିଶ୍ୱବିଦ୍ୟାଳୟର ଏହି ସଫଳତା ପାଇଁ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଉଭୟ ଗବେଷକଙ୍କୁ ଅଭିନନ୍ଦନ ଜଣାଇବା ସହ ଏହା ଶୈକ୍ଷିକ ଉତ୍କର୍ଷ ଓ ନୂତନ ଗବେଷଣା କ୍ଷେତ୍ରରେ ଛାତ୍ରଛାତ୍ରୀ ଓ ଅଧ୍ୟାପକଙ୍କୁ ଅନୁପ୍ରାଣିତ କରିବ ବୋଲି ପ୍ରକାଶ କରିଛନ୍ତି।

ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ପାଇଁ ଦୁଇ ଛାତ୍ରୀ ମନୋନୀତ

ଉଦଳା, ୧୧।୧୦(ସମିସ): ଉଦଳା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ଦୁଇ ଛାତ୍ରୀ ନିହାରିକା ଶଙ୍ଖୁଆ ଓ ଭାଗ୍ୟଶ୍ରୀ ମଲ୍ଲିକ। ଭଞ୍ଜପୁରସ୍ଥ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଯୋଗ ପ୍ରତିଯୋଗିତାରେ ଉଭୟ ଛାତ୍ରୀ ଅଂଶଗ୍ରହଣ କରି ଆସନ୍ତା ୨୨ ତାରିଖରେ ମାଲକାନଗିରିରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଏହି ସଫଳତା ଅନ୍ୟ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଯୋଗ ଓ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ। ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ଛାତ୍ରୀ ଦ୍ୱୟଙ୍କୁ ଅଭିନନ୍ଦନ ଜଣାଇବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ବିଦ୍ୟାଳୟ ଓ ଜିଲ୍ଲା ପାଇଁ ଗୌରବ ଆଣିବା ନିମନ୍ତେ ଶୁଭକାମନା ଜଣାଇଛନ୍ତି।

ଜୁଆ ଆଡ୍ଡା ଉପରେ ପୁଲିସର ଚଢ଼ଉ

ମହୁଲଡିହା,୧୧।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଥାନା ଅନ୍ତର୍ଗତ ଜାମୁନଣ୍ଡା ସାପ୍ତାହିକ ହାଟରେ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୪ ଜଣକୁ ଅଟକ ରଖି ପଚରାଉଚରା କରୁଛି ପୁଲିସ। ବିଶେଷ ସୂତ୍ରରୁ ଖବର ପାଇ ମହୁଲଡିହା ଥାନାଧିକାରୀ ବିରେନ୍ଦ୍ର ରାଉତ ଓ ଏଏସଆଇ ବିଜୟକୃଷ୍ଣ ସାନ୍ତରା ପୁଲିସ ଟିମ୍ ସହ ମିଳିତ ଭାବେ ଚଢ଼ଉ କରିଥିଲେ। ଏଠାରୁ ଆନନ୍ଦପୁର ଥାନା ଜଞ୍ଜାଳି ଗ୍ରାମର ଧନଞ୍ଜୟ ମହାନ୍ତ, ଗୟଳମୁଣ୍ଡା ଗ୍ରାମର ମାନଗୋବିନ୍ଦ ଦିଗାଲ, ମହୁଲଡିହା ଥାନା ବାଗଦଫା ଗ୍ରାମର ଡୁରି ହୋ, ଚିଆଁବେଡାର ରଙ୍ଗିଲା ଜାମୁଦାଙ୍କୁ ପୁଲିସ ଧରିଛି। ସେମାନଙ୍କ ନିକଟରୁ ୧୨୩୦ ଟଙ୍କା ସହିତ ଡାଲା, ଗୋଟି, ପାଲ ଜବତ କରାଯାଇଛି।

ରୋଟାରୀ କ୍ଲବ ପକ୍ଷରୁ ଶିକ୍ଷକଙ୍କୁ ଜାତୀୟ ନିର୍ମାତା ପୁରସ୍କାର

କପ୍ତିପଦା,୧୧।୧୦(ସମିସ): ଅନ୍ୟବର୍ଷ ଭଳି ଏ ବର୍ଷ ମଧ୍ୟ ରୋଟାରୀ କ୍ଲବ୍ ପକ୍ଷରୁ ସଫଳ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଛି। ରୋଟାରୀ କ୍ଲବ୍ ଅଡିଟୋରିୟମରେ ମନୋରମ ପରିବେଶରେ କପ୍ତିପଦା ବ୍ଲକ ପକ୍ଷରୁ ମାଧ୍ୟମିକ ସ୍ତରରେ କପ୍ତିପଦା ଉଚ୍ଚବିଦ୍ୟାଳୟରୁ ପ୍ରଧାନଶିକ୍ଷକ ସିଂରାୟ ସୋରେନ, ରାଧାକୃଷ୍ଣ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଖପରାପାଳର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରମିଳା ମହାନ୍ତି, ସରକାରୀ ପ୍ରାଥମିକ ବିଦ୍ୟାଳୟ ବାରାଗଡିଆର ସହକାରୀ ଶିକ୍ଷକ ଭାଗବତ ସେନାପତିଙ୍କୁ ଜାତୀୟ ନିର୍ମାତା ପୁରସ୍କାର ପ୍ରଦାନ କରାଯାଇଛି। ରୋଟାରୀ କ୍ଲବ ସଭାପତି ଅଜୟ ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସମ୍ପାଦିକା ଶ୍ରୀମତୀ ରାଜଲକ୍ଷ୍ମୀ ମହାନ୍ତି ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ. ଦିଲ୍ଲୀପ ଦୀକ୍ଷିତ ଯୋଗ ଦେଇଥିଲାବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା ଯୋଗଦେଇଥିଲେ। ସଭ୍ୟ ସୁଦର୍ଶନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଗୋଟିଏ ରାତିରେ ଦୁଇ ଗାଁରୁ ୧୭ରୁ ଉର୍ଦ୍ଧ୍ୱ ଛେଳି ଚୋରି

ବେତନଟୀ, ୧୧।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ଏକ ସଂଗଠିତ ଛେଳି ଚୋର ଗ୍ୟାଙ୍ଗ ସକ୍ରିୟ ହୋଇଉଠିଛି। ଦାମୀ ଚାରିଚକିଆ ଯାନରେ ଆସି ରାତିର ଅନ୍ଧାରରେ ଗରିବ ଚାଷୀଙ୍କ ଗୁହାଳରୁ ଛେଳି ଲୁଟି ନେଉଥିବା ଅଭିଯୋଗ ହୋଇଛି। ଶନିବାର ବିଳମ୍ବିତ ରାତିରେ ମାତ୍ର କିଛି ଘଣ୍ଟା ମଧ୍ୟରେ ଦୁଇଟି ପୃଥକ ଗ୍ରାମରୁ ୧୭ରୁ ଅଧିକ ଛେଳି ଚୋରି ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ପୁଲିସର ରାତ୍ରକାଳୀନ ପାଟ୍ରୋଲିଂ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବୈଶିଙ୍ଗା ଥାନା ଅନ୍ତର୍ଗତ ମାନଗୋବିନ୍ଦପୁର ଗ୍ରାମର ରବୀନ୍ଦ୍ର ପରିଡ଼ାଙ୍କ ଘରେ ଶନିବାର ରାତି ପ୍ରାୟ ୨ଟା ବେଳେ ଏକ ବୋଲେରୋ ଗାଡ଼ି ଯୋଗେ ଦୁର୍ବୃତ୍ତମାନେ ଆସିଥିଲେ। ପରିବାର ଲୋକ ଶୋଇଥିବା ସୁଯୋଗ ନେଇ ଗୁହାଳ କବାଟ ତାଡ଼ି ୧୨ଟି ଛେଳି ଲୋଡ୍ କରି ଚମ୍ପଟ ମାରିଥିଲେ। ରବୀନ୍ଦ୍ର ସକାଳୁ ଉଠି ଗୁହାଳ ଖାଲିଥିବା ଦେଖିବା ସହ ଘର ସମ୍ମୁଖ ରାସ୍ତାରେ ବୋଲେରୋ ଚକର ଚିହ୍ନ ଠାବ କରିଥିଲେ। ଅନୁରୂପ ଶୈଳୀରେ ନିକଟସ୍ଥ ପାଟୁଳିପୁରା ଗ୍ରାମର ଲକ୍ଷ୍ମଣ ଜେନାଙ୍କ ଗୁହାଳରୁ ମଧ୍ୟ ୫ଟି ଛେଳି ଚୋରି ହୋଇଛି। ଗତ କିଛି ସପ୍ତାହ ମଧ୍ୟରେ ଆଖପାଖ ଅଞ୍ଚଳର ୫ରୁ ଅଧିକ ସ୍ଥାନରେ ସମାନ ଢାଞ୍ଚାରେ ଚୋରି ହୋଇଥିବା ଅଭିଯୋଗ ହେଉଛି। ଖବର ପାଇ ମାଣତ୍ରୀ ଫାଣ୍ଡି ଏଏସଆଇ ଲମ୍ବୋଦର ବାରିକ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୁଲିସ ମୁଖ୍ୟ ରାସ୍ତା ଓ ସଂଯୋଗକାରୀ ଛକରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସନ୍ଦିଗ୍ଧ ଗାଡ଼ିର ଗତିବିଧି ଉପରେ ନଜର ରଖିଛି। ଏହି ଚୋର ଗ୍ୟାଙ୍ଗର ପର୍ଦ୍ଦାଫାସ କରି ଚୋରି ଛେଳି ଉଦ୍ଧାର କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ରୋଟାରୀ ହେରିଟେଜ୍ ପକ୍ଷରୁ ନେସନ ବିଲ୍ଡର ଆୱାର୍ଡ
୭ ଶିକ୍ଷକ ଓ ୩ ଚଳଚ୍ଚିତ୍ର ପ୍ରତିଭା ପୁରସ୍କୃତ

ବାରିପଦା, ୧୧।୧୦(ସମିସ)

ରୋଟାରୀ ଇଣ୍ଟରନ୍ୟାସନାଲର ନିର୍ଦ୍ଦେଶକ୍ରମେ ରୋଟାରୀ କ୍ଲବ୍ ଅଫ୍ ବାରିପଦା ହେରିଟେଜ୍ ଆନୁକୂଲ୍ୟରେ "ନେସନ୍ ବିଲ୍ଡର୍ ଆୱାର୍ଡ' ଓ ଇଣ୍ଡକ୍ସନ ଉତ୍ସବ ସ୍ଥାନୀୟ ପାଲବଣୀସ୍ଥ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଭାପତି ରୋଟାରୀୟାନ ତରଣୀସେନ ଧଳଙ୍କ ଅଧ୍ୟକ୍ଷତା ଓ ରୋଟାରୀୟାନ ସନ୍ତୋଷ କାସ୍ତଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ପ୍ରଥମ ଅଧିବେଶନରେ ସମ୍ପାଦକ ସଞ୍ଜୀବ ଦଣ୍ଡପାଟ କାର୍ଯ୍ୟକ୍ରମ ଓ କ୍ଲବ୍‌ର ବିବିଧ ସେବାମୂଳକ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏଥିରେ ବେତନଟୀ, କୁଳିଅଣା ଓ ଶ୍ୟାମାଖୁଣ୍ଟା ବ୍ଲକରୁ ୩୭ ଜଣ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। "ଆର୍ଟ ଅଫ୍ ଲିଭିଂ'ର ପ୍ରଶିକ୍ଷକ କୌଶିକ ସାହୁ ମୋଟିଭେସନାଲ ପ୍ରଶିକ୍ଷଣ ଦେଇଥିବାବେଳେ ରୋଟାରୀୟାନ ନଳିନୀ ଚୌଧୁରୀ ଖେଳ ଓ ଗଳ୍ପ ମାଧ୍ୟମରେ ଶିକ୍ଷାକୁ ରୋଟାରୀ ସହ ଯୋଡ଼ିବାର କଳା ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ମୁଖ୍ୟବକ୍ତା ଭାବେ ରୋଟାରୀ କ୍ଲବ୍ ସୁବର୍ଣ୍ଣରେଖା ରାଇବଣିଆର ସଭାପତି ସୁକୁମାର ରଣା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜୋନାଲ ଚେୟାର ରାକେଶ ସିଂ ଓ ଏ.ଜି. ମୋହନ ବର୍ଣ୍ଣୱାଲ ଯୋଗଦେଇ ଶିକ୍ଷା ଓ ଶିକ୍ଷକ ସମାଜ ପ୍ରତି ରୋଟାରୀର ଭୂମିକା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଚଳଚ୍ଚିତ୍ର ପ୍ରଯୋଜକ ରୋଟାରୀୟାନ ଶୁଭେନ୍ଦୁ କୁମାର ସାହୁ, ଅଭିନେତ୍ରୀ ମିତାଲି ସରଘରିଆ ଓ ଅଭିନେତ୍ରୀ ଲକିମନୀଷା ଧରମହାପାତ୍ରଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନେସନ୍ ବିଲ୍ଡର୍ ଆୱାର୍ଡରେ ପୁଷ୍ପିତା ବେହେରା, ଧୀରେନ୍ଦ୍ର ଭଞ୍ଜଦେଓ, ବନଜିନୀ ମିଶ୍ର, ଶକୁନ୍ତଳା ମହାନ୍ତ, ଗୌରହରୀ ପଣ୍ଡିତ, ସନ୍ତୋଷୀ ପାଲ୍ ଓ ରାକ୍ଷୀ ମହାନ୍ତ ପ୍ରମୁଖ ୭ ଜଣ ଆଦର୍ଶ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରମାଣପତ୍ର, ଉତ୍ତରୀୟ ଓ ଉପହାର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୫ ଜଣ ନୂତନ ସଦସ୍ୟ ଦୀପକ ମହାନ୍ତି (ଏସଇ), ରାମଚନ୍ଦ୍ର ସେଠୀ (ସହକାରୀ ନିର୍ବାହୀ ଯନ୍ତ୍ରୀ), କୁନାଲ ନାୟକ (ସହକାରୀ ନିର୍ବାହୀ ଯନ୍ତ୍ରୀ), କୃଷ୍ଣଚନ୍ଦ୍ର ରାଉତ (ଅବସରପ୍ରାପ୍ତ ଏସ୍.ଇ.) ଓ ସ୍ପେଶାଲ କ୍ଲାସ୍ ଠିକାଦାର ଅମୂଲ୍ୟ ବେହେରାଙ୍କୁ ରୋଟାରୀ ପିନ୍ ଓ ଉତ୍ତରୀୟ ପ୍ରଦାନ କରି କ୍ଲବ୍‌ରେ ସାମିଲ କରାଯାଇଥିଲା। ରୋଟାରୀୟାନ ଚିତ୍ତରଞ୍ଜନ ପଲତା ଧନ୍ୟବାଦ ଅର୍ପଣ କରିଥିଲେ। ଅନିରୁଦ୍ଧ ପୃଷ୍ଟି, ଅମିତାଭ ପଟ୍ଟନାୟକ, ପ୍ରଦୀପ ନାୟକ, ଶୈବାଳ କାନ୍ତ ନାୟକ, ବ୍ରହ୍ମାନନ୍ଦ ପ୍ରଧାନ, ଜ୍ୟୋତିପ୍ରକାଶ ପଣ୍ଡା, ରାଜେଶ ପଢ଼ିଆରୀ, ମଞ୍ଜୁଳା ଦାଶ ଓ ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

ଆଜିର ରାଶିଫଳ

ମେଷ: ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ମନମୁତାବକ କାମ ମିଳିବ।

ବୃଷ: ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

ମିଥୁନ: ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହୋଇପାରନ୍ତି।

କର୍କଟ: ଚାକିରି ପାଇଁ ବିଦେଶ ଯାତ୍ରା କରିପାରନ୍ତି। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

ସିଂହ: ଇଚ୍ଛା ପୂରଣ ହେବ। ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଅପ୍ରିୟ ସତ କହି ହଇରାଣରେ ପଡ଼ିପାରନ୍ତି। ଧାର୍ମିକକାର୍ଯ୍ୟରେ ମନୋନିବେଶ କରିବେ।

କନ୍ୟା: ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେଇପାରେ।

ତୁଳା: ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି। ଦାନ ଧର୍ମ କରିବେ।

ବିଛା: ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧନ ଆଗମନ ହେବ। ନିବେଶରୁ ଲାଭ ମିଳିବ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

ଧନୁ: କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିପାରେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ। ପିଲାମାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତିତ ରହିବେ।

ମକର: ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

କୁମ୍ଭ: ଦିନଟି ବ୍ୟସ୍ତତା ଭିତରେ କଟିବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

ମୀନ: ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରୁହନ୍ତୁ। ବ୍ୟବସାୟରେ କ୍ଷତି ସହିପାରନ୍ତି। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ।

ଆଜିର ଇତିହାସ

- ୧୮୭୯- ବ୍ରିଟିଶ୍ ସେନା କାବୁଲ୍ ଓ ଆଫଗାନିସ୍ତାନ ଉପରେ କବ୍‌ଜା କଲେ।
- ୧୯୦୧- ଆମେରିକାର ରାଷ୍ଟ୍ରପତି ଥିଓଡର ରୁଜ୍‌ଭେଲଟ୍ ରାଷ୍ଟ୍ରପତି ଭବନର ନାମ ବଦଳାଇ 'ହ୍ୱାଇଟ୍ ହାଉସ୍' ରଖିଲେ।
- ୧୯୬୪- ବିଶ୍ୱରେ ପ୍ରଥମ ଥର ସୋଭିଏତ୍ ସଂଘ ବିନା ସ୍ପେଶ୍ ସୁଟ୍‌ରେ ମହାକାଶଚାରୀଙ୍କୁ ମହାକାଶକୁ ପଠାଇଲା।
- ୨୦୦୨- ବାଲିର ଏକ ନାଇଟ୍ କ୍ଲବ୍‌ରେ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ୨୦୨ ଲୋକଙ୍କ ମୃତ୍ୟୁ।
- ୨୦୦୪- ପାକିସ୍ତାନ ଘୋରି ୧ ମିସାଇଲ୍ ପରୀକ୍ଷା କଲା।

ବିଶ୍ୱ ଗଣ୍ଠିବାତ ଦିବସ

ଶରୀରର କୌଣସି ଗଣ୍ଠି ଫୁଲିବା ଓ ଦରଜ ହେବା ସମସ୍ୟାକୁ ସାଧାରଣତଃ ଗଣ୍ଠିବାତ ବା ଆର୍ଥରାଇଟିସ୍ କୁହାଯାଏ। ଏହା ମଧୁମେହ, ରକ୍ତଚାପ, ଶ୍ୱାସରୋଗ ଓ ଥାଇରଏଡ୍ ଭଳି ଏକ ଦୀର୍ଘସ୍ଥାୟୀ ରୋଗ। ସାଧାରଣତଃ ବୟସ ବଢ଼ିବା ସହିତ ଏହି ସମସ୍ୟା ବୃଦ୍ଧି ପାଇଥାଏ, କିନ୍ତୁ ଏହା ଯେକୌଣସି ବୟସର ବ୍ୟକ୍ତିଙ୍କୁ ମଧ୍ୟ ପ୍ରଭାବିତ କରିପାରେ। ଏହାର ମୁଖ୍ୟ ଲକ୍ଷଣଗୁଡ଼ିକ ହେଉଛି ଗଣ୍ଠିରେ ପ୍ରବଳ ଯନ୍ତ୍ରଣା ହେବା, ଫୁଲିଯିବା ଏବଂ ଗଣ୍ଠିଗୁଡ଼ିକ ଟାଣ ହୋଇଯିବା, ଯାହାଫଳରେ ଚଲାବୁଲା କରିବାରେ ଅସୁବିଧା ହୋଇଥାଏ। ଓଷ୍ଟିଓଆର୍ଥ୍ରାଇଟିସ୍ ଏବଂ ରିଉମାଟଏଡ୍ ଆର୍ଥ୍ରାଇଟିସ୍ ଏହାର ଦୁଇଟି ସବୁଠାରୁ ସାଧାରଣ ପ୍ରକାର। ଏହି ରୋଗ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଅକ୍ଟୋବର ୧୨ ତାରିଖକୁ 'ୱାର୍ଲଡ୍ ଆର୍ଥ୍ରାଇଟସ୍ ଡେ' ବା 'ବିଶ୍ୱ ଗଣ୍ଠିବାତ ଦିବସ' ଭାବେ ପାଳନ କରାଯାଉଛି। ଗଣ୍ଠିର କ୍ଷୟ ହୋଇ ପାଣି ଜମିଲେ ଏହା ଫୁଲିଯାଏ ଓ ଯନ୍ତ୍ରଣା ହୁଏ। ଏହାସହ ଗଣ୍ଠିରେ ଅତ୍ୟଧିକ ଚାପ ପଡ଼ିଲେ ମଧ୍ୟ ଗଣ୍ଠିବାତ ରୋଗ ହୋଇଥାଏ। ବିଶେଷକରି ମୋଟା ଲୋକଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ଦେଖାଯାଇଥାଏ। ମଧୁମେହ, ରକ୍ତଚାପ ଭଳି ଗଣ୍ଠିବାତ କେବଳ ଭାରତର ନୁହେଁ, ଏହା ବିଶ୍ୱର ସବୁଠାରୁ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖିବାକୁ ମିଳୁଛି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଏହି ଗଣ୍ଠିବାତ ସମସ୍ୟାରେ ଅଧିକ ପୀଡ଼ିତ ବୋଲି ଜଣାପଡ଼ିଛି। ଏହା ଏକ ଅଟୋଇମ୍ୟୁନ ରୋଗ ଯେଉଁଥିରେ ଶରୀରର ରୋଗପ୍ରତିରୋଧକ ଶକ୍ତି ଅନିୟନ୍ତ୍ରିତ ହୋଇ ବିଭିନ୍ନ ଗଣ୍ଠିକୁ ଆକ୍ରମଣ କରେ। ରିଉମାଟଏଡ୍ ଫ୍ୟାକ୍ଟର ଏବଂ ଆଣ୍ଟି ସିସିପି ଆଦି କ୍ଷତିକାରକ ଆଣ୍ଟିବଡି ଏଥିରେ ଦେଖାଯାଏ। ଠିକ୍ ସମୟରେ ରୋଗ ନିୟନ୍ତ୍ରିତ ନ ହେଲେ ପରିସ୍ରାରେ ପ୍ରୋଟିନ୍ ଯିବା, ଗୋଡରେ ଘା' ହେବା ସହ ଶ୍ୱେତ ରକ୍ତକଣିକା କମିଯାଇଥାଏ। ଫୁସ୍‌ଫୁସ୍ ମଧ୍ୟ ଏଥିରେ ପ୍ରଭାବିତ ହେଉଥିବା ଯୋଗୁ ଶୁଖିଲା କାଶ ହେବା ସହ ଅଲ୍ପବାଟ ଚାଲିଲେ ବି ଧଇଁସଇଁ ଲାଗେ।

ରୋଗର ଲକ୍ଷଣ, ହାଡ ଏକ୍ସ-ରେ, ରିଉମାଟଏଡ ଫ୍ୟାକ୍ଟର ଏବଂ ଆଣ୍ଟି ସିସିପି ପରୀକ୍ଷା କରି ଏହା ସମ୍ପର୍କରେ ଜଣାପଡିଥାଏ। ୧୯୯୬ରେ ପ୍ରଥମଥର ପାଇଁ 'ବିଶ୍ୱ ଗଣ୍ଠିବାତ ଦିବସ' ପାଳନ କରାଯାଇଥିଲା। ତେବେ ପୂର୍ବରୁ ବୟସାଧିକରେ ଲୋକେ ଏହି ରୋଗରେ ଆକ୍ରାନ୍ତ ହେଉଥିଲେ। ମାତ୍ର ଏବେ ଏଥିରେ ଯୁବପିଢ଼ି ମଧ୍ୟ ଆକ୍ରାନ୍ତ ହେଉଛନ୍ତି। ବିଶୃଙ୍ଖଳିତ ଜୀବନ ଶୈଳୀ ଯୋଗୁଁ ବିଶ୍ୱର ଅଧିକାଂଶ ଲୋକ ଏବେ ଏହି ରୋଗର ଶିକାର ହୋଇଥାନ୍ତି। ବଦଳୁଥିବା ଜୀବନଶୈଳୀ, ମେଦବହୁଳତା ଓ ଖାଦ୍ୟରେ ଅନିୟମିତତା ଏହାର କାରଣ। ଏଣୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ନିତିଦିନ ବ୍ୟାୟାମ କରିବା ସହ କିଛି ସମୟ ଚଲାବୁଲା କରିବା ଆବଶ୍ୟକ। ତା'ସହ ପୁଷ୍ଟିକର ଖାଦ୍ୟ ଖାଇବା ଦିଗରେ ଯତ୍ନବାନ ହେବା ଦରକାର। ସେହିପରି ପ୍ରାରମ୍ଭିକ ପର୍ଯ୍ୟାୟରେ ଏହାର ଚିକିତ୍ସା କରା ନ ଗଲେ, ଏଥିରୁ ମୁକୁଳିବା ସହଜ ନୁହେଁ। ଏ ଦୃଷ୍ଟିରୁ ଅସ୍ଥି ଜନିତ ଯେକୌଣସି ସମସ୍ୟା ଦେଖାଦେଲେ, ତାହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ ନାହିଁ। ଗଣ୍ଠିବାତ ରୋଗ ଥିଲେ ରିଉମାଟୋଲୋଜି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହି ରୋଗରେ ଯନ୍ତ୍ରଣା କମାଇବା ପାଇଁ ପେନ୍‌କିଲର୍ ଦିଆଯାଏ। କେତେକ କ୍ଷେତ୍ରରେ ବିଶେଷଜ୍ଞଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ବ୍ୟାୟାମ କରିବା ଫଳରେ ଗଣ୍ଠିଗୁଡ଼ିକର କାର୍ଯ୍ୟକ୍ଷମତା ବୃଦ୍ଧି ପାଏ। ଅତ୍ୟଧିକ ଯନ୍ତ୍ରଣା ହେଲେ ଗଣ୍ଠି ମଧ୍ୟରେ ଷ୍ଟେରଏଡ୍ କିମ୍ବା ଲୁବ୍ରିକେଣ୍ଟ୍ ଇଞ୍ଜେକ୍ସନ୍ ଦିଆଯାଏ। ଚଳିତ ବର୍ଷ ବିଶ୍ୱ ଗଣ୍ଠିବାତ ଦିବସର ମୁଖ୍ୟ ବିଷୟବସ୍ତୁ ହେଉଛି "ଆପଣଙ୍କର ସ୍ୱପ୍ନଗୁଡ଼ିକୁ ହାସଲ କରନ୍ତୁ।" ଏହାର ଲକ୍ଷ୍ୟ ହେଉଛି ଗଣ୍ଠି ଯନ୍ତ୍ରଣା ସତ୍ତ୍ୱେ ରୋଗୀମାନଙ୍କୁ ନିଜ ଜୀବନର ଲକ୍ଷ୍ୟ ଏବଂ ସ୍ୱପ୍ନ ପୂରଣ କରିବା ପାଇଁ ମାନସିକ ସ୍ତରରେ ସଶକ୍ତ କରିବା।

ଶାହାରୁଖ୍-କରିନା
୧୫ ବର୍ଷ ପରେ ଏକାଠି ଆସିବେ



ବଲିଉଡ୍ ସୁପରଷ୍ଟାର୍ ଶାହାରୁଖ୍ ଖାନ୍‌ଙ୍କ ଆଗାମୀ ଆକ୍ସନ୍ ଚଳଚ୍ଚିତ୍ର 'କିଙ୍ଗ୍'ରେ ଦୀର୍ଘ ୧୫ ବର୍ଷ ପରେ ସେ କରିନା କପୁର ଖାନ୍‌ଙ୍କ ସହ ନଜର ଆସିବେ। ଏହି ଚଳଚ୍ଚିତ୍ରର ଏକ ସ୍ୱତନ୍ତ୍ର ଗୀତରେ କରିନା ଅତିଥି କଳାକାର ଭୂମିକାରେ ନଜର ଆସିବେ। ଏହି ଧମାକାଦାର ଗୀତର ନାମ 'ଡାଡି କୁଲ୍' ରଖାଯାଇଛି। ଚଳିତ ମାସ ଶେଷ ଆଡ଼କୁ ଦକ୍ଷିଣ ଆଫ୍ରିକାରେ ଏହାର ସୁଟିଂ ପାଇଁ ୫ ଦିନିଆ ସେଡ୍ୟୁଲ୍ ପ୍ରସ୍ତୁତ କରାଯାଇଛି। ଗୀତଟିର କମ୍ପୋଜିସନ୍ ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ଯୋଡ଼ି ସଚିନ୍-ଜିଗର କରିଛନ୍ତି। ଏହି ଗୀତରେ ଜଣେ ଭାରତୀୟ ଏବଂ ଜଣେ ଆନ୍ତର୍ଜାତୀୟ କଳାକାରଙ୍କ ମଧ୍ୟରେ ଯୁଗଳବନ୍ଦୀ ଦେଖିବାକୁ ମିଳିପାରେ, ଯାହାକୁ ନିର୍ମାତାମାନେ ବର୍ତ୍ତମାନ ସୁଦ୍ଧା ଗୋପନ ରଖିଛନ୍ତି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ 'କିଙ୍ଗ୍' ଚଳଚ୍ଚିତ୍ରଟି ଚଳିତ ବର୍ଷ ୨୪ ଡିସେମ୍ବରରେ ସାରା ବିଶ୍ୱରେ ରିଲିଜ୍ ହେବାକୁ ଧାର୍ଯ୍ୟ ହୋଇଛି। ଏହାପୂର୍ବରୁ ଶାହାରୁଖ୍ ଏବଂ କରିନା 'ଅଶୋକା', 'କଭି ଖୁସି କଭି ଗମ୍' ଏବଂ ଶେଷଥର ପାଇଁ ୨୦୧୧ରେ 'ରା ୱନ୍' ଚଳଚ୍ଚିତ୍ରରେ ଏକାଠି ନଜର ଆସିଥିଲେ। ପ୍ରାୟ ୪୫୦ କୋଟି ଟଙ୍କାର ବଜେଟ୍‌ରେ ରେଡ୍ ଚିଲି ଏଣ୍ଟରଟେନମେଣ୍ଟ ଦ୍ୱାରା ଏହି ସିନେମା ନିର୍ମାଣ ହେଉଛି। ମୁମ୍ବାଇ ବ୍ୟତୀତ ପୋଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ଭଳି ଆନ୍ତର୍ଜାତୀୟ ସ୍ଥାନରେ ଏହାର ହାଇ-ଅକ୍ଟେନ୍ ଆକ୍ସନ୍ ସିନ୍‌ଗୁଡ଼ିକ ସୁଟ୍ କରାଯାଉଛି।

ଆଜି ଆସିଥିଲେ...
ଅଭୁଲା ଅକ୍ଷୟ

ଅକ୍ଷୟ ମହାନ୍ତି (ଖୋକା ଭାଇ) ଓଡ଼ିଆ ସଙ୍ଗୀତ ଜଗତର ଜଣେ କାଳଜୟୀ ଗାୟକ, ସଙ୍ଗୀତଜ୍ଞ, ଗୀତିକାର, ଔପନ୍ୟାସିକ ଏବଂ ଅଭିନେତା ଥିଲେ। ଓଡ଼ିଆ ଗୀତ ଏବଂ ଆଧୁନିକ ସଙ୍ଗୀତର ଧାରାକୁ ବଦଳାଇବାରେ ତାଙ୍କର ଅବଦାନ ଅତୁଳନୀୟ, ସେଥିପାଇଁ ତାଙ୍କୁ ଓଡ଼ିଆ ସଙ୍ଗୀତର 'ମୁକୁଟ ବିହୀନ ସମ୍ରାଟ' ବୋଲି କୁହାଯାଏ। ପ୍ରେମ, ବିରହ, ଆଧ୍ୟାତ୍ମିକତା କିମ୍ବା ସାଧାରଣ ଜୀବନର ସ୍ପନ୍ଦନ-ସବୁଥିରେ ସେ ଭରି ଦେଇଥିଲେ ଏକ ନୂତନ ଶୈଳୀ। ୧୯୩୬ ମସିହା ଆଜିର ଦିନରେ ଅବିଭକ୍ତ କଟକ ଜିଲ୍ଲାର ବାଙ୍କିମୁଣ୍ଡେଇ ଗାଁରେ ଅକ୍ଷୟ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାଁ ବିଚିତ୍ରାନନ୍ଦ ମହାନ୍ତି ଏବଂ ମା'ଙ୍କ ନାଁ ସୁବର୍ଣ୍ଣ ମଞ୍ଜରୀ ଦେବୀ। କଟକର ରେଭେନ୍ସା କଲେଜ ଓ ମଧୁସୂଦନ ଆଇନ କଲେଜରୁ ସେ ଶିକ୍ଷା ଗ୍ରହଣ କରିଥିଲେ। ମାତ୍ର ୨୨ ବର୍ଷ ବୟସରେ ସେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ମଧ୍ୟ ସଙ୍ଗୀତ ପ୍ରତି ଥିବା ଅହେତୁକ ଭଲପାଇବା ଯୋଗୁଁ ୭ ବର୍ଷ ପରେ ଚାକିରି ଛାଡ଼ି ସମ୍ପୂର୍ଣ୍ଣ ରୂପେ ସଙ୍ଗୀତ ସାଧନାରେ ନିଜକୁ ସମର୍ପି ଦେଇଥିଲେ। କୌଣସି ଆନୁଷ୍ଠାନିକ ସଙ୍ଗୀତ ଶିକ୍ଷା ନ ଥାଇ ମଧ୍ୟ ସେ ନିଜ ପ୍ରତିଭା ବଳରେ ଓଡ଼ିଆ ସଙ୍ଗୀତର ଧାରାକୁ ବଦଳାଇ ଦେଇଥିଲେ। ସେ ନିଜ ଜୀବନକାଳ ମଧ୍ୟରେ ୧୨୯ଟି ଚଳଚ୍ଚିତ୍ରରେ କଣ୍ଠଦାନ କରିବା ସହ ୭୫ଟି ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଏବଂ ୯୨ଟିରେ ଗୀତିକାର ସାଜିଥିଲେ। ସେ ମା' କଥାଚିତ୍ରରୁ ଗାୟକ ଭାବେ ଏବଂ 'ମଲାଜହ୍ନ' ଚଳଚ୍ଚିତ୍ରରୁ ଜଣେ ସଫଳ ସଙ୍ଗୀତ ନିର୍ଦ୍ଦେଶକ ଭାବେ ନିଜର ଯାତ୍ରା ଆରମ୍ଭ କରିଥିଲେ। ତାଙ୍କର ଅନନ୍ୟ ଗାୟନ ଶୈଳୀ ଓ କାଳଜୟୀ ଗୀତଗୁଡ଼ିକ ପାଇଁ ସେ ଓଡ଼ିଶାର ଘରେ ଘରେ 'ଖୋକା ଭାଇ' ଭାବେ ପରିଚିତ ଥିଲେ। କିଛି ଲୁହ ପୋଛା ହୁଏ ପଣତ କାନିରେ, କିଛି ଲୁହ ପିଇଯାଏ ଓଠ...' 'ନିଶିବିଜନେ ଭାବେ ମନେ, ଉଡ଼ି ଉଡ଼ି ଉଡ଼ି ଯାଉରେ ଗୁଡ଼ି, 'ପୁଣ୍ୟର ନଦୀ ତୀରେ' ଏଭଳି ଅନେକ କାଳଜୟୀ ଗୀତରେ ନିଜର ଛାପ ଛାଡ଼ି ଯାଇଛନ୍ତି ଓଡ଼ିଆ ସଙ୍ଗୀତ ଜଗତର ବେତାଜ ବାଦଶାହା ଅକ୍ଷୟ ମହାନ୍ତି। ସେ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ସଙ୍ଗୀତ ଦୁନିଆର ଏକ ଅନୁଷ୍ଠାନ। ଆକାଶବାଣୀର ସୁଗମ ସଙ୍ଗୀତଠାରୁ ଓଡ଼ିଆ ସିନେମା ସଙ୍ଗୀତ ଏବଂ ଆଧୁନିକ ଓଡ଼ିଆ ସଙ୍ଗୀତ ଯାଏଁ ସବୁଠି ଖୋକା ଭାଇ କରିଥିଲେ ପରୀକ୍ଷାନିରୀକ୍ଷା। ସଙ୍ଗୀତ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଓଡ଼ିଶା ସରକାରଙ୍କ ସର୍ବୋଚ୍ଚ 'ଜୟଦେବ ପୁରସ୍କାର' ସମେତ ଅନେକ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। କେବଳ ସଙ୍ଗୀତ ନୁହେଁ, ସେ ମଧ୍ୟ ଜଣେ ଉଚ୍ଚକୋଟୀର ସାହିତ୍ୟିକ ଥିଲେ। ଜୟଦେବ ପୁରସ୍କାର, ବିଭିନ୍ନ ରାଜ୍ୟ ପୁରସ୍କାର, ରାଜ୍ୟ ସଙ୍ଗୀତକାର ପୁରସ୍କାର, ଓଡ଼ିଶା ସିନେ କ୍ରିଟିକ ପୁରସ୍କାରରେ ମଣ୍ଡିତ ହୋଇଥିଲେ ଏହି ମହାନ ଗାୟକ। ୨୦୦୨ ମସିହା ନଭେମ୍ବର ୧୭ ତାରିଖରେ ଏହି ମହାନ ସଙ୍ଗୀତଜ୍ଞଙ୍କର ପରଲୋକ ଘଟିଥିଲା।

ସ୍ୱସ୍ତି

ପ୍ରସାଦ ଗ୍ରହଣର ଉପାୟ

ପ୍ରସାଦକୁ ମୁଖ୍ୟତଃ ଦୁଇ ହାତରେ ଗ୍ରହଣ କରାଯାଏ। ହିନ୍ଦୁ ଧର୍ମରେ ଏହା ପଛରେ ଶ୍ରଦ୍ଧା, ସମ୍ମାନ ଏବଂ ବିନମ୍ରତା ଭାବ ଥିବା କୁହାଯାଏ। ତେବେ ପ୍ରସାଦ ଗ୍ରହଣର ଉପାୟ କ'ଣ ରହିଛି। ସେ ସମ୍ପର୍କରେ ଜାଣିବା।

ମନ୍ଦିର ତଥା ଘରେ ପୂଜା କରାଯିବା ପରେ ପ୍ରସାଦ ବଣ୍ଟନ କରାଯାଏ। ଏହାକୁ ଲୋକେ ଦୁଇ ହାତରେ ଗ୍ରହଣ କରନ୍ତି। ମୁଖ୍ୟତଃ ଡାହଣ ହାତ ଉପରେ ଏବଂ ବାମ ହାତ ତଳକୁ ରହିଥାଏ। ସେହିପରି ପ୍ରସାଦ ସାଧାରଣ ଭୋଜନଠାରୁ ଅଲଗା। କାରଣ ଏହାକୁ ପ୍ରଥମେ ଭଗବାନଙ୍କୁ ଭୋଗ ସ୍ୱରୂପ ଅର୍ପଣ କରାଯାଏ। ଏହା ପରେ ଏହାକୁ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଏ। ତେଣୁ ଏହାକୁ ଦୁଇ ହାତରେ ଗ୍ରହଣ କରି ଭଗବାନଙ୍କ ପ୍ରତି ଶ୍ରଦ୍ଧା ପ୍ରକଟ କରିବାକୁ ବୁଝାଏ। ପ୍ରସାଦ ଶବ୍ଦ ସଂସ୍କୃତରେ 'ପ୍ରସାଦମ୍' ସହିତ ଜଡ଼ିତ। ପୂଜା ସମୟରେ ଭଗବାନଙ୍କୁ ଫଳ, ମିଠା, ଅନ୍ୟ ସାମଗ୍ରୀ ଭୋଗ ଭାବେ ଅର୍ପଣ କରାଯାଏ। ପୂଜା ପରେ ଏହାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରସାଦ ସ୍ୱରୂପ ବଣ୍ଟନ କରାଯାଏ। ପ୍ରସାଦକୁ ଭଗବାନଙ୍କ ଆଶୀର୍ବାଦ ସ୍ୱରୂପ ଗ୍ରହଣ କରାଯାଏ।

ଦୁଇ ହାତ ଆଗକୁ କରି ପ୍ରସାଦ ଗ୍ରହଣ କରିବା ଏହି କଥାର ପ୍ରତୀକ ଯେ, ଭକ୍ତ ନିଜ ଅହଂକାରକୁ ପଛରେ ରଖି ଈଶ୍ୱରଙ୍କ କୃପାକୁ ସ୍ୱୀକାର କରନ୍ତି। ମନ୍ଦିର ଓ ପୂଜାସ୍ଥଳକୁ ଯିବା ପୂର୍ବରୁ ହାତ ପରିଷ୍କାର ରଖିବା ଉଚିତ। ପ୍ରସାଦ ଗ୍ରହଣ କରିବା ବେଳେ ତରବର ହେବା ଅନୁଚିତ। ଦୁଇ ହାତ ଆଗକୁ କରି ଶ୍ରଦ୍ଧାରେ ପ୍ରସାଦ ଗ୍ରହଣ କରିବା ଉଚିତ। ଅନେକ ପରମ୍ପରାରେ ଡାହାଣ ହାତ ଉପରେ ଓ ବାମ ହାତ ତଳକୁ ରଖାଯାଏ। ପ୍ରସାଦକୁ ତୁରନ୍ତ ଗ୍ରହଣ କରନ୍ତୁ ନଚେତ ଘରକୁ ନେଇ ଖାଇବା ଉଚିତ। ପ୍ରସାଦକୁ ତଳେ ପକାଇବା ଓ ଅନାଦର କରିବା ଆଦୌ ଠିକ୍ ନୁହେଁ। ଅନ୍ୟପଟେ କିଛି ଲୋକ ପ୍ରସାଦ ଗ୍ରହଣ କରିବା ପରେ ହାତକୁ ମୁଣ୍ଡରେ ଲଗାନ୍ତି। ଏହା ମଧ୍ୟ ସମ୍ମାନ ଓ ଶ୍ରଦ୍ଧା ବ୍ୟକ୍ତ କରିବାର ଏକ ଉପାୟ।

କନ୍ୟା ପୂଜା

ଆଶ୍ୱିନ ପ୍ରତିପଦାରୁ ନବରାତ୍ରୀ ପ୍ରାରମ୍ଭ ହୋଇଥାଏ ଏବଂ ଏହା ନବମୀ ତିଥି ପର୍ଯ୍ୟନ୍ତ ଚାଲେ। ନବରାତ୍ରୀ କନ୍ୟା ପୂଜାରେ ଶେଷ ହୋଇଥାଏ। ଏହା ପରେ ପାଳନ କରାଯାଏ ଦଶହରା। ତେବେ କନ୍ୟା ପୂଜା ବିନା ନବରାତ୍ରୀର ନଅ ଦିନର ସାଧନାର ଫଳ ମିଳି ନ ଥାଏ। ଅଷ୍ଟମୀ ଏବଂ ନବମୀ ପୂଜା ପରେ କନ୍ୟା ପୂଜା କରାଯାଏ। ଏଥିରେ କନ୍ୟାମାନଙ୍କୁ ପୂଜା କରାଯାଇ ଭୋଜନ ଓ ଉପହାର ପ୍ରଦାନ କରାଯାଇ ଆଶୀର୍ବାଦ କାମନା କରାଯାଏ।

- ପ୍ରଥମେ କନ୍ୟାଙ୍କ ପାଦ ପ୍ରକ୍ଷାଳନ କରାଯାଏ।
- ଏହା ପରେ ତିଳକ କରାଯାଏ।
- ଏହାପରେ ଖାଦ୍ୟ ପ୍ରଦାନ କରାଯାଏ ଏବଂ ତା'ପରେ ଉପହାର ଦେବାର ନିୟମ ଅଛି।
- କନ୍ୟା ପୂଜା ଦ୍ୱାରା ଘରେ ମା' ଦୁର୍ଗା ବାସ କରନ୍ତି।
- କୌଣସି କନ୍ୟାଙ୍କୁ ଅପମାନିତ କିମ୍ବା ଦୁଃଖ ଦେବା ଅନୁଚିତ।
- ଉପହାରରେ କୌଣସି କଳା ରଙ୍ଗ ଜିନିଷ ପ୍ରଦାନ କରନ୍ତୁ ନାହିଁ। ଏହା ଦ୍ୱାରା ଶନି ଦୋଷ ଲାଗେ।
- ସେହିପରି କାଚ ଜିନିଷ, ଚମଡ଼ାରୁ ତିଆରି ଜିନିଷ, ଷ୍ଟିଲ ଏବଂ ଲୁହା ଜିନିଷ ଦିଅନ୍ତୁ ନାହିଁ।
- କନ୍ୟା ସହିତ ଜଣେ ଛୋଟ ବାଳକକୁ ଆମନ୍ତ୍ରିତ କରିବା ଉଚିତ।
- ଉପହାରରେ ପୁରୁଣା ଓ ବ୍ୟବହୃତ ଜିନିଷ ପ୍ରଦାନ କରନ୍ତୁ ନାହିଁ।
- କୌଣସି କାରଣ ପାଇଁ ୯ କନ୍ୟା ଏକକାଳୀନ ନ ମିଳିଲେ କନ୍ୟା ପୂଜା ରୋକିବା ଅନୁଚିତ। ଶ୍ରଦ୍ଧା ଅନୁସାରେ କମ୍ ସଂଖ୍ୟକ କନ୍ୟା ପୂଜା ଓ ଭୋଜନ କରାଯାଇପାରିବ। ଅନେକ ପରମ୍ପରାରେ ୨,୩,୫,୭ କିମ୍ବା ଜଣେ କନ୍ୟା ପୂଜା କରିବାର ମାନ୍ୟତା ଅଛି।

ନୂଆ କାମ ପାଇଁ ୪ ବିଶେଷ ମୁହୂର୍ତ୍ତ

କୌଣସି ନୂଆ କାମ ଆରମ୍ଭ କରିବା ପୂର୍ବରୁ ୪ ବିଶେଷ ମୁହୂର୍ତ୍ତ ଉପରେ ବିଶେଷ ଧ୍ୟାନ ରଖିବା ଉଚିତ। ତା'ସହ କେଉଁ ମୁହୂର୍ତ୍ତରେ କେଉଁ କାର୍ଯ୍ୟ ଆରମ୍ଭ କରିବା ଦରକାର, ସେନେଇ ସତର୍କ ରହିବା ଜରୁରି।

ଅଭିଜିତ୍ ମୁହୂର୍ତ୍ତ: ଦିନର ମଧ୍ୟ ସମୟକୁ ଏହା ଇଙ୍ଗିତ କରେ। ଶୁଭକାର୍ଯ୍ୟ ଆରମ୍ଭ ପାଇଁ ଏହା ଉପଯୁକ୍ତ ସମୟ ବୋଲି ବିଚାର କରାଯାଏ। ମୁଖ୍ୟତଃ ନୂଆ କାମ, ଜରୁରି ବୈଠକ, ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ ଅଭିଜିତ୍ ମୁହୂର୍ତ୍ତରେ କରିପାରିବେ।

ରାହୁକାଳ: ନୂଆ ଶୁଭ କାମ ଏହି ମୁହୂର୍ତ୍ତରେ କରିବା ଅନୁଚିତ। ଏଥିରେ ପୂର୍ବରୁ ଚାଲୁଥିବା କାମ ରୋକାଯାଏ ନାହିଁ। ବରଂ ଏହି ମୁହୂର୍ତ୍ତରେ ନୂଆ କାମ ଆରମ୍ଭ କରିବା ଅନୁଚିତ।

ଗୋଧୂଳି ମୁହୂର୍ତ୍ତ: ସୂର୍ଯ୍ୟାସ୍ତ ଆଖପାଖ ସମୟକୁ ଏହା ସୂଚାଏ। ଏହାକୁ ବିଶେଷ ଭାବେ ଶୁଭ କାର୍ଯ୍ୟ, ପ୍ରାର୍ଥନା ସହିତ ଜଡ଼ିତ।

ପ୍ରଦୋଷ କାଳ: ସୂର୍ଯ୍ୟାସ୍ତ ପରର ସନ୍ଧିକାଳକୁ ଏହା ଦର୍ଶାଏ। ପୂଜା, ଧ୍ୟାନ, ଶିବ ଆରାଧନା ଲାଗି ଏହା ଉପଯୁକ୍ତ। ନୂଆ କାମଠାରୁ ଅଧିକ ଏହି ସମୟ ମନକୁ ଶାନ୍ତ ରଖିବା ଏବଂ ସାଧନା ଲାଗି ଉପଯୁକ୍ତ ବୋଲି କୁହାଯାଏ।

ନବରାତ୍ରୀରେ ନଅ ଦିନର ଭୋଗ

ନବରାତ୍ରୀରେ ପ୍ରତିଦିନ ମା' ଦୁର୍ଗାଙ୍କ ଅଲଗା ଅଲଗା ସ୍ୱରୂପକୁ ପୂଜା କରାଯାଏ। ସେହିପରି ପ୍ରତ୍ୟେକ ଦିନ ମା'ଙ୍କ ପାଖରେ ଭିନ୍ନ ଭିନ୍ନ ଭୋଗ ଲାଗିର ପରମ୍ପରା ଅଛି।

- ପ୍ରଥମ ଦିନ ମା' ଶୈଳପୁତ୍ରୀଙ୍କୁ ଘିଅ ଅର୍ପଣ କରିବାର ପରମ୍ପରା ଅଛି।
- ନବରାତ୍ରୀର ଦ୍ୱିତୀୟ ଦିନରେ ମା' ବ୍ରହ୍ମଚାରିଣୀଙ୍କୁ ଚିନି ଭୋଗ କରିବା ଉଚିତ।
- ମା' ଚନ୍ଦ୍ରଘଣ୍ଟାଙ୍କୁ ତୃତୀୟ ଦିନରେ କ୍ଷୀର ଅର୍ପଣ କରନ୍ତୁ।
- ଚତୁର୍ଥ ଦିନରେ ମା' କୃଷ୍ମାଣ୍ଡଙ୍କୁ ମାଳପୁଆ ଭୋଗ ଲାଗି କରିବା ଭଲ।
- ପଞ୍ଚମ ଦିନରେ ମା' ସ୍କନ୍ଦମାତାଙ୍କୁ କଦଳୀ ଭୋଗ ଅର୍ପଣ କରନ୍ତୁ।
- ଷଷ୍ଠ ଦିନରେ ମା' କାତ୍ୟାୟନୀଙ୍କୁ ମହୁ ଅର୍ପଣ କରନ୍ତୁ।
- ସପ୍ତମ ଦିନରେ ମା' କାଳରାତ୍ରୀଙ୍କୁ ଗୁଡ଼ ଭୋଗ କରିବା ଶୁଭ।
- ଅଷ୍ଟମ ଦିନରେ ମା' ମହାଗୌରୀଙ୍କୁ ନଡ଼ିଆ ଅର୍ପଣ କରନ୍ତୁ।
- ନବମୀ ଦିନ ମା ସିଦ୍ଧିଦାତ୍ରୀଙ୍କୁ ରାଶି ଭୋଗ ଲାଗି କରନ୍ତୁ।

ଇନ୍ଦୋରରେ ୱେଷ୍ଟଇଣ୍ଡିଜ୍‌ର ଚତୁର ବୋଲିଂ

ଚେଜ୍‌ଙ୍କୁ ୨ ୱିକେଟ; ଅଭିଷେକଙ୍କ ଅର୍ଦ୍ଧଶତକ

ଇନ୍ଦୋର,୧୧।୧୦(ଏଜେନ୍ସି)

ଏଠାରେ ଭାରତ ବିପକ୍ଷ ତୃତୀୟ ଟି-୨୦ରେ ୱେଷ୍ଟଇଣ୍ଡିଜ୍‌ର ବୋଲରମାନେ ଚତୁର ବୋଲିଂ ପ୍ରଦର୍ଶନ କରିଛନ୍ତି। ଏହି ମ୍ୟାଚ୍‌ରେ ଅଭିଶେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସତ୍ତ୍ୱେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୨୨୩ ରନ୍ କରି ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ଅଭିଷେକ ୧୮ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲାବେଳେ ୩୦ ବଲ୍‌ରୁ ୬ଚୌକା ଓ ୫ଛକା ସହ ସର୍ବାଧିକ ୬୯ ରନ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶାନ ୧୮ ବଲ୍‌ରେ ୩୭, ତିଳକ ବର୍ମା ୧୬ ବଲ୍‌ରେ ୨୮, ନୀତୀଶ କୁମାର ରେଡ୍ଡୀ ୧୪ ବଲ୍‌ରେ ୨୧ ରନ୍ କରିଥିଲେ। କିନ୍ତୁ ନଂ-୧୦ରେ ବ୍ୟାଟିଂ କରିବାକୁ ଆସିଥିବା ଫାଷ୍ଟ ବୋଲର ପ୍ରିନ୍ସ ଯାଦବ ମାତ୍ର ୬ବଲରୁ ୩ଚୌକା ସହ ୧୩ରନ୍ କରି ଅପରାଜିତ ରହିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ସମସ୍ତ ବୋଲର ଭଲ ପ୍ରଦର୍ଶନ କରି ଭାରତୀୟ ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ। ସେମାନଙ୍କ ମଧ୍ୟରୁ ବୋଲିଂ ଓପନ କରିଥିବା ରୋଷ୍ଟୋନ ଚେଜ୍, ସମର ଯୋଶେଫ ଓ ସମର ସ୍ପ୍ରିଙ୍ଗର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। କିମୋ ପଲ ଓ ଗୁଡକେଶ ମୋତି ମଧ୍ୟ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଭାରତର ୨ଜଣ ଖେଳାଳି ନୀତୀଶ ଓ ଅକ୍ଷର ପଟେଲ ରନ୍‌ଆଉଟ ହୋଇଛନ୍ତି।

୨୨୪ ରନ୍‌ର ଟାର୍ଗେଟକୁ ପିଛା କରି ୱେଷ୍ଟଇଣ୍ଡିଜ୍ ୯ ଓଭରରେ୨ୱିକେଟ ହରାଇ ୮୦ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ପାୱେଲ୍-୦ ଓ କାମିଲ ପୂରନ-୨୧ ରନ୍‌ରେ ବ୍ୟାଟିଂ କରୁଥିଲେ। ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍‌ରୁ ଉଭୟ ଦଳ ଗୋଟିଏ ଲେଖାଏଁ ଜିତି ସମାନ ସ୍ତରରେ ରହିଛନ୍ତି।

ଏହି ସିରିଜ୍‌ରେ ଭାରତୀ ଅଧିନାୟକ ଶ୍ରେୟସ ଆୟର କ୍ରମାଗତ ଦ୍ୱିତୀୟଥର ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲେ। କିନ୍ତୁ ଭାରତୀୟ ଓପନିଂ ଯୋଡି ଦ୍ୱିତୀୟ ଓଭରରେ ଭାଙ୍ଗିଯାଇଥିଲା। ସଞ୍ଜୁ ସାମସନ ୩ ରନ୍ କରି ପ୍ରଥମ ଖେଳାଳିଭାବେ ଆଉଟ ହୋଇଥିଲେ। ଏହା ପରେ ଅଭିଷେକ ଶର୍ମା ଓ ଇଶାନ କିଶାନ ଦ୍ୱିତୀୟ ୱିକେଟରେ କିଛିଟା ବିସ୍ଫୋରକ ବ୍ୟାଟିଂ କରି ୪୦ ବଲ୍‌ରୁ ୧୦୮ ରନ୍ ଉଠାଇଥିଲେ। ରୋଷ୍ଟୋନ ଚେଜ୍‌ଙ୍କ ବୋଲିଂରେ ଏକ ବଡ଼ ସଟ୍ ମାରିବାକୁ ଯାଇ ଇଶାନ ଶେ ହୋପ୍‌ଙ୍କ ଦ୍ୱାରା ଷ୍ଟମ୍ପ୍ ଆଉଟ ହେବା ପରେ ଭାରତର ବ୍ୟାଟିଂ ଲଡବଡେଇ ଯାଇଥିଲା। ଏହି ସମୟରେ ଦଳୀୟ ସ୍କୋର ୧୧୫ ଥିଲା ଓ ଇଶାନ ମାତ୍ର ୧୮ ବଲ୍‌ରୁ ୬ଚୌକା ଓ ୧ଛକା ସହ ୩୭ ରନ୍ କରିଥିଲେ। ଏହା ପରେ ୧୧୭ ରନ୍‌ରେ ଶ୍ରେୟସ ଆୟର (୧), ୧୨୪ ରନ୍‌ରେ ଅଭିଷେକ ଶର୍ମା (୬୯), ୧୩୫ ରନ୍‌ରେ ନମନ ଧୀର (୧୦) ଆଉଟ ହୋଇଥିଲେ। ଏହି ସମୟରେ ତିଳକ ବର୍ମା ୧୬ବଲ୍‌ରୁ ୨୮, ନୀତୀଶ ରେଡ୍ଡୀ ୧୪ ବଲ୍‌ରୁ ୨୧ ଓ ଅକ୍ଷର ପଟେଲ ୧୪ ବଲ୍‌ରୁ ୨୦ ରନ୍ କରିବା ଫଳରେ ଦଳ ୨୦୦ ରନ୍ ଅତିକ୍ରମ କରିବାକୁ ସମର୍ଥ ହୋଇଥିଲା। ଅର୍ଶଦୀପ ସିଂହଙ୍କ ୮ବଲ୍‌ରୁ ୧୧ ଏବଂ ପ୍ରିନ୍ସ ଯାଦବଙ୍କ ୬ବଲ୍‌ରୁ ୩ ଚୌକା ସହ ଅପରାଜିତ ୧୩ ରନ୍ ଦଳକୁ କେବଳ ଆଶ୍ୱସ୍ତ କରିଥିଲା।

ୱେଷ୍ଟଇଣ୍ଡିଜ୍‌ର ବୋଲରମାନେ ଏଭଳି ଏକ ଫ୍ଲାଟ୍ ପିଚ୍‌ରେ ଶୃଙ୍ଖଳିତ ବୋଲିଂ ପ୍ରଦର୍ଶନ କରି ଭାରତୀୟ ବ୍ୟାଟରଙ୍କୁ ବେଶିସମୟ କ୍ରିଜ୍‌ରେ ତିଷ୍ଠି ରହିବାକୁ ସୁଯୋଗ ଦେଇ ନ ଥିଲେ। ରୋଷ୍ଟୋନ ଚେଜ୍, ସାମର ଯୋଶେଫ ଓ ସାମର ସ୍ପ୍ରିଙ୍ଗରଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲାବେଳେ ୨ଜଣ ଖେଳାଳି ରନ୍‌ଆଉଟ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର

ଭାରତ : ୨୨୩/୧୦,୨୦ ଓଭର (ଅଭିଷେକ ଶର୍ମା-୬୯, ଇଶାନ କିଶାନ-୩୭, ରୋଷ୍ଟୋନ ଚେଜ୍-୨/୩୮, ସାମର ସ୍ପ୍ରିଙ୍ଗର- ୨/୨୦, ସାମର ଯୋଶେଫ-୨/୫୪)।
ୱେଷ୍ଟଇଣ୍ଡିଜ୍ : ୮୦/୨, ୯ ଓଭର (ହୋପ-୫, ପୂରନ-୨୧*, ହେଟମାୟର-୪୩, ଅର୍ଶଦୀପ ସିଂହ-୧/୨୫)।

■ ପରାଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ-ଏ ସିରିଜ ଜିତିଲା

ଭାରତ-ଏ'ର ସାନ୍ତ୍ୱନାମୂଳକ ବିଜୟ

ପୁଡୁଚେରୀ, ୧୧।୧୦ (ଏଜେନ୍ସି): ଏଠାରେ ରବିବାର ଖେଳାଯାଇଥିବା ଅନ୍ତିମ ତଥା ୩ୟ ଅନଅଫିସିଆଲ୍ ଦିନିକିଆ ମ୍ୟାଚରେ ଘରୋଇ ଭାରତ-ଏ ୪୯ ରନରେ ଅଷ୍ଟ୍ରେଲିଆ-ଏ'କୁ ପରାସ୍ତ କରିଛି। ପରାଜୟ ସତ୍ତ୍ୱେ ଅଷ୍ଟ୍ରେଲିଆ-ଏ ଦଳ ଦିନିକିଆ ସିରିଜକୁ ୨-୧ରେ ବିଜୟୀ ହୋଇଛି। ପୂର୍ବରୁ ଭାରତ-ଏ ସିରିଜର ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୧୨୫ ଓ ୬୯ ରନରେ ପରାସ୍ତ ହୋଇଥିଲା। ରବିବାର ଖେଳାଯାଇଥିବା ୩ୟ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇ ଭାରତ-ଏ ୪୭.୩ ଓଭରରେ ୨୭୫ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ସୂର୍ଯ୍ୟାଂଶ ଶେଜଦେ ୬୬, ଓପନର ପ୍ରିୟାଂଶ ଆର୍ଯ୍ୟ ୪୯, ପ୍ରଭସିମରନ ସିଂହ ୩୯, ଅଧିନାୟକ ଋତୁରାଜ ଗାଏକ୍ୱାଡ ୩୩ ଓ ବିପରାଜ ନିଗମ ୪୦ ରନ କରିଥିଲେ। ଅଷ୍ଟ୍ରେଲିଆ-ଏ'ର ବେନ ଡାରୱିସ ଓ ୱିଲ ସଦରଲାଣ୍ଡଙ୍କୁ ୩ଟି ଲେଖାଏ ୱିକେଟ ମିଳିଥିଲା। ଜବାବରେ ଅଷ୍ଟ୍ରେଲିଆ-ଏ ୪୬.୨ ଓଭରରେ ୨୨୬ ରନରେ ଅଲଆଉଟ୍ ହୋଇଯାଇଥିଲା। ଓପନର ଜୋଶ୍ ଫିଲିପ୍ସ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଘରୋଇ ଦଳ ପକ୍ଷରୁ ଗୁରଜାପନୀତ୍ ସିଂହ ୩ ଏବଂ ଯଶ ଠାକୁର ଓ ନିଶାନ୍ତ ସିନ୍ଧୁଙ୍କୁ ୨ଟି ଲେଖାଏ ୱିକେଟ ମିଳିଥିଲା।

ଟେଷ୍ଟରେ ସର୍ବାଧିକ କ୍ୟାଚ୍; ଷ୍ଟିଭ୍ ସ୍ମିଥ୍‌ଙ୍କ ବିଶ୍ୱରେକର୍ଡ

ଡର୍ବାନ, ୧୧।୧୦ (ଏଜେନ୍ସି): ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ଜଣେ ଫିଲ୍ଡର ଭାବରେ ଟେଷ୍ଟ କ୍ରିକେଟ୍ ଇତିହାସରେ ସର୍ବାଧିକ କ୍ୟାଚ୍ ଧରିବାର ରେକର୍ଡ କରିଛନ୍ତି। ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟର ତୃତୀୟ ଦିବସରେ ସ୍ମିଥ ଏହି କୀର୍ତ୍ତିମାନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସରେ ସେ ଏକାକୀ ୪ଟି କ୍ୟାଚ୍ ଧରିଥିଲେ। ସ୍ମିଥ ମ୍ୟାଚରେ ପ୍ରତିପକ୍ଷ ଅଧିନାୟକ ତେମ୍ବା ବଭୁମାର (୩ ରନ), ଡେଭିଡ୍ ବେଡିଙ୍ଗହାମ (୪୯), କେଲୀ ଭେରେନି (୧୩) ଓ ଆନରିଚ ନୋର୍ଜେ (୧୬ ରନ)ଙ୍କ କ୍ୟାଚ୍ ଧରିଥିଲେ। ଏଥିସହ ଟେଷ୍ଟ କ୍ରିକେଟରେ ସ୍ମିଥଙ୍କ କ୍ୟାଚ୍ ସଂଖ୍ୟା ୨୨୩ରେ ପହଞ୍ଚିଛି। ଏହିକ୍ରମରେ ସେ ଇଂଲଣ୍ଡର ଜୋ ରୁଟଙ୍କୁ ପଛରେ ପକାଇ ଦେଇଛନ୍ତି। କେବଳ ଫିଲ୍ଡର ଭାବରେ ରୁଟ୍ ୧୬୯ଟି ଟେଷ୍ଟରୁ ୨୨୦ଟି କ୍ୟାଚ୍ ଧରିଛନ୍ତି। ଯେତେବେଳେ କି ସ୍ମିଥ ମାତ୍ର ୧୨୬ତମ ଟେଷ୍ଟରେ ଏହି ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ୨୧୦ କ୍ୟାଚ ସହ ରାହୁଲ ଦ୍ରାବିଡ୍ ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ଏହି ମ୍ୟାଚରେ ଅଷ୍ଟ୍ରେଲିଆର ପ୍ରଥମ ପାଳି ସ୍କୋର ୩୯୦ ରନ ଜବାବରେ ଦକ୍ଷିଣ ଆଫ୍ରିକା ୨୮୪ ରନରେ ସୀମିତ ରହିଛି।

ଜାତୀୟ ହକିରେ ଅନମୋଲ୍‌ଙ୍କ ହ୍ୟାଟ୍ରିକ୍

ଭୁବନେଶ୍ୱର, ୧୧।୧୦ (ସମିସ): ଉତ୍ତରପ୍ରଦେଶର ଝାନ୍‌ସୀରେ ଚାଲିଥିବା ୧୬ତମ ଜାତୀୟ ସିନିଅର ପୁରୁଷ ହକିରେ ଓଡ଼ିଶା ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୁଲ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ରବିବାର ୯-୦ ଗୋଲ୍‌ରେ କେରଳକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଅନମୋଲ ଏକ୍କା ହ୍ୟାଟ୍ରିକ ସହ ସର୍ବାଧିକ ୪ଟି ଗୋଲ୍ ଦେଇଥିଲେ। ଏହି ସମସ୍ତ ଗୋଲ୍ ସେ ପେନାଲ୍ଟି କର୍ଣ୍ଣରୁ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଦୀପସାନ ଏକ୍କା ୨ଟି ଏବଂ ସୁଦୀପ୍ ଚିରମାକୋ, ଆର୍ଯ୍ୟନ ଖେସ ଓ ରିତିକ ଲାକ୍ରାଙ୍କ ଷ୍ଟିକ୍ସରୁ ଗୋଟିଏ ଲେଖାଏ ଗୋଲ୍ ବାହାରିଥିଲା। ଓଡ଼ିଶା ଦଳ ଏଥିପୂର୍ବରୁ ଉଦ୍‌ଘାଟନୀ ଦିବସରେ ଗତକାଲି ୧୮-୧ ଗୋଲ୍‌ର ବିଶାଳ ବ୍ୟବଧାନରେ ଉତ୍ତରାଖଣ୍ଡକୁ ହରାଇଥିଲା।

ଭାରତ ବିପକ୍ଷ ଦିନିକିଆ ସିରିଜ୍ ଲାଗି ନ୍ୟୁଜିଲାଣ୍ଡର ୨୧ ଖେଳାଳି ଚୟନ

ଅକ୍‌ଲାଣ୍ଡ,୧୧।୧୦(ଏଜେନ୍ସି): ୨୦୨୩ରେ ଶେଷଥର ଦିନିକିଆ ମ୍ୟାଚ୍ ଖେଳିଥିବା ଫିନ୍ ଆଲେନ୍ ଓ ଲକି ଫର୍ଗୁସନଙ୍କ ସହ ଟିମ୍ ସେଇଫର୍ଟଙ୍କ ପ୍ରତ୍ୟାବର୍ତ୍ତନ ସହ ଭାରତ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ନ୍ୟୁଜିଲାଣ୍ଡ କ୍ରିକେଟ ୨୧ ଜଣ ଖେଳାଳିଙ୍କୁ ଚୟନ କରିଛି। ପ୍ରଥମ ପର୍ଯ୍ୟାୟରେ ନଭେମ୍ବର ୪, ୭ ଓ ୧୦ରେ ଖେଳାଯିବାକୁ ଥିବା ପ୍ରଥମ ୩ଟି ମ୍ୟାଚ୍ ଲାଗି ଗୋଟିଏ ଦଳ ଏବଂ ନଭେମ୍ବର ୧୩ ଓ ୧୫ରେ ଖେଳାଯିବାକୁ ଥିବା ଶେଷ ଦୁଇଟି ମ୍ୟାଚ୍ ଲାଗି ଆଉ ଏକ ଦଳ ଘୋଷଣା କରାଯାଇଛି। ଭାରତ ବିପକ୍ଷ ଟେଷ୍ଟ ସିରିଜ୍‌ରେ ସ୍ଥାନ ପାଇବାକୁ ଥିବା ଦିନିକିଆ ଦଳର ଖେଳାଳିଙ୍କୁ ଶେଷ ୨ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ଏହି ଦଳକୁ ଭାରତୀୟ ବଂଶୋଦ୍ଭବ ଅଲରାଉଣ୍ଡର ରାଚିନ ରବୀନ୍ଦ୍ର ଫିଟ୍ ହେବା ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଟେଷ୍ଟ ଅଧିନାୟକ ଟମ୍ ଲାଥମ ଓ ଡେଭନ କନୱେ ଟମ୍ ଲାଥମ (ଉଭୟ ୱିକେଟରକ୍ଷକ), ମ୍ୟାଟ ହେନରୀ, କାଏଲ ଜାମିସନ, ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ରାଚିନ ରବୀନ୍ଦ୍ର, ନାଥାନ ସ୍ମିଥ୍‌ଙ୍କୁ ଶେଷ ୨ଟି ଦିନିକିଆରୁ ବାଦ୍ ଦିଆଯାଇଛି।

ପ୍ରଥମ ୩ଟି ମ୍ୟାଚ୍ ଲାଗି ଘୋଷିତ ଦଳ: ମିଚେଲ ସାଣ୍ଟନର (ଅଧିନାୟକ), ମାଇକେଲ ବ୍ରେସ୍‌ୱେଲ୍, ମାର୍କ ଚାପମ୍ୟାନ୍, ଡେଭନ କନୱେ, ଜ୍ୟାକବ ଡଫି, ମ୍ୟାଟ ହେନରୀ, କାଏଲ ଜାମିସନ, ଟମ୍ ଲାଥମ (ୱିକେଟରକ୍ଷକ), ଡାରିଲ ମିଚେଲ, ଗ୍ଲେନ୍ ଫିଲିପ୍ସ, ରାଚିନ ରବୀନ୍ଦ୍ର, ନାଥାନ ସ୍ମିଥ୍, ୱିଲ ୟଙ୍ଗ୍ ଓ ବ୍ଲେୟାର ଟିକ୍‌ନର।

ମ୍ୟାଚ୍ ୪ ଓ ୫ ଲାଗି ଟିମ୍: ମିଚେଲ ସାଣ୍ଟନର (ଅଧିନାୟକ), ଫିନ୍ ଆଲେନ୍, ମାଇକେଲ ବ୍ରେସ୍‌ୱେଲ୍, ମାର୍କ ଚାପମ୍ୟାନ୍, କ୍ରିଷ୍ଟିଆନ୍ କ୍ଲାର୍କ, ଜ୍ୟାକବ ଡଫି, ମ୍ୟାଟ ଫିଶର, ଲକି ଫର୍ଗୁସନ, ମିଚେଲ ହେ' ଓ ଟିମ୍ ସେଇଫର୍ଟ (ୱିକେଟ ରକ୍ଷକ), ନିକ୍ କେଲୀ, ୱିଲ ୟଙ୍ଗ୍ ଓ ବ୍ଲେୟାର ଟିକ୍‌ନର।

କେରଳା ବ୍ଲାଷ୍ଟର୍ସର ବିଜୟ ଅଭିଯାନ

ଆଇଏସଏଲ୍-୧୩

ପୁନେ, ୧୧।୧୦ (ଏଜେନ୍ସି): କେରଳା ବ୍ଲାଷ୍ଟର୍ସ ଦଳ ବିଜୟରୁ ଆଇଏସଏଲ୍-୧୩ରେ ଅଭିଯାନ ଆରମ୍ଭ କରିଛି। ରବିବାର ପୁନେର ବାଲେୱାଡି ଷ୍ଟାଡିୟମରେ ଅନୁଷ୍ଠିତ ମୁକାବିଲାରେ କେରଳା ୨-୦ ଗୋଲରେ ଇଣ୍ଟର କାଶୀକୁ ପରାସ୍ତ କରିଥିଲା। ମ୍ୟାଚରେ ଉଭୟାର୍ଦ୍ଧରେ ବ୍ଲାଷ୍ଟର୍ସ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲା। ୧୮ତମ ମିନିଟରେ ଅଧିନାୟକ ଭିବିନ ମୋହନାନଙ୍କ ଗୋଲ୍ ବଳରେ କେରଳା ଖାତା ଖୋଲିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧର ଇଞ୍ଜୁରୀ ଟାଇମ୍ (୯୦+୪ତମ)ରେ ଇଂଲଣ୍ଡର ଆନ୍ଦ୍ରେ ଗ୍ରୀନ ଦଳ ପାଇଁ ଦ୍ୱିତୀୟ ଗୋଲ୍‌ସ୍କୋର କରିଥିଲେ। ଆଷ୍ଟନ ଭିଲ୍ଲା କ୍ଲବର ପୂର୍ବତନ ଖେଳାଳି ଗ୍ରୀନ ଏଥିସହ ଆଇଏସଏଲର ପଦାର୍ପଣ ମ୍ୟାଚରେ ଗୋଲ୍ ଦେବାର ସୌଭାଗ୍ୟ ଲାଭ କରିଛନ୍ତି। ଅପରପକ୍ଷରେ ଗୋଆର ଫାର୍ଟୋଡା ଷ୍ଟାଡିୟମରେ ମୁମ୍ବଇ ସିଟି ବିପକ୍ଷ ମ୍ୟାଚରେ ଘରୋଇ ଚର୍ଚ୍ଚିଲ ବ୍ରଦର୍ସ ୬୦ ମିନିଟ୍ ସୁଦ୍ଧା ୧-୦ ଗୋଲରେ ଅଗ୍ରଣୀ ରହିଛି।

● ଜାତୀୟ ଓପନ୍ ଆଥଲେଟିକ୍ସ

ଓଡ଼ିଶାର ସରୁନ ଓ ମହିଳା ରିଲେ ଦଳକୁ ରୌପ୍ୟ

ଭୁବନେଶ୍ୱର, ୧୧।୧୦ (ସମିସ): ଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମରେ ରବିବାର ଶେଷ ହୋଇଥିବା ୬୫ତମ ଜାତୀୟ ଓପନ୍ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଦୁଇଟି ରୌପ୍ୟ ପଦକ ମିଳିଛି। ଶେଷ ଦିନରେ ପୁରୁଷ ଲଙ୍ଗଜମ୍ପରେ ସରୁନ ପାୟସି ଓ ୪ ଗୁଣା ୧୦୦ ମିଟର ମହିଳା ରିଲେ ରେସରେ ଓଡ଼ିଶାକୁ ଏହି ପଦକ ସଫଳତା ମିଳିଥିଲା। ସରୁନ ୭.୭୯ ମିଟର ଡେଇଁ ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସଏସସିବି)ର ମହମ୍ମଦ ସାଜିଦ (୭.୯୯ ମିଟର)ଙ୍କୁ ଏଥିରେ ସ୍ୱର୍ଣ୍ଣ ପଦକ ମିଳିଥିଲା। ସେହିଭଳି ୪ ଗୁଣା ୧୦୦ ମିଟର ରିଲେ ରେସକୁ ଓଡ଼ିଶା ଦଳ ୪୫.୫୭ ସେକେଣ୍ଡରେ ଫିନିଶ କରି ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଶ୍ରାବଣୀ ନନ୍ଦ, ବିନତୀ ବେହେରା, ମନିଷା ମେରେଇ ଓ ମଧୁସ୍ମିତା ଉତ୍ତର ରାୟ ଓଡ଼ିଶା ରିଲେ ଦଳର ସଦସ୍ୟା ରହିଥିଲେ।

■ ଏସିଆନ ରଗ୍‌ବୀ ସିରିଜ୍

ଭାରତୀୟ ଦଳରେ ଓଡ଼ିଶାରୁ ୮

ଭୁବନେଶ୍ୱର,୧୧।୧୦(ସମିସ): ଶ୍ରୀଲଙ୍କା ଲେଗ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଖେଳାଯିବାକୁ ଥିବା ଏସୀୟ ରଗ୍‌ବୀ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ଏହା ମଧ୍ୟରୁ ଭାରତୀୟ ମହିଳା ଦଳରେ ୫ ଓ ପୁରୁଷ ଦଳରେ ୩ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ମହିଳା ଖେଳାଳିମାନେ ହେଲେ ଡୁମୁଣି ମାରାଣ୍ଡି, ନିର୍ମାଲ୍ୟ ରାଉତ, ମାମା ନାଏକ, ଆରତି ମୁର୍ମୁ ଓ ପାର୍ବତୀ ହାଁସ୍‌ଦା। ପୁରୁଷ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଗଣେଶ ଧାଙ୍ଗଡା ମାଝୀ, ଜୁଗଳ କିଶୋର ମାଝୀ ଓ ଆଶିଷ ଶବର।

ରାଜ୍ୟ ଓପନ ଚେସ୍ ଜିତିଲେ ଶ୍ରୁଜନ ପ୍ରଣୟ

ଭୁବନେଶ୍ୱର,୧୧।୧୦(ସମିସ): ଯାଜପୁରର ଶ୍ରୁଜନ ପ୍ରଣୟ ରାୟଷଷ୍ଠ ରାକେଶ କୁମାର ସାହୁ ସ୍ମାରକୀ ରାଜ୍ୟ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଦ୍ୱାରା କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୁଜନ ଓ ଭୁବନେଶ୍ୱରର ଓମ୍ ଆଦିତ୍ୟ ଖାଡ୍‌ଙ୍ଗା ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ଶ୍ରୁଜନ ଚାମ୍ପିଅନ ଓ ଓମ୍‌ଆଦିତ୍ୟ ରନର୍ସଅପ୍ ହୋଇଥିଲେ। କଟକର ଲଳିତ ରଞ୍ଜନ ସାହୁ ତୃତୀୟ, ଭୁନେଶ୍ୱର କେଭି-୧ର ଆଦର୍ଶ କୁମାର ରାଉତ ଚତୁର୍ଥ ଓ ଯାଜପୁରର ସଞ୍ଜୀବନ ନାୟକ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।

ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ

ଫାଇନାଲରେ ଓଡିଏମ୍ ଗ୍ଲୋବାଲ

ଭୁବନେଶ୍ୱର,୧୧।୧୦(ସମିସ): ଓଡିଏମ୍ ଗ୍ଲୋବାଲ ସ୍କୁଲ ପ୍ରଥମ ଦଳ ଭାବେ ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ୟୁନିଟ୍-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଓଡିଏମ୍ ଗ୍ଲୋବାଲ ୫-୦ ଗୋଲରେ ବିକାଶ ରେସିଡେନସିଆଲ ସ୍କୁଲ୍‌କୁ ପରାସ୍ତ କରିଥିଲା। ୨ଟି ଗୋଲ ଦେଇଥିବା ଆୟସ ଗୋପେଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆସନ୍ତାକାଲି କିସ୍ ବନାମ କ୍ୟାପିଟାଲ ସ୍କୁଲ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ ଓଡିଏମ୍ ଗ୍ଲୋବାଲ ଫାଇନାଲ ଖେଳିବ। ଓଡ଼ିଶାର ପୂର୍ବତନ

ମହିଳା ଖେଳାଳିଙ୍କୁ ଆଜି ଆୟୋଜକ ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଇଣ୍ଡିଆନ୍ ୟୁନିସ୍ପୋର୍ଟ୍ସ ଫେଡେରେସନ୍

ଅଚ୍ୟୁତ ସାମନ୍ତ ପ୍ରଥମ ସଭାପତି

ଭୁବନେଶ୍ୱର,୧୧।୧୦(ସମିସ): କିସ୍ ଓ କିଟ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଇଣ୍ଡିଆନ ୟୁନିସ୍ପୋର୍ଟ୍ସ ଫେଡେରେସନର ପ୍ରଥମ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକରେ ସର୍ବସମ୍ମତିକ୍ରମେ ସାମନ୍ତଙ୍କୁ ସଭାପତି ନିର୍ବାଚିତ କରାଯାଇଛି। ଏହି ସଂଘ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତି ପାଇଛି ଓ ୟୁନିଭର୍ସିଟି ସ୍ପୋର୍ଟ୍ସକୁ ଆଗକୁ ନେବା ଲାଗି ଉପଯୁକ୍ତ ପ୍ଲାଟଫର୍ମ ଯୋଗାଇବ ବୋଲି ସାମନ୍ତ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକ ୨୫,୦୦୦ ଟଙ୍କା ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଗୁଡିକ ୭୫,୦୦୦ ଟଙ୍କା ଦେୟ ଦେଇ ଏହି ସଂଘରେ ସାମିଲ ହୋଇପାରିବେ।

ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଆଜିଠାରୁ

ଭୁବନେଶ୍ୱର,୧୧।୧୦ (ସମିସ): କ୍ରିକେଟ ଆସୋସିଏସନ ଅଫ୍ ଭିଜୁଆଲ ଇମ୍ପେୟାର୍ଡ (ସିଏଭିଆଇ) ଆନୁକୂଲ୍ୟରେ ଏକାଦଶ ରାଜ୍ୟ ଦୃଷ୍ଟିବାଧିତ କ୍ରିକେଟ ଚାମ୍ପିଅନସିପ୍ ଆସନ୍ତାକାଲିଠାରୁ ଅନୁଷ୍ଠିତ ହେବ। ଅକ୍ଟୋବର ୧୬ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୧୮ ଟି ଜିଲ୍ଲାରୁ ଟିମ୍ ଅଂଶଗ୍ରହଣ କରୁଛନ୍ତି। ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ଖେଳାଯିବାକୁ ଏହି ଟୁର୍ଣ୍ଣାମେଣ୍ଟରୁ ଜାତୀୟ କ୍ରିକେଟ ପ୍ରତିଯୋଗିତା ଲାଗି ଖେଳାଳି ଚୟନ କରାଯିବ ବୋଲି ସିଏଭିଆଇ ସଭାପତି ମହମ୍ମଦ୍ ଜାଫର ଇକବାଲ ପ୍ରକାଶ କରିଛନ୍ତି।

ଓଡ଼ିଶା-ଗୁଜରାଟ ରଣଜୀ ମୁକାବିଲାର ପ୍ରଥମ ଦିନ

ଗୌରବଙ୍କ ଶତକ, ସନ୍ଦୀପଙ୍କ ଅର୍ଦ୍ଧଶତକ

ଭୁବନେଶ୍ୱର,୧୧।୧୦(ସମିସ)

ଓପନର ଗୌରବ ଚୌଧୁରୀଙ୍କ ପ୍ରଥମଶତକ ଓ ସନ୍ଦୀପ ପଟ୍ଟନାୟକଙ୍କ ଅର୍ଦ୍ଧଶତକ ବଳରେ ଅହମଦାବାଦ୍‌ରେ ଗୁଜରାଟ ସହ ଆରମ୍ଭ ହୋଇଥିଲା ରଣଜୀ ଏଲିଟ-ସି' ଗ୍ରୁପ୍ ମୁକାବିଲାର ପ୍ରଥମ ଦିନ ଓଡ଼ିଶା ନିୟନ୍ତ୍ରଣରେ ରହିଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୨୭୨ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଗୌରବ ୧୨୧ ଓ ସନ୍ଦୀପ ୬୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନେ ଶେଷଯାଏ ଆଉଟ ନ ହୋଇ ଚତୁର୍ଥ ୱିକେଟରୁ ୧୨୪ ରନ୍ ଉଠାଇବା ଫଳରେ ଓଡ଼ିଶା ଏକ ସମ୍ମାନଜନକ ସ୍କୋର ଅଭିମୁଖେ ଅଗ୍ରସର ହୋଇଛି। ଓଡ଼ିଶାର ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅନ୍ୟତମ ଡେବ୍ୟୁଟାଣ୍ଟ ଅଲରାଉଣ୍ଡର ଓମ୍‌ଟି ମୁଣ୍ଡେ ୩୭, ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୯ ଓ ଓପନର ସ୍ୱସ୍ତିକ ସାମଲ ୯ ରନ୍ କରିଥିଲେ। ଗୁଜରାଟ ପକ୍ଷରୁ ଅଧିନାୟକ ଚିନ୍ତନ ଗଜ, ଆର୍ଜନ ନାଗସୱାଲା ଓ ଭେଟେରାନ ହର୍ଷଲ ପଟେଲ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଏହି ମ୍ୟାଚ୍‌ରେ ୩ଜଣ ଖେଳାଳି ରଣଜୀ ଡେବ୍ୟୁ କରିଛନ୍ତି। ସେମାନଙ୍କ ମଧ୍ୟରୁ ଓଡ଼ିଶାର ଓମ୍‌ଟି ମୁଣ୍ଡେ ଓ ସମ୍ବିତ ବେଜା ଥିଲାବେଳେ ଗୁଜରାଟର ଜଣେ ଖେଳାଳି ସିଦ୍ଧାନ୍ତ ତ୍ରିବେଦୀ ଅଛନ୍ତି।

ଅହମଦାବାଦ୍‌ର ନରେନ୍ଦ୍ର ମୋଦୀ 'ବି' ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଓଡ଼ିଶା ଅଧିନାୟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଦଳ ଦ୍ୱିତୀୟ ଓଭରରେ ଓପନର ସ୍ୱସ୍ତିକ ସାମଲଙ୍କୁ ହରାଇଥିଲା। ସ୍ୱସ୍ତିକ ୯ ରନ୍ କରି ଆଉଟ ହେବା ପରେ ଗୌରବ ଚୌଧୁରୀ ବ୍ୟାଟିଂ ଭାର ନିଜ କାନ୍ଧରେ ବହନ କରି ଓଡ଼ିଶାର ସ୍କୋରକୁ ଆଗକୁ ବଢ଼ାଇଥିଲେ। ପ୍ରଥମେ ସେ ଦ୍ୱିତୀୟ ୱିକେଟରେ ଡେବ୍ୟୁଟାଣ୍ଟ ଓମ୍‌ଟି ମୁଣ୍ଡେଙ୍କ ସହ ୮୬, ତୃତୀୟ ୱିକେଟରେ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ସହ ୫୩ ରନ୍ ଉଠାଇଥିଲେ। ୮୪ ବଲ୍ ଖେଳି ମୁଣ୍ଡେ ୬ ଚୌକା ସହ ୩୭ ଓ ଅଭିଜ୍ଞ ଶୁଭ୍ରାଂଶୁ ୪୬ବଲ୍‌ରୁ ୪ ଚୌକା ସହ ୨୯ ରନ୍ କରି ଆଉଟ ହୋଇଥିଲେ। ୧୪୮ ରନ୍‌ରେ ତୃତୀୟ ୱିକେଟ ପଡ଼ିବା ପରେ ଗୌରବ ଓ ସନ୍ଦୀପ ଆଉ କୌଣସି କ୍ଷତି ହେବାକୁ ନ ଦେଇ ଶେଷ ପର୍ଯ୍ୟନ୍ତ ଆଉଟ ହୋଇ ନ ଥିଲେ। ଜୀବନର ୫ମ ରଣଜୀ ମ୍ୟାଚ୍‌ରେ ପ୍ରଥମ ଶତକ ହାସଲ କରିଥିବା ଗୌରବ ଚୌଧୁରୀ ଓ ସନ୍ଦୀପ ପଟ୍ଟନାୟକ ୨୫୨ ବଲ୍‌ର ସାମ୍ନା କରି ୧୨୪ ରନ୍ ଉଠାଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଗୌରବ ୨୬୩ ବଲ୍ ଖେଳି ୧୦ ଚୌକା ଓ ୨ଛକା ସହ ୧୨୧ ଏବଂ ସନ୍ଦୀପ ପଟ୍ଟନାୟକ ୧୩୯ ବଲ୍‌ର ସାମନା କରି ୧୨ ଚୌକା ସହ ୬୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଏଠାରେ ଗୁଜରାଟ ବୋଲରମାନେ ବିଶେଷ ପ୍ରଭାବଶାଳୀ ସାବ୍ୟସ୍ତ ହୋଇ ପାରି ନ ଥିଲେ। ଆସନ୍ତାକାଲି ଦ୍ୱିତୀୟ ଦିନ ପୂରା ବ୍ୟାଟିଂ କରିବାକୁ ଯୋଜନା କରିଥିବା ଓଡ଼ିଶା ଏହି ମ୍ୟାଚ୍‌ରେ ଦୁଇଜଣ ଯାକ ପେସୋଦାର ଖେଳାଳି ନିନାଦ ରାଠୱା ଓ ଲଳିତ ଯାଦବଙ୍କୁ ସୁଯୋଗ ଦେଇଥିଲାବେଳେ ୨ଜଣ ଖେଳାଳି ଓମ୍‌ଟି ମୁଣ୍ଡେ ଓ ସମ୍ବିତ ବେଜାଙ୍କୁ ଡେବ୍ୟୁ କରାଇଛି।

ଓଡ଼ିଶା ଏକାଦଶ: ସ୍ୱସ୍ତିକ ସାମଲ, ଗୌରବ ଚୌଧୁରୀ, ଓମ୍‌ଟି ମୁଣ୍ଡେ, ଶୁଭ୍ରାଂଶୁ ସେନାପତି (ଅଧିନାୟକ), ସନ୍ଦୀପ ପଟ୍ଟନାୟକ, ଆଶୀର୍ବାଦ ସ୍ୱାଇଁ (ୱିକେଟରକ୍ଷକ), ନିନାଦ ରାଠୱା, ସମ୍ବିତ ବେଜା, ରାଜେଶ ମହାନ୍ତି, ଲଳିତ ଯାଦବ ଓ ବାଦଲ ବିଶ୍ୱାଳ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY